R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୧୪୯

ତିଥି: ପୂର୍ଣ୍ଣିମା

୦୩ ମାର୍ଚ୍ଚ ୨୦୨୬, ମଙ୍ଗଳବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

03 March 2026, Tuesday

Bhubaneswar | Balasore | Angul | Berhampur | Sambalpur


### ହୋଲି ଶୁଭେଚ୍ଛା

ରଙ୍ଗର ପର୍ବ ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ 'ସମୟ'ର ଅଗଣିତ ପାଠକ, ପାଠିକା, ଲେଖକ, ଲେଖିକା, ବିଜ୍ଞାପନଦାତା, ସମ୍ବାଦଦାତା, ଏଜେଣ୍ଟ ଓ ବିତରକମାନଙ୍କୁ 'ସମୟ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ।

ନିର୍ଦ୍ଦେଶିକା

### 'ସମୟ'ର ଛୁଟି

ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ 'ସମୟ' କାର୍ଯ୍ୟାଳୟ ଚଳିତ ମାର୍ଚ୍ଚ ମାସ ୩ ଓ ୪ ତାରିଖ ମଙ୍ଗଳ ଓ ବୁଧବାର ଦୁଇଦିନ ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୦୬ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ ।

ନିର୍ଦ୍ଦେଶିକା

## ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି



■ ୩ ଦିନରେ ମଧ ଅବ୍ୟାହତ ରହିଛି ମିଶାଇଲ ମାଡ଼

■ ୫୫୫ ଜଣଙ୍କର ମୃତ୍ୟୁ, ୧୩୧ ସହର ପ୍ରଭାବିତ

■ ନେତ୍ୟାନେହୁଙ୍କ କାର୍ଯ୍ୟାଳୟରେ ମିଶାଇଲ ମାଡ଼

■ ତେଲ ଟ୍ୟାଙ୍କର ଜାହାଜରେ ମିଶାଇଲ ଆକ୍ରମଣ

ନୂଆଦିଲ୍ଲୀ, ୨।୩ : ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣର ତୃତୀୟ ଦିନରେ ବି ମଧ୍ୟପ୍ରାଚ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି । ତୃତୀୟ ଦିନରେ ବି ଇରାନ ପକ୍ଷରୁ ବିଭିନ୍ନ ଗଲ୍ଫ ରାଷ୍ଟ୍ର ଉପରେ ଆକ୍ରମଣ ଜାରି ରଖିଛି । ମିଡିଆ ରିପୋର୍ଟ ଅନୁଯାୟୀ ଦୁଇ ଦିନରେ ଚାଲିଥିବା ଏହି ଆକ୍ରମଣରେ ୫୫୫ (୯ ପୃଷ୍ଠାରେ)

## ଆଜି ଚନ୍ଦ୍ର ଗ୍ରହଣ

**୧୨ ଘଣ୍ଟା ପୂର୍ବରୁ ପାକତ୍ୟାଗ**

**ସନ୍ଧ୍ୟା ୬.୪୭ରେ ସର୍ବମୋକ୍ଷ**

ଭୁବନେଶ୍ୱର, ୨।୩ (ସବ୍ୟୁ) : ଆସନ୍ତାକାଲି ଦୋଳ ପୂର୍ଣ୍ଣିମାରେ କେତୁଗ୍ରସ୍ତ ଗ୍ରସ୍ତୋଦ୍ୱୟ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେଉଛି । ଓଡ଼ିଶା ଓ ଭାରତକୁ ଏହାର ଆଂଶିକ ଦୃଶ୍ୟ ହେବା ଗ୍ରହଣ ଆରମ୍ଭ ଦିନ .୩.୨୦ରେ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ଗ୍ରହଣ ଦିବା ୪.୩୪ରେ ହେଉଥିବାବେଳେ ଦିନ ଯୋଗୁ ଏହା ଦୃଶ୍ୟମାନ ହେବନାହିଁ ।

ସୂର୍ଯ୍ୟାସ୍ତ ପୂର୍ବରୁ ଅପରାହ୍ନ ୫.୩୨ ମିନିଟ୍ ମଧ୍ୟରେ ସମ୍ପୂର୍ଣ୍ଣ ଶେଷ ହେବ । ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟା ୫.୫୦ରେ ଚନ୍ଦ୍ରୋଦ୍ୱୟ ଗ୍ରହଣ ଲାଗିଥିବା ଅବସ୍ଥାରେ ହେବ । ଯାହା ଦୃଶ୍ୟ ହେବାସହ ଏହା ଗ୍ରହଣର ଶେଷ ଆଂଶିକ ପର୍ଯ୍ୟାୟ ସନ୍ଧ୍ୟା ୬.୪୭ରେ ସର୍ବମୋକ୍ଷ ହେବ । ଚନ୍ଦ୍ରଗ୍ରହଣରେ ଗ୍ରହଣ ସ୍ୱର୍ଶର ୯

## ମାର୍ଚ୍ଚ ୨୫ ଶ୍ରୀଜଗନ୍ନାଥଙ୍କ ରତ୍ନ ଗଣତି ମଣତି

ପୁରୀ, ୨।୩ (ସବ୍ୟୁ) : ଆସନ୍ତା ମାର୍ଚ୍ଚ ୨୫ ତାରିଖ ଚୈତ୍ର ଶୁକ୍ଳ ପକ୍ଷ ସପ୍ତମୀ ତିଥି ବୁଧବାର ଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ସ୍ୱର୍ଣ୍ଣ ଅଳଙ୍କାରର ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହେବ । ଏହି ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ସୋମବାର ଅପରାହ୍ନରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଥିବା ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି

ନିଷ୍ପତ୍ତି ହୋଇଛି । ଏଥି ପାଇଁ ମାହେନ୍ଦ୍ର ବେଳା ୧୨ଟା ୧୨ ରୁ ୧ଟା ୪୫ ମିନିଟ ମଧ୍ୟରେ ବାହାରିଛି । ସୂଚନା ମୁତାବକ, ରତ୍ନଭଣ୍ଡାର ଗଣତିମଣତି (୯ ପୃଷ୍ଠାରେ)

### ସିମ୍‌ବକ୍ସ ଜବତ, କେରଳର ଦୁଇ ଇଞ୍ଜିନିୟର ଗିରଫ

## ଚାଇନାରୁ ହେଉଥିଲା ଅପରେଟ୍

■ ମିଳିଛି ଆସାମର ଶହ ଶହ ସିମ୍

■ ଅନ୍ତର୍ଜାତୀୟ କଲ୍ ଲୋକାଲ୍ କଲ୍‌ରେ ପରିଣତ

ଭୁବନେଶ୍ୱର, ୨।୩ (ସବ୍ୟୁ) : ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଏକ ଘରୁ ପୋଲିସ ସିମ୍‌ବକ୍ସ ଜବତ କରିବା ସହ ଅପରେଟ୍ କରୁଥିବା କେରଳର ଦୁଇଜଣ ଡିଗ୍ରୀଧାରୀ ଇଞ୍ଜିନିୟରଙ୍କୁ ଗିରଫ କରାଯାଇଛି । କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଚନ୍ଦ୍ରଶେଖରପୁର ଥାନା ପୋଲିସ ମିଳିତ ଭାବେ ସୋମବାର ପୂର୍ବାହ୍ନରେ ଚଢ଼ାଉ କରିଥିଲା । ଆସାମର ଶହ ଶହ ସିମ୍ ଜବତ କରିଛି ପୋଲିସ । ଦୁଇ ଯୁବକଙ୍କୁ ଚାଇନାରୁ ଅପରେଟ୍ ହେଉଥିବା କୁହାଯାଉଥିବା ବେଳେ କେଉଁ କେଉଁ ଦେଶକୁ ଚେର ଲମ୍ବିଛି ତଦନ୍ତ ଆଗକୁ ବଢ଼ିଲେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ଆନ୍ତର୍ଜାତୀୟ କଲ୍‌କୁ ଲୋକାଲ୍ କଲରେ ପରିଣତ କରାଉଥିଲେ ଗିରଫ ଦୁଇ ଯୁବକ ।

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳ ଏକ ୱାର୍କିଂ ହଷ୍ଟେଲର ଗୋଟିଏ ରୁମ୍ ଭଡାକୁ ନେଇ ସେଠାରେ ସିମ୍‌ବକ୍ସ ସ୍ଥାପନ କରି ଅପରେଟ୍ କରାଯାଉଥିଲା । ଗିରଫ କେରଳର ଦୁଇ ଯୁବକଙ୍କୁ ସାଇବର ମାଫିଆମାନେ ନିଯୁକ୍ତି ଦେଇଥିବା କୁହାଯାଉଛି । ଯେଉଁ ସିମ୍‌ବକ୍ସରେ ସିମ୍‌ଗୁଡିକୁ ଅପରେଟ୍ କରାଯାଉଥିଲା ସେହି ସଫ୍ଟୱେୟାର ବାଂଲାଦେଶର ହୋଇଥିବା ବେଳେ ଚାଇନାର ହାର୍ଡୱେୟାର ଓ ଆସାମର ସିମ୍ ବ୍ୟବହାର କରୁଥିଲେ ମାଫିଆମାନେ । କେବଳ ଚନ୍ଦ୍ରଶେଖରପୁର ନୁହେଁ ଝାଡଖଣ୍ଡର ରାଞ୍ଚିରେ ମଧ ଏହି ସାଇବର ମାଫିଆମାନେ ସିମ୍‌ବକ୍ସ ବସାଇ ସେଠାରୁ ମଧ ଅପରେଟ୍ କରୁଥିଲେ । ଏହି ଆସାମ ସିମ୍ ମାଧମରେ କେଉଁ ପ୍ରକାର ସାଇବର କ୍ରାଇମ୍ ସାଇବର ମାଫିଆମାନେ କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ । ଜାତୀୟ, ଆନ୍ତର୍ଜାତୀୟସ୍ତରର ସାଇବର ମାଫିଆମାନେ ଏହିପରି ବିଭିନ୍ନ ରାଜ୍ୟର ମୁଖ୍ୟାଳୟରେ ସିମ୍‌ବକ୍ସ ବସାଇ ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ଦେଇ ସାଇବର କ୍ରାଇମ୍‌କୁ ପରିଚାଳିତ କରୁଛନ୍ତି ।

ପୂର୍ବରୁ ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ସିମ୍‌ବକ୍ସ ଜବତ କରାଯିବା ସହ ଅପରେଟ୍ କରୁଥିବା ଯୁବକଙ୍କୁ ଗିରଫ କରାଯାଇଥିଲା । ହେଲେ ସେମାନେ କେଉଁ (୯ ପୃଷ୍ଠାରେ)

## ରାଜ୍ୟସଭାରେ ବିଜେପି ଦେବ ୩ ପ୍ରାର୍ଥୀ!

**୧୬ ସେଟ୍ ନାମାଙ୍କନ ଫର୍ମ ନେଲା ବିଜେପି**

**ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବିଧାୟକଙ୍କ ବୈଠକ**

**ଡା.ଦତ୍ତେଶ୍ୱରଙ୍କୁ ସମର୍ଥନ କରିବାକୁ କଂଗ୍ରେସର ନିଷ୍ପତ୍ତି**

ଭୁବନେଶ୍ୱର, ୨।୩ (ସବ୍ୟୁ) : ଓଡ଼ିଶାରୁ ଖାଲି ହେଉଥିବା ୪ ରାଜ୍ୟସଭା ସଦସ୍ୟଙ୍କ ଲାଗି ହେବାକୁ ଥିବା ନିର୍ବାଚନରେ ଏବେ ନୂଆ ରାଜନୈତିକ ହଙ୍ଗଚମଟ ଦେଖିବାକୁ ମିଳିଛି । ବିଜେପି ପକ୍ଷରୁ ରାଜ୍ୟସଭା ନିର୍ବାଚନ ପାଇଁ ୧୬ସେଟ୍ ନାମାଙ୍କନପତ୍ର ନିଆଯାଇଛି । ଯାହା ଏବେ ରାଜନୈତିକ ଦ୍ୱନ୍ଦ୍ୱକୁ ବଢ଼ାଇଛି । ତେବେ ବିଜେପି ୩ ପ୍ରାର୍ଥୀ ଦେଇପାରେ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଆସନ୍ତା ୫ ତାରିଖରେ ବିଜେପି ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବେ ।

ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ବିଜେପି ବିଧାୟକମାନଙ୍କୁ ଡକାଯାଇ ବୈଠକ କରାଯାଇଛି । ରାଜ୍ୟସଭା ନିର୍ବାଚନରେ କିଭଳି ଭୋଟ୍ ଦେବେ ସେ ସମ୍ପର୍କରେ ସୂଚନା ଦିଆଯାଇଛି । ବୈଠକରେ ଥିବା ୮୦ ବିଧାୟକଙ୍କ ସ୍ୱାକ୍ଷର ନିଆଯାଇଥିବା କୁହାଯାଉଛି । ଅପରପକ୍ଷରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବିଧାନସଭା ସଚିବାଳୟରୁ ୧୬ ସେଟ୍ ପ୍ରାର୍ଥିପତ୍ର ଆଣିଛନ୍ତି । ପୂର୍ବରୁ ବିଜେଡି ଓ କଂଗ୍ରେସ ରାଜ୍ୟସଭା ନିର୍ବାଚନ ଲାଗି ଫର୍ମ ନେଇଥିଲେ । ବିଜେଡି ଇତି ମଧ୍ୟରେ ଦୁଇ ପ୍ରାର୍ଥୀ ଘୋଷଣା କରିଛି । ସନ୍ତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବାବେଳେ ଡା. ଦତ୍ତେଶ୍ୱର ହୋତାଙ୍କୁ (୯ ପୃଷ୍ଠାରେ)

## ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ : ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମାଡ଼

ବାସୁଦେବପୁର, ୨।୩ (ସବ୍ୟୁ): ବାସୁଦେବପୁର ବ୍ଲକର କିସ୍ମତ କୃଷ୍ଣପୁର ପଞ୍ଚାୟତର କିସ୍ମତ କୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଶନିବାର ଦିନ ଦୁଷ୍କର୍ମ କରଥିବା ଅଭିଯୋଗ କରି ସୋମବାର ପୂର୍ବାହ୍ନରେ ଶହଶହ ଗ୍ରାମବାସୀ ବିଦ୍ୟାଳୟରେ ପଶି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିସ୍ଥୁକ ମାଡ଼ ମାରିବା ସହ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକ କରଛନ୍ତି ।


ବାସୁଦେବପୁର ବ୍ଲକର କିସ୍ମତ କୃଷ୍ଣପୁର ପଞ୍ଚାୟତର (୯ ପୃଷ୍ଠାରେ)

## ରାଜ୍ୟ ଖାଉଟି ବିବାଦ ସମାଧାନ କମିଶନରେ ପଡ଼ିବ ତାଲା !

କଟକ, ୨।୩(ସବ୍ୟୁ) : ରାଜ୍ୟ ଖାଉଟି ବିବାଦ ସମାଧାନ କମିସନରେ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ମୋଟ୍ ଚାରିଜଣ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଆସନ୍ତାକାଲି ଅର୍ଥାତ ୩ତାରିଖ ଦିନ ତିନିଜଣ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଛି । ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନିଆଯାଇନି । ଫଳରେ ରାଜ୍ୟ ଖାଉଟି କମିସନରେ ଏକପ୍ରକାର ତାଲା ପକାଇବା ସ୍ଥିତି ସୃଷ୍ଟି ହୋଇଛି । କେବଳ ରାଜ୍ୟ ଖାଉଟି କମିସନ ନୁହେଁ (୯ ପୃଷ୍ଠାରେ)









**ଓଡ଼ିଆ ସଂସ୍କୃତିର ଏକ ଅନନ୍ୟ ଗଣପର୍ବ ହେଉଛି ଦୋଳ ପୂର୍ଣ୍ଣିମା, ଯାହା ପୁରପଲ୍ଲୀରେ ଆନନ୍ଦ ଭରିଦେଇଥାଏ । ଭଗବାନ ଶ୍ରୀକୃଷ୍ଣ ଓ ମାତା ରାଧାଙ୍କ ପ୍ରେମର ପ୍ରତୀକ ଭାବେ ଏହି ରଙ୍ଗର ପର୍ବକୁ ସମସ୍ତେ ଖୁବ ଉଲ୍ଲାସରେ ପାଳନ କରନ୍ତି । ଏହି ପର୍ବ ସାମାଜିକ ଏକତା ଓ ସାଂସ୍କୃତିକ ଗୌରବର ଏକ ଜ୍ୱଳନ୍ତ ଉଦାହରଣ ।**



# ଦୋଳ ପୂର୍ଣ୍ଣିମା

ଫାଲ୍ଗୁନ ଶୁକ୍ଳ ପୂର୍ଣ୍ଣିମା ତିଥିରେ ପାଳିତ ହେଉଥିବା ଏହି ପର୍ବ ବସନ୍ତ ଋତୁର ପୂର୍ଣ୍ଣତାକୁ ସୂଚାଏ । ଏହି ସମୟରେ ପ୍ରକୃତି ବିଭିନ୍ନ ରଙ୍ଗବେରଙ୍ଗର ପୁଷ୍ପରେ ସଜେଇ ହୋଇଥାଏ ଏବଂ ମୃଦୁ ମଳୟ ପବନ ମନକୁ ଆନ୍ଦୋଳିତ କରେ । ଦୋଳ ପୂର୍ଣ୍ଣିମାରେ ଓଡ଼ିଶାର ପ୍ରତିଟି ଗ୍ରାମ ଓ ସହରରେ ଲୋକମାନେ ଅତି ଉତ୍ସାହର ସହ ଦୋଳ ଯାତ୍ରାର ଆୟୋଜନ କରନ୍ତି । ଗାଁର ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କୁ ଏକ ସୁସଜ୍ଜିତ ମଞ୍ଜୁଳ 'ବିମାନ'ରେ ବସାଇ ପଟୁଆର ସହ ଗ୍ରାମ ପରିକ୍ରମା କରାଯାଏ । ଭକ୍ତମାନେ ଶଙ୍ଖ, ଘଣ୍ଟ ଓ ମୃଦଙ୍ଗ ବଜାଇ ପାରମ୍ପରିକ ସଂକୀର୍ତ୍ତନରେ ମଜ୍ଜି ରହନ୍ତି ॥ ଏହାପରେ ଠାକୁରଙ୍କ ଗ୍ରାମରେ ଥିବା ଦୋଳବେଦୀରେ ବିଜେ କରାଯାଇଥାଏ । ଦୋଳପୂର୍ଣ୍ଣିମା ଦିନ ସେଠାରେ ସମସ୍ତେ ଯାଇ ଠାକୁରଙ୍କୁ ଦର୍ଶନ କରିବା ସହିତ ଅବିର, ଭୋଗ ଓ ଆମ୍ବ ଅର୍ପଣ କରନ୍ତି । ଓଡ଼ିଶାରେ ଦୋଳପୂର୍ଣ୍ଣିମାରେ ଠାକୁରଙ୍କୁ ଆମ୍ବ ଲାଗି ହେବାପରେ ଯାଇ ଏଠାରେ ଲୋକମାନେ ଆମ୍ବ ଖାଇଥାଆନ୍ତି । ସେହିଭଳି ପୁରୀର ଗ୍ରାମେଗ୍ରାମେ ଏହି ଦିନ ନାଗା ପରମ୍ପରା ପାଳନ ହୋଇଥାଏ । ଗ୍ରାମର ଲୋକମାନେ ନାଗା ବେଶରେ ସଜ୍ଜିତ ହୋଇ ନାଗା ନୃତ୍ୟ ପ୍ରଦର୍ଶନ କରନ୍ତି, ଯାହା ଉତ୍କଳୀୟ ପରମ୍ପରାକୁ ପ୍ରକାଶ କରିଥାଏ । ଦୋଳ ପୂର୍ଣ୍ଣିମାର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି 'ଫଗୁ' ବା ଅବିର ଖେଳ । ପ୍ରଥମେ ଠାକୁରଙ୍କ ଚରଣରେ ଫଗୁ ଲାଗି କରାଯାଇଥାଏ ଏବଂ ଏହାପରେ ଭକ୍ତମାନେ ପରସ୍ପରର ମୁହଁରେ ରଙ୍ଗ ଲଗାଇ 'ହୋଲି'ର ଆନନ୍ଦ ଉପଭୋଗ କରନ୍ତି । ଗାଁର ପ୍ରତ୍ୟେକ ଗୃହସ୍ଥ ନିଜ ଦ୍ୱାର ଆଗରେ ଠାକୁରଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥାନ୍ତି । କିଛି ସ୍ଥାନରେ ଠାକୁରଙ୍କୁ ପଞ୍ଚାମୃତ, ଭୋଗ ଓ ନୂତନ ପଳାଶ ଫୁଲ ଅର୍ପଣ କରାଯାଏ । ଅନେକ ସ୍ଥାନରେ ଏହାକୁ 'ଗୋପାଳଙ୍କ ପର୍ବ' ମଧ୍ୟ କୁହାଯାଏ, ଯେଉଁଠାରେ ଲଉଡ଼ି ଖେଳ ବା ବାଉଁଶ ବାଡ଼ିରେ କରାଯାଉଥିବା ଏକ ପ୍ରକାର ନୃତ୍ୟ ପ୍ରଦର୍ଶନ କରାଯାଏ । ଏହି ଖେଳ ଶ୍ରୀକୃଷ୍ଣଙ୍କ ଗୋପାଳ ବେଶର ସ୍ମୃତି ଚାରଣ କରିଥାଏ । ପୁରୀ ଶ୍ରୀମନ୍ଦିରରେ ଏହି ଦିନର ଗୁରୁତ୍ୱ ଅତ୍ୟନ୍ତ ଅଧିକ । ମହାପ୍ରଭୁ ଜଗନ୍ନାଥ ଏହି ଦିନ ସୁନାବେଶରେ ଭୂଷିତ ହୋଇ ଦୋଳବେଦୀକୁ ବିଜେ କରନ୍ତି । ଓଡ଼ିଆ ସଂସ୍କୃତିରେ ଏହି ଦିନଟି 'ନବବର୍ଷ'ର ପୂର୍ବ ସୂଚନା ଦେଇଥାଏ । ଓଡ଼ିଆ ପରମ୍ପରା ଅନୁସାରେ, ଦୋଳ ପୂର୍ଣ୍ଣିମା ଦିନ ହିଁ ନୂଆ ପାଞ୍ଜି ପଠନ କରାଯାଏ । ଜ୍ୟୋତିଷମାନେ ଗ୍ରାମର ମଧ୍ୟଭାଗରେ ବସି ଆଗାମୀ ବର୍ଷରେ ବର୍ଷା, ଶସ୍ୟ ଉତ୍ପାଦନ ଓ ଦେଶର ଶୁଭାଶୁଭ ବିଷୟରେ ଫଳାଫଳ ପ୍ରଦାନ କରନ୍ତି, ଯାହାକୁ ଶୁଣିବା ପାଇଁ ସମସ୍ତ ଗ୍ରାମବାସୀ ଏକତ୍ରିତ ହୁଅନ୍ତି । ଏହି ପର୍ବରେ ଘରେ ଘରେ ସୁଆଦିଆ ପଣା ପ୍ରସ୍ତୁତ କରାଯାଏ । ବିଶେଷ କରି ଛେନା, କଦଳୀ, କ୍ଷୀର ଓ ମିଶ୍ରିରେ ପ୍ରସ୍ତୁତ 'ଦୋଳ ପଣା' ସମସ୍ତଙ୍କର ପ୍ରିୟ । ଏହି ଦିନ ମାନ-ଅଭିମାନ ଓ ଶତ୍ରୁତା ଭୁଲି ସମସ୍ତେ ଏକାଠି ହୁଅନ୍ତି । ପୁରୁଣା ମନାନ୍ତରକୁ ପୋଛି ଦେଇ ସମସ୍ତେ ରଙ୍ଗରେ ରଙ୍ଗିନ ହୋଇ ଏକ ନୂଆ ସମ୍ପର୍କର ଆରମ୍ଭ କରନ୍ତି । ଦୋଳ ପୂର୍ଣ୍ଣିମା ବାସ୍ତବରେ ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ଓ ଲୋକକଳାର ଏକ ନିଚ୍ଛକ ପ୍ରତିଫଳନ ।

**ଭାରତ ହେଉଛି ପର୍ବପର୍ବାଣିର ଦେଶ, ଏବଂ ହୋଲି ବା ରଙ୍ଗର ପର୍ବ ଏହାର ଅନ୍ୟତମ ମୁଖ୍ୟ ଆକର୍ଷଣ । ବସନ୍ତ ଋତୁର ଆଗମନରେ ସମଗ୍ର ଦେଶ ଉତ୍ସବମୁଖର ହୋଇଉଠେ । ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ପରମ୍ପରା, କିମ୍ବଦନ୍ତୀ ଏବଂ ରୀତିନୀତି ଅନୁସାରେ ହୋଲି ପାଳନ କରାଯାଏ । କେଉଁଠି ଲାଠିରେ ପ୍ରହାର କରି ହୋଲି ଖେଳାଯାଏ ତ କେଉଁଠି ପାଉଁଶ ବ୍ୟବହାର କରାଯାଏ ।**

# ଭିନ୍ନ ସ୍ଥାନ ଭିନ୍ନ ହୋଲି



## ଲଠମାର ହୋଲି

ଉତ୍ତରପ୍ରଦେଶର ମଥୁରା ଜିଲ୍ଲା ଅନ୍ତର୍ଗତ ବରସାନା ଏବଂ ନନ୍ଦଗାଁଓର 'ଲଠମାର ହୋଲି' ବିଶ୍ୱପ୍ରସିଦ୍ଧ । ପରମ୍ପରା ଅନୁସାରେ, ନନ୍ଦଗାଁଓର ପୁରୁଷମାନେ ବରସାନାକୁ ହୋଲି ଖେଳିବାକୁ ଆସନ୍ତି ଏବଂ ସେଠାକାର ମହିଳାମାନେ ସେମାନଙ୍କୁ ଲାଠି ବା ବାଡ଼ିରେ ପ୍ରହାର କରନ୍ତି । ପୁରୁଷମାନେ ନିଜକୁ ଏକ ଢାଲ ସାହାଯ୍ୟରେ ରକ୍ଷା କରନ୍ତି । ଏହା ଭଗବାନ ଶ୍ରୀକୃଷ୍ଣ ଓ ରାଧାଙ୍କ ମଧ୍ୟରେ ଥିବା ପ୍ରେମ ଓ ଥଟ୍ଟାତାମସାର ଏକ ପ୍ରତୀକ ଭାବେ ପାଳିତ ହୁଏ ।

## ହୋଲା ମୋହଲା

ଶିଖ୍ ସମ୍ପ୍ରଦାୟ ଦ୍ୱାରା ପାଳିତ ହେଉଥିବା ଏହି ଉତ୍ସବ ହୋଲିର ପରଦିନ ଅନୁଷ୍ଠିତ ହୁଏ । ଏହା ରଙ୍ଗ ଅପେକ୍ଷା ବୀରତ୍ୱର ପର୍ବ ଅଟେ । ଏଠାରେ 'ନିହାଙ୍ଗ ଶିଖ୍'ମାନେ ନିଜର ସାମରିକ କଳା କୌଶଳ ପ୍ରଦର୍ଶନ କରନ୍ତି । ଘୋଡ଼ସବାରୀ, ତରବାରୀ ଚାଳନା ଏବଂ କୁସ୍ତି ଭଳି ପ୍ରଦର୍ଶନ ଦେଖିବାକୁ ମିଳେ । ଏହାର ଉଦ୍ଦେଶ୍ୟ ହେଉଛି ସମାଜରେ ଶୌର୍ଯ୍ୟ ଓ ସାହସ ବଜାୟ ରଖିବା ।

## ଶିଗମୋ ଉତ୍ସବ

ଗୋଆରେ ହୋଲିକୁ 'ଶିଗମୋ' କୁହାଯାଏ । ଏହା ମୁଖ୍ୟତଃ କୃଷକମାନଙ୍କର ଏକ ପର୍ବ । ଏଠାରେ ଲୋକମାନେ ପାରମ୍ପରିକ ପୋଷାକ ପିନ୍ଧି ରାସ୍ତାରେ ନୃତ୍ୟ କରନ୍ତି ଏବଂ ବିଭିନ୍ନ ପ୍ରକାରର ସାଂସ୍କୃତିକ ଶୋଭାଯାତ୍ରା ବାହାରେ । ଗ୍ରାମାଞ୍ଚଳରେ ଲୋକମାନେ ଢୋଲ ବଜାଇ ଗୀତ ଗାଇ ରଙ୍ଗ ଖେଳନ୍ତି, ଯାହା ଗୋଆର ଲୋକକଳାକୁ ପ୍ରତିଫଳିତ କରେ ।

## ଭାଗୋରିଆ ହୋଲି

ଏହା ମୁଖ୍ୟତଃ ଭିଲ୍ ଏବଂ ଭିଲାଲା ଆଦିବାସୀ ସମ୍ପ୍ରଦାୟର ଏକ ଅନନ୍ୟ ପର୍ବ । ଏହି ସମୟରେ ଏକ ବଡ଼ ହାଟ ବା ବଜାର ବସେ । ଏହା କେବଳ ରଙ୍ଗ ଖେଳ ନୁହେଁ, ବରଂ ଏହା ଯୁବକ-ଯୁବତୀମାନଙ୍କ ପାଇଁ ନିଜ ଜୀବନସାଥୀ ବାଛିବାର ଏକ ସୁଯୋଗ ମଧ୍ୟ ପ୍ରଦାନ କରିଥାଏ । ଲୋକମାନେ ନିଜର ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ନୃତ୍ୟ କରନ୍ତି ।

## ରଙ୍ଗପଞ୍ଚମୀ

ହୋଲି ପୂର୍ଣ୍ଣିମାର ପାଞ୍ଚ ଦିନ ପରେ 'ରଙ୍ଗପଞ୍ଚମୀ' ପାଳନ କରାଯାଏ । ବିଶେଷ କରି ଇନ୍ଦୋର ଭଳି ସହରରେ ରଙ୍ଗପଞ୍ଚମୀ ଦିନ ବିରାଟ ଜନସମାଗମ ହୁଏ । ବଡ଼ ବଡ଼ ପାଣି ଟ୍ୟାଙ୍କର ସାହାଯ୍ୟରେ ଆକାଶରୁ ରଙ୍ଗୀନ ପାଣି ବର୍ଷା କରାଯାଏ । ଲୋକମାନେ ଏହାକୁ ଭଗବାନଙ୍କର ଆଶୀର୍ବାଦ ମନେ କରି ଏଥିରେ ସ୍ନାନ କରନ୍ତି ।

## ମାଞ୍ଜିଲ କୁଳି



କେରଳରେ ହୋଲିକୁ 'ମାଞ୍ଜିଲ କୁଳି' ବା 'ଉକୁଳି' କୁହାଯାଏ । ଦକ୍ଷିଣ ଭାରତରେ ହୋଲିର ପ୍ରଭାବ ଉତ୍ତର ଭାରତ ପରି ଏତେଟା ନଥିଲେ ମଧ୍ୟ କେରଳର କୋଙ୍କଣୀ ସମ୍ପ୍ରଦାୟ ଏହାକୁ ପାଳନ କରନ୍ତି । ଏଠାରେ କୃତ୍ରିମ ରଙ୍ଗ ବଦଳରେ ହଳଦୀ ପାଣି ବ୍ୟବହାର କରାଯାଏ । ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିଶ୍ୱାସ କରାଯାଏ ।



## ଟିପ୍ସ

ପ୍ରାକୃତିକ ରଙ୍ଗର ବ୍ୟବହାର : ସବୁବେଳେ ହର୍ବାଲ୍ ବା ପ୍ରାକୃତିକ ରଙ୍ଗ ଏବଂ ଅବିର ବ୍ୟବହାର କରନ୍ତୁ । ରାସାୟନିକ ରଙ୍ଗରେ ଥିବା କ୍ଷତିକାରକ ପଦାର୍ଥ ଚର୍ମରେ ଆଲର୍ଜି ସୃଷ୍ଟି କରିବାର ଆଶଙ୍କା ରହିଛି ।

ତେଲ ଲଗାନ୍ତୁ : ହୋଲି ଖେଳିବାକୁ ଯିବା ପୂର୍ବରୁ ସମଗ୍ର ଶରୀରରେ ନଡ଼ିଆ ତେଲ କିମ୍ବା କୌଣସି ମଶ୍ଚରାଇଜର ଲଗାନ୍ତୁ । ଏହା ଦ୍ୱାରା ରଙ୍ଗ ଚର୍ମର ଗଭୀରକୁ ଯାଇପାରିବ ନାହିଁ ଏବଂ ଖେଳ ପରେ ରଙ୍ଗ ସହଜରେ ଛଡ଼ାଇ ହେବ ।

କେଶର ଯତ୍ନ : ହୋଲି ଖେଳିବା ପୂର୍ବରୁ କେଶରେ ଭଲ ଭାବେ ତେଲ ଲଗାନ୍ତୁ । ହୋଲି ଖେଳ ସମୟରେ କେଶକୁ ଖୋଲା ନ ରଖି ବାନ୍ଧି ରଖିବା ଭଲ, ଯାହାଫଳରେ ରଙ୍ଗ କେଶର ମୂଳକୁ କ୍ଷତି ପହଞ୍ଚାଇବ ନାହିଁ ।

ସଠିକ୍ ପୋଷାକ ଚୟନ : ଶରୀରକୁ ସମ୍ପୂର୍ଣ୍ଣ ରୂପେ ଘୋଡ଼ାଇ ରଖୁଥିବା ପୋଷାକ ପିନ୍ଧନ୍ତୁ । ଏହା ଦ୍ୱାରା ସୂର୍ଯ୍ୟଙ୍କ କିରଣ ଏବଂ ରଙ୍ଗରୁ ଚର୍ମ ସୁରକ୍ଷିତ ରହିବ ।

ଆଖିର ସୁରକ୍ଷା : ରଙ୍ଗ ଖେଳିବା ସମୟରେ ଚଷମା ବ୍ୟବହାର କରନ୍ତୁ । ଏହା ଆଖିକୁ ରଙ୍ଗରୁ ରକ୍ଷା କରିବ । ଯଦି ଆଖିରେ ଭୁଲରେ ରଙ୍ଗ ପଶିଯାଏ, ତେବେ ତୁରନ୍ତ ଥଣ୍ଡା ପାଣିରେ ଆଖିକୁ ଧୋଇ ଦିଅନ୍ତୁ ।

ନଖର ସୁରକ୍ଷା : ନଖରେ ରଙ୍ଗ ଜମି ରହିବା ଫଳରେ ଏହା ଖାଇବା ସମୟରେ ପେଟକୁ ଯାଇପାରେ । ତେଣୁ ଖେଳିବା ପୂର୍ବରୁ ନଖରେ ଏକ ମୋଟା ସ୍ତରର 'ନେଲ ପଲିସ' ଲଗାଇ ଦିଅନ୍ତୁ ।

ଜଳପାନ କରନ୍ତୁ : ଖେଳିବା ସମୟରେ ଶରୀରରେ ଜଳୀୟ ଅଂଶ କମିବାର ସମ୍ଭାବନା ଥାଏ, ତେଣୁ ପର୍ଯ୍ୟାପ୍ତ ପରିମାଣର ପାଣି ଏବଂ ଜୁସ୍ ପିଅନ୍ତୁ ।

ଶିଶୁ ଓ ପ୍ରାଣୀଙ୍କ ପ୍ରତି ଧ୍ୟାନ : ଛୋଟ ପିଲାଙ୍କୁ ରଙ୍ଗଠାରୁ ସୁରକ୍ଷିତ ଦୂରତାରେ ରଖନ୍ତୁ ଏବଂ ପୋଷା ଜୀବଜନ୍ତୁଙ୍କ ଉପରେ ରଙ୍ଗ ପକାନ୍ତୁ ନାହିଁ, କାରଣ ଏହା ସେମାନଙ୍କ ପାଇଁ ମାରାତ୍ମକ ହୋଇପାରେ ।



**ମେଷ-** ଶତ୍ରୁଠାରୁ ବିଜୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ଶରୀର ସୁସ୍ଥ, ଶୁଭଖବର, ମାନସିକ ଖୁସି, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ଭଗବାନ ଶିବ ।

**ବୃଷ-** ସହଯୋଗ ବୃଦ୍ଧି, ଅର୍ଥ ସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ବିଦେଶ ଭ୍ରମଣ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ-** ଅପମାନ, ଶରୀର କଷ୍ଟ, ବନ୍ଧୁଲାଭ, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଗାଡ଼ିଚାଳନାରେ ସତର୍କତା ଶତ୍ରୁ ସମସ୍ୟା, ଆଶା ବିଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା- ମା ବଗଳାମୁଖୀ ।

**କର୍କଟ-** ଧନଲାଭ, ନୂତନ କାର୍ଯ୍ୟରେ ଖୁସି, ସମ୍ପତ୍ତି ବିବାଦ, ଶରୀର ସୁସ୍ଥ, ଉଚ୍ଚଆଶାରେ ଶୁଭ, ଦ୍ରବ୍ୟଲାଭ, ନିଯୁକ୍ତି ଲାଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ମା ଦକ୍ଷିଣକାଳୀ ।

**ସିଂହ-** ସମ୍ମାନିତ, ପାରିବାରିକ ଦୁଃଖ, ସମ୍ପତ୍ତିଲାଭ, ନୂତନ କର୍ମ ଆରମ୍ଭ, ଶୁଭଖବର, ଯାତ୍ରାରେ ସାବଧାନ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୯, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା-** ବନ୍ଧୁ ଲାଭ, ଆଶା ସଫଳ, ଲୋକସମ୍ପର୍କରେ ଉନ୍ନତି, ବିବାଦ ସମାଧାନ, ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା-** ମାନସିକ ଅଶାନ୍ତି, ବନ୍ଧୁ ବିରୋଧ, ଯାତ୍ରାରେ ସତର୍କତା, ଅର୍ଥଲାଭ, ଭ୍ରାତୃ ଭଗ୍ନୀଙ୍କ ସ୍ନେହ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା-** ମାନସିକ ଶାନ୍ତି, ବିବାଦମୁକ୍ତ, ଶତ୍ରୁ ସମସ୍ୟା, ଉଚ୍ଚଆଶାରେ ବିଳମ୍ବ, କଚେରୀ ମାମଲା, ନୂତନ କାର୍ଯ୍ୟ ଆରମ୍ଭ, ଶରୀରସୁସ୍ଥ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା- ୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ-** ଶରୀର ଅସୁସ୍ଥ, ଅର୍ଥସମସ୍ୟା, ବ୍ୟବସାୟରେ କଷ୍ଟ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, କିଛି କାର୍ଯ୍ୟରେ ବିବାଦ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**ମକର-** ଅର୍ଥଲାଭ, ବ୍ୟବସାୟରେ ଶତ୍ରୁତା, ଦୂରଯାତ୍ରା, ମାମଲା ସମାଧାନ, ନୂତନ କାର୍ଯ୍ୟ ଆରମ୍ଭ, ଶତ୍ରୁ ସମସ୍ୟାର ସମାଧାନ, ସମ୍ମାନ ବୃଦ୍ଧି ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ମା ମଙ୍ଗଳା ।

**କୁମ୍ଭ-** ଅର୍ଥସମସ୍ୟା, ଦୂରଯାତ୍ରା, ଦେବକାର୍ଯ୍ୟରେ ଲାଭ, ଯାତ୍ରା ସମସ୍ୟା, ଦ୍ରବ୍ୟ ନଷ୍ଟ, ଶତ୍ରୁ ସମସ୍ୟା, ବ୍ୟବସାୟିକ କଷ୍ଟ, ବିଦ୍ୟାରେ ସଫଳ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ପ୍ରତିକାର- ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ ।

**ମୀନ-** ଯାତ୍ରାରେ ଶୁଭ, ସମ୍ପତ୍ତି ବିବାଦ, ଭ୍ରାତୃ କଳହ, ଶରୀର ସୁସ୍ଥ, ଆଶାରେ ସଫଳ, ନୂତନ ବନ୍ଧୁଲାଭ, ପିଲାଙ୍କ ସମସ୍ୟା, ଅର୍ଥ ସମସ୍ୟା, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ୍, ସଂଖ୍ୟା-୬, ଆରାଧନା- ମା ଭଗବତୀ ।

**ଫାଲଗୁନ ଶୁକ୍ଳପକ୍ଷ, ପୂର୍ଣ୍ଣିମା**
**୩.୩.୨୦୨୬ ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮ ୯୧୭୨୮ ୪୩୩୮



ସିଆଇଏସ୍ଏଫ୍‌ର ମହାନିର୍ଦ୍ଦେଶକ ପ୍ରବୀର ରଞ୍ଜନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି । ପାଖରେ ଅଛନ୍ତି ଡିଜିପି ୱାଇ.ବି . ଖୁରାନିଆ

## ବିଦ୍ୟୁତ ଖୁଣ୍ଟରେ ଧକ୍କା ଦେଲା ବାଇକ୍, ୨ ଗୁରୁତର

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ପ୍ରତିମାଦେଇପୁର ହୋଲି ପଡିଆ ନିକଟରେ ଘଟିଛି ଭୟଙ୍କର ବାଇକ ଦୁର୍ଘଟଣା । ବାଇକ ଚାଳକ ନିଶାସକ୍ତ ଅବସ୍ଥାରେ ଯାଇ ରାସ୍ତାପାର୍ଶ୍ୱ ବିଦ୍ୟୁତ ଖୁଣ୍ଟରେ ଧକ୍କା ଖାଇଲା । ଘଟଣା ସ୍ଥଳରେ ବାଇକରେ ଥିବା ୨ଯୁବକ ଗୁରୁତର । ହାତୀଝୁରୀ ଗ୍ରାମର ମାନସ ପାଟବନ୍ଧା ଓ ରାଜକିଶୋର ଦେହୁରୀ ପ୍ରବଳ ନିଶାସକ୍ତ ଅବସ୍ଥାରେ ଓଡି୦୧ବିବି-୭୪୭୬ନଂ ବାଇକ ଯୋଗେ ବୈଶିଙ୍ଗାରୁ ମାଣତ୍ରୀ ଅଭିମୁଖେ ଅତ୍ୟନ୍ତ ଦ୍ରୁତ ଗତିରେ ଯାଉଥିବାବେଳେ ପ୍ରତିମାଦେଇପୁର ହୋଲି ପଡିଆ ନିକଟରେ ବାଇକ ଉପରୁ ଭାରସାମ୍ୟ ହରାଇ ଦେଇଥିଲେ ଓ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଶକ୍ତ ଧକ୍କା ଦେଇଥିଲେ । ପରେ ବାଇକ ସହିତ ରାସ୍ତା ଉପରୁ ପ୍ରାୟ ୨୦ଫୁଟ ତଳକୁ ଖସି ଲଟାବୁଦା ଭିତରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ । ସ୍ଥାନୀୟ ଲୋକ ଉଭୟଙ୍କୁ ଗୁରୁତର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ରାସ୍ତା ଉପରକୁ ଆଣିଥିଲେ । ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ପୁଲିସ ଭ୍ୟାନରେ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ହେଲେ ଉଭୟଙ୍କର ରକ୍ତସ୍ରାବ ବନ୍ଦ ହୋଇନଥିଲା, ଯୋଉଁଥିପାଇଁ ଉଭୟଙ୍କୁ ଉନ୍ନତ ଚିକିତ୍ସା ନିମିତ୍ତ ବାଲେଶ୍ୱର ଡାକ୍ତରଖାନାକୁ ପଠାଯାଇଥିଲା । ପୁଲିସ ବାଇକ ଜବତ ପୂର୍ବକ ତଦନ୍ତ ଆରମ୍ଭ କରିଛି ।

### ଅଶାନ୍ତ ହେଉଛି ଜେନାପୁର ଥାନା ଅଞ୍ଚଳ

## ବେଆଇନ ପଥର ଖଣିରେ ଶ୍ରମିକ ମୃତ୍ୟୁ ଘଟଣା : ରେଷ୍ଟୁରାଣ୍ଟ ଜାଳିଦେଲେ ଦୁର୍ବୃତ୍ତ

ଚଡେଇଧରା/ଜେନାପୁର, (ସବ୍ୟୁ) ଯାଜପୁର ଜିଲ୍ଲାର ଜେନାପୁର ଥାନା ଅଞ୍ଚଳ ଏବେ ଧିରେଧିରେ ଅଶାନ୍ତ ଓ ଅସୁରକ୍ଷିତ ହୋଇପଡିଛି । ଶନିବାର ଦିନ ଏହି ଥାନାର ଡଙ୍କାରୀ,ବାରମାଣ ଓ ମାଳଗୋଡା ସନ୍ନିକଟ ଏକ ବେଆଇନ କଳାପଥର ଖଣିରେ ପଥର ଚୋରିବେଳେ ଅତଡା ଧସିବାରୁ ତା ତଳେ ଚାପିହୋଇ ଜଣେ ଶ୍ରମିକର ମୃତ୍ୟୁ ଘଟିଥିଲା । ଏହି ଦୁଖଦ ଘଟଣାରେ ଜେନାପୁର ପୋଲିସର ଶିଥିଳତା ଓ ପଥର ଚୋରଙ୍କ ମନମାନି ବିରୁଦ୍ଧରେ ମୃତକ ପରିବାର ଓ ଗ୍ରାମବାସୀ ଉତ୍ତେଜିତ ହୋଇ ଚଡେଇଧରା-ଢେଙ୍କାନାଳ ରାସ୍ତାରେ ଶବରଖି ରାସ୍ତାରୋକ କରିଥିଲେ । ଏପଟେ ରାସ୍ତାରୋକ କରି ଲୋକେ ପୋଲିସର କାର୍ଯ୍ୟଧାରାକୁ ସମାଲୋଚନା କରୁଥିଲା ବେଳେ ଠିକ ସେତିକି ବେଳେ ଏହି ଥାନାର ବାଟିଯୋଡା ଛକରେଥିବା ନାୟକ ବାର ଓ ରେଷ୍ଟୁରାଣ୍ଟରେ କେତେକ ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣ କରି ନିଆଁ ଲଗାଇ ଜାଳି ଦେଇଥିଲେ । ସେମାନଙ୍କ ଉତ୍ପାତରେ ସେହି ହୋଟେଲ ଓ ବାର ସହିତ କାର,ପିକପ ସହିତ ଅନେକ ମୋଟର ସାଇକେଲ ନିଆରେ ଭସ୍ମୀଭୂତ ହୋଇଯାଇଥିଲା । ଏପଟେ ଦୁଇଦିନ ହେଲା ବେଆଇନ କଳାପଥର ଖଣିରେ ଶ୍ରମିକର ମୃତ୍ୟୁ ନେଇ ସମଗ୍ର ଅଞ୍ଚଳରେ ଅଶାନ୍ତି ଲାଗି ରହିଥିଲେ ମଧ୍ୟ ପୋଲିସ ଅଦ୍ୟାବଧି ତାକୁ ପ୍ରଶମିତ



କରିପାରି ନାହିଁ । ଏପରିକି ଶ୍ରମିକ ମୃତ୍ୟୁକୁ ନେଇ ଏବେସୁଦ୍ଧା ଥାନାରେ କେଶ ପଞ୍ଜିକରଣ ନକରି ପୋଲିସ ଚୁପହୋଇ ବସିଛି । ଏପରିସ୍ଥଳେ ଦୁର୍ବୃତ୍ତମାନେ ବାର ରେଷ୍ଟୁରାଣ୍ଟରୁ ଲୁଟପାଟ କରିବା ସହ ଗାଡି ପୋଡିଦେବା ଘଟଣାରେ କେଶ ପଞ୍ଜିକରଣ ହୋଇଥିଲେ ମଧ୍ୟ ଦୁଇଦିନ ମଧ୍ୟରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଜେନାପୁର ଥାନା ଅଞ୍ଚଳରେ ଶତାଧିକ ବେଆଇନ କଳାପଥର ଖଣିରୁ ବ୍ୟାପକ ପଥର ଚୋରି ହେବାସହ ତତ୍ ଜନିତ ଏକାଧିକ ଅଘଟଣ ଘଟି ଚାଲିଛି । ହେଲେ କୌଣସି ଗୋଟିଏ ବି ଘଟଣାରେ ପୋଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି । ବେଆଇନ ଖଣିରେ ଶ୍ରମିକ ମୃତ୍ୟୁ ପରି ଘଟଣାର ତିନି ଦିନ ପରେ ବି କାହିଁକି ଏତଲା ପଞ୍ଜିକୃତ ହୋଇନାହିଁ ଓ ତଦନ୍ତ ଆରମ୍ଭ ହୋଇନାହିଁ ବୋଲି ପ୍ରଶ୍ନ କରିବାରୁ ସେ ତାହାର କୌଣସି ଉତ୍ତର ଦେଇନାହାଁନ୍ତି ଥାନା ଅଧିକାରୀ ।

## ମହାନଦୀବିହାରରେ ଦହିବରା ଦିବସ ଓ ଦୋଳ ଉତ୍ସବ

କଟକ, (ସ୍ୱପ୍ର) : ପବିତ୍ର ଫଗୁଦଶମୀ ଅବସରରେ ମହାନଦୀବିହାରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର,ଆଖଣ୍ଡଳୀ ମନ୍ଦିର ର ଯୁଗଳ ଦେବତା ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ଦୋଳପର୍ବ ଭକ୍ତି ଓ ଆନନ୍ଦମୟ ପରିବେଶରେ ପାଳିତ ହୋଇଯାଇଛି । ଫଗୁଦଶମୀରୁ ଆରମ୍ଭ ହୋଇ ତ୍ରୟୋଦଶୀ ପର୍ଯ୍ୟନ୍ତ ଭୋଗ ଦୋଳ ଯାତ୍ରା ଅନ୍ତର୍ଗତ ରାଧାକୃଷ୍ଣ ସୁସଜ୍ଜିତ ଦୋଳ ବିମାନରେ ମନ୍ଦିରରୁ ବିଜେ କରି ଘରେଘରେ ପରିକ୍ରମଣ କରୁଥିଲେ । ଆଜି ଦୋଳ ବିଜେ କ୍ରମେ ସେକ୍ଟର–୩ନଂ ନିବାସୀ ତଥା ମହାନଦୀବିହାର ଡିଭେଲପମେଣ୍ଟ ଆସୋସିଏସନ (ଏମଡିଏ) ର ସଭାପତି ସଞ୍ଜୟ ଜେନାଙ୍କ ବାସଭବନରେ ପହଂଚି ଭୋଗ ଗ୍ରହଣ କରିଥିଲେ । ଘଂଟ, ଝାଞ୍ଜ ଓ ମୃଦଙ୍ଗର ମଙ୍ଗଳ ଧ୍ୱନି ମଧ୍ୟରେ ବିଧିବିଧାନ ସହ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା ଏବଂ ପରେ ଅଂଚଳବାସୀଙ୍କ ଘରକୁ ଘର ପରିକ୍ରମଣ କରାଯାଇଥିଲା । ଏହି ଅବସରରେ କଟକବାସୀଙ୍କ ପ୍ରିୟ ପାରମ୍ପରିକ ଖାଦ୍ୟ ଦହିବରାକୁ ସମର୍ପିତ ଦହିବରା ଦିବସ ମଧ୍ୟ ଉତ୍ସାହର ସହ ପାଳିତ ହୋଇଥିଲା । ଏମଡିଏ ସଭାପତି ଶ୍ରୀ ଜେନା ତାଙ୍କ ବାସଭବନରେ ଭକ୍ତବୃନ୍ଦ ଓ ଅଂଚଳବାସୀଙ୍କ ପାଇଁ ଦହିବରାର ବିଶାଳ ପସରା ମେଲାଇ ଆତିଥ୍ୟ ପ୍ରଦାନ କରିଥିଲେ । ରିଦ୍ଧି ସିଦ୍ଧି ଫୁଡ୍ ବେଭ୍ରଜ ପକ୍ଷରୁ ଦହିବରା ଓ ଚାଇ କର୍ଣ୍ଣ ପକ୍ଷରୁ ଦହି–ଲସୀ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଏମଡିଏ ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ପ୍ରଭାକର ରଣା, ଜ୍ଞାନ ରଞ୍ଜନ ଦାସ, ମୁରବୀ ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ରବିନ୍ଦ୍ରନାଥ ମହାନ୍ତି, ଅଭୟ ପରିଜା, ବିଷ୍ଣୁ କର , ରାଧାକାନ୍ତ ଶତପଥୀ, ସୁଶାନ୍ତ ଘୋଷ, ରାକେଶ ତ୍ରିପାଠୀ, ମାନବେଶ ରାୟ, ଦୀପକ କୁମାର ମହାନ୍ତି, ରିତେଶ ଜେନା, ସାଇ ସୌରଭ ଜେନାଙ୍କ ସମେତ ବହୁ ଅଂଚଳବାସୀ ଉପସ୍ଥିତ ଥିଲେ ।

## ବ୍ରାଉନସୁଗର ଜବତ : ଦୁଇ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ସଦରଥାନା ପୁଲିସ ବ୍ରହ୍ମପୁରା ଖଣି ନିକଟରୁ ଦୁଇଜଣ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି । ସେମାନଙ୍କ ଠାରୁ ୧୧.୦୬ଗ୍ରାମ ବ୍ରାଉନସୁଗର, ନଗଦ ୨୦,୪୦୦ଟଙ୍କା, ୨ଟି ମୋବାଇଲ ଫୋନ୍ ଏବଂ ଓଡି୧୧-



ଭି-୪୩୦୦ ନଂ ବିଶିଷ୍ଟ ଏକ ମୋଟରସାଇକେଲ କୁ ପୁଲିସ ଜବତ କରିଛି । ଏସ୍ଆଇ ଚନ୍ଦନ କୁମାର ଦାସଙ୍କ ଅଭିଯୋଗ କ୍ରମେ ପୁଲିସ୍ ୮୮/୨୬ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି ।

ପ୍ରକାଶଥାଉକି, ବ୍ରହ୍ମପୁରା ନିକଟ ଖଣି ଠାରେ ବ୍ରାଉନସୁଗର ବେପାର ହେଉଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା । ତାଙ୍କୁ ଧରିବା ଲାଗି ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଏସ୍ଆଇ ଚନ୍ଦନ କୁମାର ଦାସଙ୍କ ନେତୃତ୍ୱରେ ଆଜି ଅପରାହ୍ନ ସମୟରେ ଚଢଉ କରିଥିଲେ । ଚଢଉବେଳେ ନାସରୁଲ୍ଲା ଓ ରଞ୍ଜନ ଖିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ତାଙ୍କୁ କାବୁ କରିଥିଲା ।

ଗିରଫ ଦ୍ୱୟ ହେଲେ ନୟାଗଡ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ବାମୁଡା ର ନାସରୁଲ୍ଲା ହକ୍ (୨୮) ଏବଂ ଆଦର୍ଶ ଥାନା ଗୁରୁଜଙ୍ଗ ଦ୍ୱାରିକାନଗର ର ରଞ୍ଜନ କୁମାର ସୁନ୍ଦରାୟ (୩୬) ।

## ଦୁର୍ଘଟଣାରେ ଦୁଇ ମୃତକଙ୍କ ପରିବାରଙ୍କୁ ଭେଟିଲେ ବିଧାୟକ

ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଂଚାୟତ ଉପୁଳା ଗାଁରେ ଶନିବାର ରାତିରେ ସଂକୀର୍ତ୍ତନ ସାରି ଫେରୁଥିବା ବେଳେ ଦୃଘଟଣାର ସମ୍ମୁଖୀନ ହୋଇ ଦୁଇଜଣ ଯୁବକଙ୍କର ମୃତ୍ୟୁ ଘଟିଥିଲା । ମୃତ ଯୁବକ ଦ୍ୱୟ ହେଲେ ଉପେନ୍ଦ୍ର ମଲିକ ଓ ଚନ୍ଦନ ମଲିକ । ଉଭୟ ପରିବାରର ରୋଜଗାର କ୍ଷମ ଦୁଇ ଯୁବକଙ୍କ ଏପରି ଦୁଖଦ ମୃତ୍ୟୁ ଖବର ପାଇ ସୋମବାର ଦିନ ବଡଚଣା ବିଧାୟକ ଅମରକୁମାର ନାୟକ ଉଭୟ ପରିବାରଙ୍କୁ ସାକ୍ଷାତ କରି ସମବେଦନା ଜଣାଇଥିଲେ । ଏଥିସହ ସେହି ଦୃଘଟଣାରେ ଗୁରୁତର ହୋଇଥିବା ଲକ୍ଷ୍ମୀଧର ମଲିକଙ୍କୁ ଭେଟି ତାଙ୍କର ଆସୁଆରୋଗ୍ୟ କାମନା କରିଥିଲେ । ବିଧାୟକଙ୍କ ସହିତ ମଣ୍ଡଳ ସଭାପତି ବିମଳ ପ୍ରଧାନ, ଜିଲା କାର୍ଯ୍ୟକାରି ସଭାପତି ଲଲାଟେନ୍ଦୁ ମହାପାତ୍ର,ଯୁବ ନେତା ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଜିପି କଲୋନୀ ସ୍କୁଲ ପଡ଼ିଆ ହତ୍ୟାକାଣ୍ଡ

## ଆଇଆଇସି କହିଲେ ମୁଁ ଯେମିତି କହୁଛି ଏତଲା ସେମିତି ଲେଖ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀ ହାଇସ୍କୁଲ ଖେଳ ପଡ଼ିଆ ରାହୁଲ ମହାରଣା ହତ୍ୟାକାଣ୍ଡରେ ପୋଲିସ ଯେଉଁ ଅପରାଧୀମାନଙ୍କୁ ଗିରଫ କରିଛି ଓ ତଦନ୍ତ ପ୍ରଣାଳୀକୁ ପରିବାର ଲୋକେ ଗ୍ରହଣ କରୁନାହାନ୍ତି । ମୃତ ରାହୁଲଙ୍କ ପନୀ କ୍ରିଷ୍ଣାଙ୍କ କହିବାନୁଯାୟୀ ଆଇଆଇସି ମୋ ନଣନ୍ଦଙ୍କୁ କହିଲେ- ମୁଁ ଯେମିତି କହୁଛି ସେମିତି ଏତଲା ଲେଖ । ନଚେତ୍ ମନଇଚ୍ଛା ଲେଖିଲେ ତାହା ମୁଁ ଗ୍ରହଣ କରିବି ନାହିଁ । ତାଙ୍କ କହିବାନୁଯାୟୀ ପୂର୍ବ ଶତ୍ରୁତାରୁ ଯୋଜନାବଦ୍ଧ ଭାବେ ମୋ ସ୍ୱାମୀଙ୍କୁ ହତ୍ୟା କରାଯାଇଛି । ଯଦି ଶିବା ଚମ୍ପତି ଯୋଗୁ ହତ୍ୟାକାଣ୍ଡ ଘଟିଲା, ତେବେ ପୋଲିସ ଶିବାର ବୟାନ ରେକର୍ଡ କରିଛି କି ? ଶିବା ଏବେ କେଉଁଠି ଅଛି ଓ ତାକୁ ଅଭିଯୁକ୍ତ ଦାଦି-ପୁତୁରା ଆକ୍ରମଣ କରିଥିଲେ କି ନାହିଁ, ତାହା ମଧ୍ୟ ସନ୍ଦେହ ବୋଲି ଗଣମାଧ୍ୟମକୁ କହିଛନ୍ତି ରାହୁଲଙ୍କ ପନୀ କ୍ରିଷ୍ଣା । ପୂର୍ବରୁ ବାହାଘର ସମୟରେ ପାର୍କିଂକୁ ନେଇ ଯେଉଁ ଗଣ୍ଡଗୋଳ ହୋଇଥିଲା ସେ ସମାଧାନ ଠିକ୍ ଭାବେ ହୋଇନଥିଲା । ଥାନା ପାଖରେ ଅପରାଧୀ ଯୁବକମାନେ ରାହୁଲଙ୍କ ପ୍ରତିପକ୍ଷରେ ଯାଇ ଥାନା ପାଖରେ ଅଶାଳୀନ ଭାଷାରେ ଗାଳିଗୁଲଜ କରୁଥିଲେ । ସେହି ଘଟଣା ପରେ ରାହୁଲଙ୍କୁ ହତ୍ୟା ଧମକ ଆସୁଥିଲା ବୋଲି କ୍ରିଷ୍ଣା କହିଛନ୍ତି ।

ମଞ୍ଚେଶ୍ୱର ଥାନା ପୋଲିସ ତଦନ୍ତକୁ ରାହୁଲଙ୍କ ପନୀ କ୍ରିଷ୍ଣା ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ଆଇଆଇସିଙ୍କ ବିରୋଧରେ ବିଶୋଦଗାର କରିଛନ୍ତି । ତିନି ଅଭିଯୁକ୍ତଙ୍କ ମୋବାଇଲ ସିଡିଆର୍ ଯାଞ୍ଚ କରିବାକୁ କ୍ରିଷ୍ଣା ଦାବି କରିଛନ୍ତି । ତାଙ୍କ ନଣନ୍ଦଙ୍କୁ ଏତଲା ଲେଖିବା ସମୟରେ ଆଇଆଇସି ଧମକାଇଥିବା ସେ ଗଣମାଧ୍ୟମକୁ କହିଛନ୍ତି । ତଦନ୍ତ ଠିକ୍ ବାଟେ ଆଗକୁ ବଢିଲେ ମୋ ସ୍ୱାମୀ ରାହୁଲଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି କି ନାହିଁ ପୋଲିସ ତାହା ଜାଣିପାରିବ । କେବଳ ପାର୍କିଂ ଗଣ୍ଡଗୋଳ ନୁହେଁ, ଜଣେ ଯୁବତୀଙ୍କୁ ନେଇ ତାଙ୍କ ସ୍ୱାମୀଙ୍କ ସହ ପୂର୍ବରୁ ଗଣ୍ଡଗୋଳ ହୋଇଥିବା କ୍ରିଷ୍ଣା ଗଣମାଧ୍ୟମକୁ କହିଛନ୍ତି । ଆପଣ ଏପରି କହୁଛନ୍ତି, ଆପଣଙ୍କ ଜୀବନ ପ୍ରତି ବିପଦ ଆସିବନି ତ ? ପ୍ରଶ୍ନର ଉତ୍ତରରେ କ୍ରିଷ୍ଣା କହିଥିଲେ- ସ୍ୱାମୀଙ୍କ ହତ୍ୟାର ନ୍ୟାୟ ପାଇବା ପାଇଁ ମୁଁ କହୁଛି । ଯଦି ମୋତେ କେହି ହତ୍ୟା କରନ୍ତି ତେବେ ଅସୁବିଧା ନାହିଁ । ପୋଲିସଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି, ସଠିକ୍ ତଦନ୍ତ କରାଗଲେ ଷଡଯନ୍ତ୍ରକାରୀମାନଙ୍କ ପର୍ଦ୍ଦାଫାସ ହେବ । ଗଣମାଧ୍ୟମରେ ରାହୁଲ ପନୀଙ୍କ ପୋଲିସ ବିରୋଧୀ ମନ୍ତବ୍ୟ ମଞ୍ଚେଶ୍ୱର ଥାନା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଫାଲକନ୍ କ୍ରେଷ୍ଟ କ୍ଲବ୍‌ରେ ଚାରିଟି ସାହିତ୍ୟ ପୁସ୍ତକର ଉନ୍ମୋଚନ

ଭୁବନେଶ୍ୱର, (ସବ୍ୟୁ): ଫାଲକନ୍ କ୍ରେଷ୍ଟ କ୍ଲବ୍ ପ୍ରାଙ୍ଗଣରେ ଲେଖକ ବିକାଶ ମହାନ୍ତିଙ୍କ ଚାରିଟି କାଳ୍ପନିକ ଓ ସମକାଳୀନ ସାହିତ୍ୟ ପୁସ୍ତକର ଅନୁଷ୍ଠାନିକ ମୋଚନ ଏକ ସାହିତ୍ୟିକ ଓ ସଙ୍ଗୀତମୟ ପରିବେଶରେ



ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମଟି ସାହିତ୍ୟ ପ୍ରେମୀ, ପାଠକ ଓ ଅତିଥିମାନଙ୍କ ଉପସ୍ଥିତିରେ ସ୍ମରଣୀୟ ହୋଇଯାଇଥିଲା । ମୁଖ୍ୟ ଅତିଥି ଭାବେ ଶ୍ରୀମତୀ କୃଷ୍ଣା ମହାନ୍ତି ଯୋଗଦେଇ ପୁସ୍ତକମାନଙ୍କୁ ମୋଚନ କରିଥିଲେ ଏବଂ ଆଧୁନିକ ସାହିତ୍ୟରେ ଚିନ୍ତନଶୀଳ ଲେଖନୀର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ ।

ମୁଖ୍ୟବକ୍ତା ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟ ସମ୍ପାଦକ, 'ସମୟ', ସାହିତ୍ୟର ସାମାଜିକ ଭୂମିକା ଓ ଲେଖକଙ୍କ ଦାୟିତ୍ୱ ବିଷୟରେ ତାଙ୍କର ମତ ରଖିଥିଲେ । ଅବସରରେ ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ସୁଶାନ୍ତ ବାଲ ପୁସ୍ତକ ସମୀକ୍ଷା ପ୍ରସ୍ତୁତ କରି ପୁସ୍ତକମାନଙ୍କ ମୂଳ ଭାବନା ଓ ଭିତରୁ ଥିବା ଚେତନା ଉପରେ ଆଲୋକ ପାତ କରିଥିଲେ । ଗରିମାଯୁକ୍ତ ଅତିଥି ଭାବେ ପ୍ରୋଫେସର ସିତିକଣ୍ଠ ମିଶ୍ର ପାଠନ ସଂସ୍କୃତି ଓ ସାହିତ୍ୟର ଆବଶ୍ୟକତା ବିଷୟରେ ମତ ରଖିଥିଲେ ।

ପାଠକ ମତାମତ ଅଂଶରେ ବୈଷ୍ଣୋଇ ମହାନ୍ତି, ଆକାଶ ମହାନ୍ତି, ଅଗସ୍ତ୍ୟ ମିଶ୍ର ଓ ଲିଙ୍ଗରାଜ ସାହୁ ନିଜ ଅନୁଭବ ଓ ଅଭିମତ ପ୍ରକାଶ କରିଥିଲେ । ସନ୍ଧ୍ୟାଟିକୁ ସୁରମୟ କରିଥିଲେ ସୁଦୀପ୍ତା ଚୌଧୁର ଅର୍ଚ୍ଚନା । ଦାଶ, ପ୍ରଜ୍ଞା ପରମିତା, ବୈଷ୍ଣୋଇ ମହାନ୍ତି ,ପ୍ରମୋଦ କୁମାର ଓ ଲେଖକ ବିକାଶ ମହାନ୍ତି । ଏହି ଅବସରରେ "ମହକେଇ ଦେଇ ଯା" ଶୀର୍ଷକ ନୂତନ ଓଡ଼ିଆ ଲୋକଗୀତର ମୋଚନ ହୋଇଥିଲା । ଏହି ଗୀତଟି ବିକାଶ ମହାନ୍ତିଙ୍କ କଣ୍ଠରେ ଓ ସଙ୍ଗୀତରେ ଏବଂ ଦିଗନ୍ତ ମହାନ୍ତିଙ୍କ ଶବ୍ଦରେ ସଜିଥିଲା, ଯାହାକୁ ଦର୍ଶକମାନେ ଜୋରଦାର ହାତତାଳି ସହ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମଟିକୁ ବିନାୟକ ମିଶ୍ର ସୁନିୟୋଜିତ ଭାବେ ସଂଚାଳନ କରିଥିଲେ । ଶେଷରେ ଲେଖକ ସମସ୍ତଙ୍କୁ କୃତଜ୍ଞତା ଜଣାଇ ସନ୍ଧ୍ୟାଟିକୁ ସ୍ମରଣୀୟ କରିଥିବା ପାଇଁ ଧନ୍ୟବାଦ ଜଣାଇଥିଲେ ।

## ଅଟୋ ସହ ୨୨ କେଜି ଗଞ୍ଜେଇ ଜବତ, ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମୈତ୍ରୀବିହାର ଥାନା ପୋଲିସ ଅଟୋ ସହ ୨୨କେଜି ଗଞ୍ଜେଇ ଜବତ କରି କାରବାରରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁରଜ ରେହାୀ, ବିପ୍ଳବ ଚନ୍ଦ୍ର ପଣ୍ଡା, ଇସ୍ରୋନ ପରିଚ୍ଛା, ରିତା ଚୌହ୍ୱାନ, ସତ୍ୟଦେବ ନାୟକ । ସମସ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି । ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଘର କନ୍ଧମାଳ ଜିଲ୍ଲାରେ । ସାଲିଆସାହି ହାତୀଆଶୁଣି ରାସ୍ତାରେ ଅଭିଯୁକ୍ତମାନେ ଅଟୋରେ ଗଞ୍ଜେଇ ନେଇ ଯାଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା । ଅଭିଯୁକ୍ତମାନେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ହାତୀଆଶୁଣି ଅଞ୍ଚଳର ଖୁଚୁରା ବ୍ୟବସାୟୀଙ୍କୁ ଯୋଗାନ୍ତି ବୋଲି ପୋଲିସ ତଦନ୍ତରୁ ଜାଣିପାରିଛି । ଆଉ କେଉଁମାନଙ୍କ ସମ୍ପୃକ୍ତି ଅଛି କି ନାହିଁ ଜାଣିବା ପାଇଁ ତଦନ୍ତ ଜାରି ରହିଛି । ଜଣେ ମହିଳାଙ୍କ ସମେତ ଗିରଫ ୫ଜଣଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କୁ ବେଷ୍ଟ ଏଜୁକେଶନାଲ ଲିଡରସିପ୍ ଆୱାର୍ଡ଼

କଟକ,(ସବ୍ୟୁ):ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି, ଶିକ୍ଷାଦାନକୁ ପେଶା ଭାବେ ନୁହେଁ,ବରଂ ସମାଜ ଗଠନର ଏକ ପବିତ୍ର ବ୍ରତ ଭାବେ ଗ୍ରହଣ କରିଆସୁଥିବା ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କୁ ବେଷ୍ଟ ଏଜୁକେଶନାଲ ଲିଡରସିପ ଆୱାର୍ଡ଼ ପ୍ରଦାନ କରାଯାଇଛି ।ଶିକ୍ଷାର ଉନ୍ନତିକୁ ଜୀବନର ଅମୁଲ୍ୟ ସମ୍ପଦ ଭାବେ ଗ୍ରହଣ କରି ଏ ପି ବି ଏଜୁକେସନର ପ୍ରତିଷ୍ଠାତା ମାନେଜିଂ ଟ୍ରଷ୍ଟି ଭାବେ ୨୦୧୧ରୁ ଏ ପି ବି ଇଣ୍ଟରନ୍ୟାସନାଲ ସ୍କୁଲ ମାଧ୍ୟମରେ ଶିକ୍ଷାର ବ୍ୟାପକ ମୂଲ୍ୟାୟନ କରିଥିବାରୁ ତାଙ୍କୁ ମିଳିଛି ଉପରୋକ୍ତ ମର୍ଯ୍ୟାଦା ଜନକ ପୁରସ୍କାର । 'ସମୟ କଂକ୍ଲେଭ୍ ' ଷଷ୍ଠ



ସଂସ୍କରଣ ରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱ ବୋଧତା କୁ ନେଇ ବିତର୍କ ରେ ମୁଖ୍ୟ ଅତିଥି ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ବିଶିଷ୍ଟ ଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟ ବକ୍ତା ଜିନ୍ଦଲର ଗ୍ରୁପ୍ ହେଡ୍ ପ୍ରଶାନ୍ତ କୁମାର ହୋତା, ସମ୍ ଅଲ୍ଟିମେଟ୍ ଭେଷଜ ମୁଖ୍ୟ ଡାକ୍ତର ଶ୍ରୀକାନ୍ତ କୁମାର ଧର, ସମୟ ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ, ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, ସମୟ ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର ପ୍ରମୁଖ ଅତିଥି ମାନେ ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କୁ ବେଷ୍ଟ ଏଜୁକେଶନାଲ ଲିଡରସିପ ଆୱାର୍ଡ଼ ପ୍ରଦାନ କରିଥଲେ । ସୁଚନା ଥାଉକି ଚୌଧୁରୀ ଶ୍ରୀମତୀ ମିଶ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷା ଅଧ୍ୟୟନ କରି,ଜ୍ଞାନ ଓ ନ୍ୟାୟବୋଧର ଏକ ଅଦ୍ୱିତୀୟ ସମନ୍ୱୟ ଦ୍ୱାରା ଶିକ୍ଷାର କରିଛନ୍ତି ବ୍ୟାପକ ମୂଲ୍ୟାୟନ । ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଶିକ୍ଷାନୁଷ୍ଠାନ ଛାତ୍ରବତ୍ସଳ ଓ ସଂସ୍କାରମୂଳକ ଶିକ୍ଷାରେ ବିଶ୍ୱାସ ରଖି ମେଧାବୀ ବିଦ୍ୟାର୍ଥୀ ସୃଷ୍ଟି କରିବାରେ ପ୍ରୟାସ ଜାରି ରଖିଛି । ଏପିବି ଇଣ୍ଟରନେସନାଲ ସ୍କୁଲ ପ୍ରତ୍ୟେକ ଶିଶୁଙ୍କୁ କେବଳ ପାଠ ନୁହେଁ ,ଜୀବନକୁ ଜୀବନ୍ତ କରିବାର କଳା ଶିଖାଇ ଆସୁଛି ।

### ଓଡ଼ିଶା ସରକାର "ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସ ଆପ୍ ବଟ୍" ପାଇଁ

## 'ଟେକ୍ନୋଲୋଜି ସଭା ଉତ୍କର୍ଷ ପୁରସ୍କାର'ରେ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାର ଏହାର ପ୍ରମୁଖ ଡିଜିଟାଲ ପରିଚାଳନା ବ୍ୟବସ୍ଥା "ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସ ଆପ୍ୱ ଟ୍" ପାଇଁ ଇଣ୍ଡିଆନ୍ ଏକ୍ସପ୍ରେସ୍ ଗ୍ରୁପ୍ ର ଅଗ୍ରଣୀ ପ୍ରକାଶନ, "ଏକ୍ସପ୍ରେସ୍ କମ୍ପ୍ୟୁଟର" ଦ୍ୱାରା 'ଟେକ୍ନୋଲୋଜି ସଭା ଉତ୍କର୍ଷ ପୁରସ୍କାର' ପ୍ରାପ୍ତ ହୋଇ ସମ୍ମାନିତ ହୋଇଛନ୍ତି । ଜନସେବା ପ୍ରଦାନ ପାଇଁ ଟେକ୍ନୋଲୋଜିରେ ଶ୍ରେଷ୍ଠତା ପ୍ରତିପାଦନ ଏବଂ ଅଭିନବତ୍ୱକୁ ସ୍ୱୀକୃତି ଦେଇ ୨୭ ଫେବୃଆରୀ ୨୦୨୬ ରେ ଟ୍ରାଇଡେଣ୍ଟ, ହାଇଦ୍ରାବାଦ ଠାରେ ଅନୁଷ୍ଠିତ ଟେକ୍ନୋଲୋଜି ସଭାରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶା ସରକାରଙ୍କ ପକ୍ଷରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନସ୍ଥ ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ (ସିଏମଜିଆଇ) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଏହି ପୁରସ୍କାର ଗ୍ରହଣ କରିଥିଲେ । ଏକ୍ସପ୍ରେସ କମ୍ପ୍ୟୁଟର ଦ୍ୱାରା ପ୍ରତିଷ୍ଠିତ 'ଟେକ୍ନୋଲୋଜି ସଭା ଉତ୍କର୍ଷ ପୁରସ୍କାର' ଭାରତର ପ୍ରଯୁକ୍ତି ଏବଂ ଶାସନ ପରିଚାଳନା କ୍ଷେତ୍ରରେ ଦେଶର ସର୍ବାଧିକ ସ୍ୱୀକୃତିମାନଙ୍କ ମଧ୍ୟରେ ଅନ୍ୟତମ ସମ୍ମାନଜନକ



ସ୍ୱୀକୃତି । ସରକାର ଓ ସଂସ୍ଥାଗୁଡ଼ିକ ଦ୍ୱାରା ଡିଜିଟାଲ୍ ପ୍ରଯୁକ୍ତିର ସଠିକ୍ ବ୍ୟବହାର କରି ସେବା ପ୍ରଦାନରେ ଅଭିନବତ୍ୱ ଆଣିବା ସହ ବ୍ୟବସ୍ଥାକୁ ଅଧିକ ବିସ୍ତାରଯୋଗ୍ୟ, ପ୍ରଭାବୀ ଓ ସ୍ଥିରତା ପ୍ରଦର୍ଶନ କରୁଥିବା ଅତି ଉତ୍କୃଷ୍ଟ ପ୍ରୟାସଗୁଡ଼ିକ ମାଧ୍ୟମରେ ନାଗରିକ କୈନ୍ଦ୍ରିକ ଫଳାଫଳ ପାଇଁ ଏହି ପୁରସ୍କାରଗୁଡ଼ିକ ପ୍ରଦାନ କରାଯାଉଛି ।

ବରିଷ୍ଠ ସରକାରୀ ନେତୃବୃନ୍ଦ, ଶିଳ୍ପ ବିଶେଷଜ୍ଞ ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ପ୍ରତିଷ୍ଠିତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ସଠିକ୍ ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ଆମା ସାଥି ଏକୀକୃତ ହ୍ୱାଟ୍ସଆପ୍ ବଟ୍ ଏକ ପରିବର୍ତ୍ତନଶୀଳ ଡିଜିଟାଲ୍ ପ୍ଲାଟଫର୍ମ ଭାବେ ଉଭବ ହୋଇଛି ଯାହାକି ନାଗରିକମାନଙ୍କୁ ଏକକ ବ୍ୟବସ୍ଥାରେ, ସହଜରେ ଏବଂ ପରିଚିତ ଇଣ୍ଟରଫେସ୍ ମାଧ୍ୟମରେ ହ୍ୱାଟ୍ସ ଆପ୍ ଜରିଆରେ ବହୁ ପ୍ରକାର ସରକାରୀ ସେବା ଏବଂ ସୂଚନା ପାଇବାକୁ ସକ୍ଷମ କରୁଛି । ଏହା ଫଳରେ ସେବା ପାଇବାକୁ ଥିବା ବ୍ୟକ୍ତି ବା ହିତାଧିକାରୀଙ୍କୁ ସରକାରୀ କାର୍ଯ୍ୟାଳୟକୁ ବାରଂବାର ଆସିବାକୁ ପଡୁନାହିଁ ଏବଂ ବିଭିନ୍ନ ପ୍ରକାର ଦରଖାସ୍ତ ବା ଆବେଦନ କରିବାର ଆବଶ୍ୟକତାକୁ ବହୁମାତ୍ରାରେ ଦୂର କରାଯାଇପାରିବା ସହିତ ସାର୍ବଜନୀନ ସେବା ଉପଲବ୍ଧତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧତା ବୃଦ୍ଧି ପାଇଛି । ପୁରସ୍କାର ପ୍ରାପ୍ତି ଅବସରରେ ସୁରେନ୍ଦ୍ର କୁମାର ମୀନା କହିଛନ୍ତି ଯେ, "ଆମ ସାଥୀ ୟୁନିଫାଇଡ୍ହ୍ୱାଟସ୍ଆପ୍ ବଟ୍ ଓଡିଶାର ପ୍ରତ୍ୟେକ ନାଗରିକଙ୍କ ଦ୍ୱାରରେ ସରକାରୀ ସୁବିଧା ସୁନିଶ୍ଚିତ କରିବାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ନାଗରିକମାନେ ତାଙ୍କର ଦୈନନ୍ଦିନ ଜୀବନରେ ହ୍ୱାଟ୍ସ ଆପ ଭଳି ପ୍ଲାଟଫର୍ମ ବ୍ୟବହାର କରୁଥିବାରୁ ସେହି ପ୍ଲାଟଫର୍ମକୁ ଉପଯୋଗ କରି ସରକାରୀ ସେବାଗୁଡିକୁ ଅଧିକ ପହଞ୍ଚଯୋଗ୍ୟ, ସମାବେଶୀ ଏବଂ ଦାୟିତ୍ୱ ସଂପନ୍ନ ଭାବେ କାର୍ଯ୍ୟକାରୀ କରାଯାଉଛି । ଏହି ପଦକ୍ଷେପ ନାଗରିକ-କେନ୍ଦ୍ରିକ ଶାସନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି , ଯେଉଁଠାରେ ପ୍ରଯୁକ୍ତି ବିଦ୍ୟା ଏକ ସଶକ୍ତ, ଭରସାଯୋଗ୍ୟ , ବିଶ୍ୱସନୀୟ ଏବଂ ପାରଦର୍ଶିତାର ସହ କାର୍ଯ୍ୟ କରିବାକୁ ସକ୍ଷମ କରୁଛି । ଟେକ୍ନୋଲୋଜି ସଭାରେ ମିଳିଥିବା ଏହି ସ୍ୱୀକୃତି, ଡିଜିଟାଲ୍ ଶାସନ କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱକୁ ଦୃଢ ଭାବେ ଉପସ୍ଥାପନ କରିବା ସହ ପ୍ରଯୁକ୍ତିଗୁଡ଼ିକୁ ବ୍ୟବହାର କରି ନାଗରିକଙ୍କ ସଂପୃକ୍ତିକୁ ସୁଦୃଢ଼ କରିବା ଏବଂ ଦକ୍ଷ, ସମାବେଶୀ ଓ ଭବିଷ୍ୟତ–ପ୍ରସ୍ତୁତ ସାର୍ବଜନିକ ସେବା ପ୍ରଦାନ ପାଇଁ ରାଜ୍ୟର ଅବିରତ ପ୍ରୟାସକୁ ସୁନିଶ୍ଚିତ କରୁଛି ।

### ଷ୍ଟଡିଇନ୍‌ଇଣ୍ଡିଆ' ଏଡୁ-ଡିପ୍ଲୋମାଟିକ କନକ୍ଲେଭ - ୨୦୨୬

# ଭାରତକୁ ବିଶ୍ୱର 'ଜ୍ଞାନ ସେତୁ' ଭାବେ ଗଢ଼ିବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ ଆୟୋଜିତ 'ଷ୍ଟଡି ଇନ୍ ଇଣ୍ଡିଆ' ଏଡୁ-ଡିପ୍ଲୋମାଟିକ କନକ୍ଲେଭ ୨୦୨୬ରେ ବିଶ୍ୱର ୫୦ରୁ ଅଧିକ ଦେଶର ରାଷ୍ଟ୍ରଦୂତ, ହାଇକମିଶନର ଏବଂ କୂଟନୀତିଜ୍ଞ ମାନଙ୍କୁ ସମ୍ବୋଧିତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଆସିଥିବା ବୈପ୍ଳବିକ ପରିବର୍ତ୍ତନ ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା କେନ୍ଦ୍ର ଭାବେ ଗଢ଼ିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ନିଜର ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୪୭ ସୁଦ୍ଧା ଏକ 'ବିକଶିତ ରାଷ୍ଟ୍ର' ହେବାର ଲକ୍ଷ୍ୟ ରଖିଛି। ଏହି ସଂକଳ୍ପକୁ ସାକାର କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ବିଶ୍ୱ ଅର୍ଥନୀତିର ବର୍ତ୍ତମାନର ଅସ୍ଥିରତା ମଧ୍ୟରେ ଭାରତ ଏକ 'ଉଜ୍ଜ୍ୱଳ



କେନ୍ଦ୍ର' ଭାବେ ଉଭା ହୋଇଛି, ଯାହା ଶିକ୍ଷାଦାନ, ଗବେଷଣା ଏବଂ ନବସୃଜନ ପାଇଁ ସାରା ବିଶ୍ୱକୁ ଏକ ସୁରକ୍ଷିତ ଓ ପ୍ରଗତିଶୀଳ ସ୍ଥାନ ପ୍ରଦାନ କରୁଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଏହି ନୀତି ଶିକ୍ଷାକୁ କେବଳ ଡିଗ୍ରୀ ହାସଲ ମଧ୍ୟରେ ସୀମିତ ନ ରଖି ଏହାକୁ କର୍ମନିପୁଣ ଏବଂ ବହୁମୁଖୀ କରିଛି। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଗୁଣବତ୍ତା, ନବସୃଜନ ଏବଂ ସୁଲଭତା ଉପରେ ଧ୍ୟାନ ଦେଉଛି, ଯାହା ବିଶ୍ୱର ଯେକୌଣସି ଶିକ୍ଷାର୍ଥୀ ପାଇଁ ଏକ ଆକର୍ଷଣୀୟ ବିକଳ୍ପ। 'ଷ୍ଟଡି ଇନ୍ ଇଣ୍ଡିଆ' ପଦକ୍ଷେପ ମାଧ୍ୟମରେ ଭାରତ ନିଜର ଶୈକ୍ଷିକ ସୀମାକୁ ବ୍ୟାପକ କରୁଛି। ଆମେ ବିଦେଶୀ ଛାତ୍ରଛାତ୍ରୀ ଏବଂ ଗବେଷକମାନଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଛୁ।

ଭାରତର ଜ୍ଞାନ ଭଣ୍ଡାର, ଯୁବ ଶକ୍ତି ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେଉଛି ଆମର ସବୁଠାରୁ ବଡ଼ ଶକ୍ତି। ଆମେ ଶିକ୍ଷାର ଆନ୍ତର୍ଜାତୀୟକରଣ ଦିଗରେ ଦ୍ରୁତ ପଦକ୍ଷେପ ନେଉଛୁ, ଯାହା ଦ୍ୱାରା ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକ ଭାରତ ସହ ସହଭାଗୀ ହୋଇପାରିବେ। ଏଆଇ, ବାୟୋଟେକ୍, ସେମିକଣ୍ଡକ୍ଟର ଠାରୁ ଆରମ୍ଭ କରି ସ୍ଥାୟୀ ଶକ୍ତି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଭାରତ ଆଜି ଏକ ବିଶ୍ୱସ୍ତ ସହଭାଗୀ ଭାବେ ଉଭା ହୋଇଛି। ଭାରତ ଏକ 'ଗ୍ଲୋବାଲ ସାଉଥ୍' ମଡେଲ ଉପରେ କାର୍ଯ୍ୟ କରୁଛି, ଯାହା ସହଯୋଗ ଓ ଜ୍ଞାନର ଆଦାନପ୍ରଦାନ ଉପରେ ଆଧାରିତ। ଭାରତର ଏହି ଦ୍ରୁତ ଅଭିବୃଦ୍ଧିଶୀଳ ଏବଂ ନବସୃଜନ-ଭିତ୍ତିକ ଶିକ୍ଷା ଯାତ୍ରାରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଆମେ ଏପରି ଏକ ଶିକ୍ଷା ବ୍ୟବସ୍ଥା ଗଠନ କରିବା, ଯାହା କେବଳ ବ୍ୟକ୍ତିବିଶେଷ ନୁହେଁ ବରଂ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ କାର୍ଯ୍ୟ କରିବ। ସମସ୍ତଙ୍କ ପାଇଁ ଶିକ୍ଷା ଏବଂ ସମସ୍ତଙ୍କ ସହଯୋଗରେ ବିକାଶ ହିଁ ଭାରତର ମୂଳ ମନ୍ତ୍ର। ଏହି କନକ୍ଲେଭ ଭାରତର ଶୈକ୍ଷିକ କୂଟନୀତିକୁ ଏକ ନୂତନ ଦିଶା ପ୍ରଦାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ ବ୍ୟକ୍ତ କରିଛନ୍ତି।

### ଦାଦା ବଟି ଆଦାୟ ଅଭିଯୋଗ, କୁଖ୍ୟାତ ଅପରାଧୀ ନୃସିଂହ ସୁବୁଦ୍ଧି ଗିରଫ

# ନଗଦ ୧୭,୪୦୦ ଟଙ୍କା, ଦେଶୀ ପିସ୍ତଲ ଜବତ

ପୁରୀ, (ସବ୍ୟୁ): ଜିଲ୍ଲା ପୋଲିସ ପକ୍ଷରୁ ଅପରାଧ ଓ ଅପରାଧୀ ଦମନ କରିବା ପାଇଁ ଆରମ୍ଭ କରାଯାଇ ଥିବା ସ୍ୱତନ୍ତ୍ର ଅପରେସନ ଚକ୍ର ଅଭିଯାନରେ ଟାଉନ ଥାନା ପୁଲିସ ସୋମବାର ଦିନ ବାଲିସାହି, ସୋଲାଖିଆ ବରଗଛ ଛକ ନିକଟରେ ଦାଦା ବଟି ଆଦାୟ ଅଭିଯୋଗରେ ଜଣେ କୁଖ୍ୟାତ ଅପରାଧିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇ ଥିବା ଅପରାଧୀର ପରିଚୟ ହେଲା ଟାଉନ ଥାନା ଅଧିନ ଗୁଡ଼ିଆ ସାହିର ନୃସିଂହ ସୁବୁଦ୍ଧି (୪୩) ଅଟେ। ତା ନିକଟରୁ ପୋଲିସ ୧ ଗୋଟି ଦେଶୀ ପିସ୍ତଲ, ନଗଦ ୧୭,୪୦୦ ଟଙ୍କା, ୧ ଗୋଟି ସ୍କୁଟି ଓ ୧ ଗୋଟି ଓପୋ ମୋବାଇଲ ଫୋନ ଜବତ କରିଛି।

ଟାଉନ ଥାନା ଅଧୀନ ସୋଲାଖିଆ ବରଗଛ ନିକଟରେ ଅଭିଯୁକ୍ତ ପିସ୍ତଲ୍ ଦେଖାଇ ସେଠାରେ ଦୋକାନ କରି ଥିବା ବ୍ୟବସାୟୀ ଓ ରାସ୍ତା ଦେଇ ଯାଉ ଥିବା ବାଟୋଇଙ୍କୁ ଭୟଭୀତ କରି ଦାଦା ବାଟି ଆଦାୟ କରୁ ଥିଲା । ଦାସ ବିଶେଷ ସୂତ୍ରରୁ ଖବର ପାଇ ଥିଲେ କୁଖ୍ୟାତ ଅପରାଧି ନୃସିଂହ ବାଲିସାହି, ସୋଲାଖିଆ



ଟାଉନ ଥାନା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପୁରୀ ସିଟି ଡିଏସପି ରଶ୍ମି ରଂଜନ ମହାପାତ୍ର କହି ଥିଲେ ପୁରୀ ଏକ ଧାର୍ମିକ ସହର। ଧାର୍ମିକ ସହର ରେ କଦାପି ଅପରାଧ ଘଟାଇବାକୁ ପ୍ରଶୟ ଦିଆ ଯିବ ନାହିଁ। ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ବରଗଛ ନିକଟରେ ମାରଣାସ୍ତ୍ର ପିସ୍ତଲ ଦେଖାଇ ବଟି ଆଦାୟ କରୁଛି। ତଥ୍ୟ ଅନୁସାରେ ଟାଉନ ଥାନା ପୁଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଅତର୍କିତ ଭାବେ ଚଢ଼ାଉ କରି ଅଭିଯୁକ୍ତକୁ ଧରି ଥିଲେ। ଏନେଇ ପୁଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସମୟ କନକ୍ଲେଭ୍ : ସସ୍ମିତା ପଟ୍ଟନାୟକଙ୍କୁ ଲାଇଫ୍ ଟାଇମ୍ କମିଟ୍‌ମେଣ୍ଟ ଆୱାର୍ଡ଼

କଟକ, (ସବ୍ୟୁ):ଅସାଧାରଣ ଶିକ୍ଷାବିତ, ସମର୍ପିତ ସମାଜସେବୀ ଓ ଏକ ପ୍ରେରଣାଦାୟକ ନାରୀଶକ୍ତିର ପରିଚୟ




ସୃଷ୍ଟି କରିଥିବା ଟେଟ୍ରାହେଡ୍ରନ ଗ୍ରୁପ୍ ର ଟ୍ରଷ୍ଟି ସସ୍ମିତା ପଟ୍ଟନାୟକଙ୍କୁ ମିଳିଛି ଓମେନ୍ ଅଫ ହ୍ୟୁମାନଟାରିଆନ ଏକ୍ସେଲେନ୍ସୀ - ଲାଇଫ ଟାଇମ୍ କମିଟମେଣ୍ଟ ଆୱାର୍ଡ । 'ସମୟ କନ୍‌କ୍ଲେଭ ' ଷଷ୍ଠ ସଂସ୍କରଣ ରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱ ବୋଧତା କୁ ନେଇ ବିତର୍କ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ବିଶିଷ୍ଟ ଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟ ବକ୍ତା ଜିନ୍ଦଲର ଗ୍ରୁପ୍ ହେଡ୍ ପ୍ରଶାନ୍ତ କୁମାର ହୋତା, ସମ୍ ଅଲ୍ଟିମେଟ୍ ଭେଷଜ ମୁଖ୍ୟ ଡାକ୍ତର ଶ୍ରୀକାନ୍ତ କୁମାର ଧର, ସମୟ ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ, ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, ସମୟ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଙ୍କ ଉପସ୍ଥିତିରେ ଡ଼କ୍ଟର ସସ୍ମିତା ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ନୟାଗଡ଼ ଜିଲ୍ଲା ଘଡୁଆଳରେ ଜନ୍ମିତ ଅରକ୍ଷିତ ପଟ୍ଟନାୟକଙ୍କ ଝିଅ ସସ୍ମିତା ରେଭେନସା ବିଶ୍ୱବିଦ୍ୟାଳୟରୁ ଏମଏସସି, ଏମଫିଲ ଓ ରସାୟନ ଶାସ୍ତ୍ରରେ ପି.ଏଚ୍. ଡି. ଡିଗ୍ରୀ ଅର୍ଜନ କରିବା ସହ ଆରଏନଟି (ଆରଏନ୍‌ଟି) କଟକରୁ ବ୍ୟାଚଲର ଇନ୍ ଏଡୁକେସନ୍ ଡିଗ୍ରୀ ଲାଭ କରି ଅଧୁନା ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ରସାୟନ ଶାସ୍ତ୍ରର ଅଧ୍ୟାପିକା ଭାବେ କାର୍ଯ୍ୟକରୁଛନ୍ତି।ତେବେ ବାରୁଣିଡିହା ରାଜକନିକା ଅଞ୍ଚଳର ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଏଜୁକେଶନର ପ୍ରତିଷ୍ଠାତା ତ୍ରିଦେବ ସାର୍ ଙ୍କୁ ବିବାହ କରି ଏଥିରେ ଜଣେ ଟ୍ରଷ୍ଟି ଭାବେ ଦାୟିତ୍ୱ ତୁଲାଉଛନ୍ତି ଡକ୍ଟର ସସ୍ମିତା। ସେଣ୍ଟ୍ରାଲ ରେଡକ୍ରସ୍ ବ୍ଲଡ଼ ସେଣ୍ଟରରେ ସଚେତନ କମିଟି ସଦସ୍ୟା ଭାବେ ତାଙ୍କର ଅବଦାନ ଅସଂଖ୍ୟ ଜୀବନକୁ ଦେଇଛି ନୂତନ ଆଶା ।ତାଙ୍କର ଅପୂର୍ବ ସେବା ଓ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ସେ ଅନେକ ଗରିମାମୟ ସମ୍ମାନ ବ୍ଲଡ଼ ହିରୋ ଆୱାର୍ଡ଼, ଓଡ଼ିଶା ସେବାଶ୍ରି ସମ୍ମାନ, ସେବା ରତ୍ନ ଆୱାର୍ଡ଼, ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ, ରାଜ୍ୟପାଳ ସମ୍ମାନ (ୱାୟିଆରସି କାଉନସେଲର), ଉତ୍କଳ ପ୍ରତିଭା ସମ୍ମାନ, ଝାନ୍ସୀ ରାଣୀ ଲକ୍ଷ୍ମିବାଇ ସମ୍ମାନ ପାଇଛନ୍ତି।

## ଜିଲ୍ଲାସ୍ତରୀୟ ଜରାୟୁ କର୍କଟ ଟୀକା କରଣର ଶୁଭାରମ୍ଭ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲାସ୍ତରୀୟ ଜରାୟୁ କର୍କଟ ର ନିରାକରଣ ନିମିତ ଏଚପିଭି ଟୀକାକରଣ ଅଭିଯାନ ଶୁଭାରମ୍ଭ କରିଛନ୍ତି। ଏହି ମହତ ଅଭିଯାନରେ ଜିଲ୍ଲାର ସମସ୍ତ ୧୪ବର୍ଷ ବୟସର ବାଳିକାଙ୍କୁ ଗାଡାସିଲ-୪ ଟିକାର ଗୋଟିଏ ଡୋଜ ଦିଆଯିବ। ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଟୀକା ପ୍ରଦାନ କରାଯିବ। ଏଥିପାଇଁ ତିନି ମାସ ମଧ୍ୟରେ ୧୪୭୨୯ ଜଣଙ୍କୁ ଟୀକା ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଏହି ଟୀକା ସମ୍ପୂର୍ଣ୍ଣ ଦେୟ ମୁକ୍ତ ଅଟେ। ଏହି ଟୀକା ଅଭିଯାନ ଫଳରେ ଦେଶର ମାତୃଶକ୍ତିକୁ ନିରୋଗ ରଖାଯାଇ ପାରିବ ଏବଂ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧ ହେବ। ଏହି କାର୍ଯ୍ୟ କ୍ରମରେ ସହକାରୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ସାହୁ, ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଶ୍ୟାମ ପ୍ରସନ୍ନ ମିତ୍ର, ଜିଲ୍ଲା ଚିକିତ୍ସା ଅଧିକାରୀ (ଜନସ୍ୱାସ୍ଥ୍ୟ) ଡାକ୍ତର ରଞ୍ଜନ ମିତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ରବୀନ୍ଦ୍ର କୁମାର ପାରମାଣିକ ସମେତ ସମସ୍ତ ଆଶା କର୍ମୀ, ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇଥିଲେ। ଶେଷରେ ଆଇ. ସି.ଏ. ଦେବସ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ୫ ତାରିଖରେ ରାଜ୍ୟବ୍ୟାପୀ ପାଳିତ ହେବ ୧୧୦ତମ ବିଜୁ ଜୟନ୍ତୀ: ବିଜେଡି

# ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ପ୍ରସଙ୍ଗରେ ଆଲୋଚନା ଚକ୍ର

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ପରି ଏ ବର୍ଷ ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ବିଜୁ ଜନତା ଦଳ ତରଫରୁ ସୂଚନା ପ୍ରଦାନ କରାଯାଇଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ବିଜୁ ଜୟନ୍ତୀ ଅବସରରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଦେବୀ ପ୍ରସାଦ ମିଶ୍ର କହିଲେ, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ବିଜୁ ଜୟନ୍ତୀ ପାଇଁ ମାର୍ଚ୍ଚ ୫ ତାରିଖରେ ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟରେ ରାଜ୍ୟର ସମସ୍ତ ଜିଲ୍ଲା ସଭାପତି ଓ ସମସ୍ତ ନିର୍ବାଚନ ମଣ୍ଡଳୀର ନେତୃତ୍ୱଙ୍କୁ ଜଣାଇ ଦିଆଯାଇଛି । ସେହିଦିନ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ, ଦେଶାତ୍ମବୋଧ ସଙ୍ଗୀତ ଗାନ କରିବା ସହିତ ସମୃଦ୍ଧ ଓଡିଶା ଗଠନରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏହାଛଡା ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ ହେବ । ବିଜେଡି ମୁଖ୍ୟାଳୟରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁଥିରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ । ଅଶୋକ ଚନ୍ଦ୍ର ପଣ୍ଡା କହିଲେ, ପ୍ରତିବର୍ଷ ରାଜ୍ୟବ୍ୟାପୀ ବିଜୁ ଜୟନ୍ତୀ ଆନନ୍ଦ ଉଲ୍ଲାସରେ ପାଳନ କରାଯାଏ । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ନୀତି ଆଦର୍ଶକୁ ପାଥେୟ କରି ଗଠନ ହୋଇଥିବା ବିଜୁ ଜନତା ଦଳ ସବୁବେଳେ ସେବା କାର୍ଯ୍ୟକ୍ରମରେ ବିଶ୍ୱାସ ରଖେ । ବିଜେଡି ତରଫରୁ ଆୟୋଜିତ ହେବାକୁ ଥିବା ବିଜୁ ଜୟନ୍ତୀ ଅବସରରେ, ପ୍ରବାଦ ପୁରୁଷ ବିଜୁ ବାବୁଙ୍କ କୀର୍ତ୍ତିକୁ ସ୍ମରଣ କରିବା ସହିତ ବିଜେଡିର ନେତା ଓ କର୍ମୀମାନେ ସେବାରେ ବ୍ରତୀ ହେବେ ବୋଲି ସଂକଳ୍ପ ନେବେ ।

# ଟ୍ରିମ୍‌ସ ସ୍ୱୟଂଶାସିତ ପଲିଟେକ୍‌ନିକ୍‌ରେ ଜାତୀୟ ବିଜ୍ଞାନ ଦିବସ



କଟକ, (ସବ୍ୟୁ) : ଟ୍ରିମ୍‌ସ ପଲିଟେକ୍‌ନିକ (ସ୍ୱୟଂଶାସିତ) ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସାଇନ୍ସ ଓ ହ୍ୟୁମାନିଟିସ୍ ବିଭାଗ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଇନୋଭେସନ୍ କାଉନସିଲ (ଆଇଆଇସି) ମିଳିତ ଆନୁକୂଲ୍ୟରେ ବିଜ୍ଞାନ ଭିତ୍ତିକ ପ୍ରଦର୍ଶନୀ ସହ 'ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ବ୍ୟବହାରିକ ପଦାର୍ଥର ପ୍ରଭାବ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁଙ୍କ ପୋ÷ରହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଭୁବନାନନ୍ଦ ସ୍କୁଲ ଅଫ ଇଂଜିନିୟରିଂ ର ପ୍ରାଧ୍ୟାପକ ବିଶ୍ୱମ୍ଭର ମହାନ୍ତି ମୁଖ୍ୟତିଥି ଭାବରେ ଯୋଗଦେଇ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି ଜାତୀୟ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଲୋଚନାଚକ୍ର ପ୍ରସଙ୍ଗ ଉପରେ ନିଜର ଅଭିମତ ପ୍ରଦାନ କରିଥିଲେ । ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଅଧ୍ୟାପିକା ଦୀପ୍ତିମୟୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ ଏବଂ ଅଧ୍ୟାପିକା ଜୟନ୍ତୀ କାଳିଆ ଧନ୍ୟବାଦ ଅର୍ପଣ କରିଥିଲେ । ବିଜ୍ଞାନ ପ୍ରଦର୍ଶନୀରେ ଭାଗନେଇଥିବା। ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

### ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ହୋଲି ର ରଙ୍ଗୋତ୍ସବ

# ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ସୃଷ୍ଟି କଲା ଭିନ୍ନ ସୃଜନଶୀଳତା

କଟକ, (ସବ୍ୟୁ): ପରମ୍ପରାର ପର୍ବ ହୋଲିକୁ ବେଶ୍ ମଉଜ ମଜଲିସ୍ ରେ ପାଳନ କରୁଛନ୍ତି ସମସ୍ତେ। ଏହି ପରିପ୍ରେକ୍ଷୀରେ ମିଶନ ରୋଡସ୍ଥିତ ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ ପରିସରରେ ସେଣ୍ଟ ଜାଭିଅର୍ସ ହାଇସ୍କୁଲ ପାଳନ କରିଛି ହୋଲିର ରଙ୍ଗ ପରବ । ସ୍କୁଲ ପରିସରର ହୋଲି ଖେଳିବାକୁ ଆଜି ଏକାଠି ହେଇଥିଲେ ଛାତ୍ରଛାତ୍ରୀ,ଶିକ୍ଷକ ଓ ଅଭିଭାବକମାନେ ।ସେଣ୍ଟ ଜାଭିଅର୍ସ ଏଜୁକେସନାଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ଃ. ପ୍ରଭୂଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମାଜ ଖବରକାଗଜର ପ୍ରିଣ୍ଟର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମୀର ପରିଜା ବିଦ୍ୟାଳୟର ଶିକ୍ଷା ସହିତ ପାରମ୍ପାରିକ



ସଂସ୍କୃତି ମୂଲ୍ୟବୋଧ ଅକ୍ଷୁର୍ଣ୍ଣ ରଖିବାର ପ୍ରୟାସକୁ ପ୍ରଶଂସା କରିଥିଲେ।

ପ୍ରଧାନ ଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ଭିନ୍ନ ଦୃଷ୍ଟିକୋଣରେ କାର୍ଯ୍ୟକ୍ରମଟି ସୁନ୍ଦର ଭାବେ ଆୟୋଜିତ ହୋଇଥିଲା। ଅଭିଭାବକ, ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ସୃଷ୍ଟି କରିଥିଲା ଏକ ଭିନ୍ନ ସୃଜନଶୀଳତା। ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଦ୍ୱାରା ପ୍ରାୟୋଜିତ ନୃତ୍ୟ-ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲା। ବିଶେଷ କରି ମା'-ସନ୍ତାନ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ସୃଜନଶୀଳତା ମନୋଭାବକୁ ପ୍ରତିପାଦିତ କରିପାରିଥିଲା। ସେହିପରି ବାପା-ସନ୍ତାନ ମଧ୍ୟରେ ମଟକା ଫୋଡ଼ ପ୍ରତିଯୋଗିତା ସମସ୍ତଙ୍କୁ ଆନନ୍ଦ ଓ ଉତ୍ସାହ ଯୋଗାଇଥିଲା। ସେହିପରି ଓଡ଼ିଆଙ୍କ ପ୍ରିୟ ଦହିବରା ଆଳୁଦମ୍ କୁ ଆଜି ଦହିବରା ଦିବସ ଅବସରରେ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ଏହି ମନୋଜ୍ଞ ପରିବେଶରେ ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସହ-ନିର୍ଦ୍ଦେଶିକା ଆୟଶା ଦାସ ଓ ଏବଂ ପାଣ୍ଡା କବ୍ସର ପ୍ରତିଷ୍ଠାତା ତଥା ସହ ନିର୍ଦ୍ଦେଶକ ସମର୍ଥ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

## ବ୍ୟାସନଗର ତହସିଲଦାରଙ୍କ ଦ୍ୱାରା ୩ ବାଲି ହାଇୱା ଜବତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଠାରେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ତିନୋଟି ବାଲି ହାଇୱାକୁ ଜବତ କରି ପାଣିକେଇଲି ଥାନା ଜିମା ଦେଇଛନ୍ତି। ପ୍ରକାଶଯେ ବ୍ୟାସନଗର ତହସିଲଦାର ଶ୍ରୀ ପଣ୍ଡା ପାଣିକୋଇଲି ବଜାର ଅତିକ୍ରମ କରୁଥିବା ବେଳେ ବାଲିବୋଝେଇ ଭାରୀଯାନ (ହାଇଓ୍ୱା)କୁ ଯାଂଚ କରିଥିଲେ।

### ଏନ୍‌ଏବିଏମ୍ ପରିସରରେ 'ମାୟା ସାହିତ୍ୟ' ପକ୍ଷରୁ ସାହିତ୍ୟିକ ଆଲୋଚନାଚକ୍ର

# ସମାଜ ଗଠନରେ ସାହିତ୍ୟର ଭୂମିକା ଅପରିହାର୍ଯ୍ୟ : ଅଖିଳ କୁମାର ମିଶ୍ର

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ସ୍ଥିତ ଏନ୍‌ଏବିଏମ୍ ସମ୍ମିଳନୀ କକ୍ଷରେ 'ମାୟା ସାହିତ୍ୟ' ଆନୁକୂଲ୍ୟରେ




ଏକ ଭବ୍ୟ ସାହିତ୍ୟିକ ଆସର ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଏବଂ ଝାଡ଼ଖଣ୍ଡ ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ କବି ତଥା ବରିଷ୍ଠ ସାହିତ୍ୟିକ ହର ପ୍ରସାଦ ଦାସ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହା ସହ ରାଜ୍ୟର ବହୁ ମାନ୍ୟଗଣ୍ୟ କବି, ସାହିତ୍ୟିକ ତଥା ବୁଦ୍ଧିଜୀବୀମାନେ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

ଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଥିଲେ ଯେ, ସମାଜ ଗଠନରେ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟ ମାଧ୍ୟମରେ ହିଁ ଆମର ଭାଷା, ସଂସ୍କୃତି ଓ ଚିନ୍ତାଧାରାର ସଂରକ୍ଷଣ ସମ୍ଭବ ହୋଇଥାଏ, ତେଣୁ ଆଜିର ଯୁବ ପିଢ଼ିଙ୍କୁ ସାହିତ୍ୟ ପ୍ରତି ଅଧିକ ଆକୃଷ୍ଟ କରିବା ଆବଶ୍ୟକ। ବିଶିଷ୍ଟ ସାହିତ୍ୟିକ ହର ପ୍ରସାଦ ଦାସ ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ସ୍ଥିତି ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଓଡ଼ିଆ ସାହିତ୍ୟର ମୂଳଦୁଆ ଅତି ସୁଦୃଢ଼ ଏବଂ ସମାଜକୁ ସଠିକ୍ ଦିଗରେ ଆଗେଇ ନେବାରେ ଏହାର ଭୂମିକା ଅପରିସୀମ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାୟା ସାହିତ୍ୟର ନିର୍ଦ୍ଦେଶକ ପ୍ରମୋଦ ପ୍ରଧାନ ସ୍ୱାଗତ ଭାଷଣ ରଖିଥିବା ବେଳେ ଶେଷରେ କବି ଅମରେନ୍ଦ୍ର ମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ୫ସାଇବର ଠକ ଗିରଫ

ଭଦ୍ରକ,(ସବ୍ୟୁ): :୨କୋଟିରୁ ଉର୍ଦ୍ଧ ଟଙ୍କାର ସାଇବର ଠକେଇ ଘଟଣାର ପର୍ଦ୍ଦାଫାସ କରିଛି ଭଦ୍ରକ ଟାଉନ ପୋଲିସ । ଦୁଇଟି ପୃଥକ ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅନେକ ଫ୍ରଡ଼ ଆକାଉଣ୍ଟକୁ ସିଜ କରିଛି ପୋଲିସ । ଏଚଡ଼ିଏଫସି ବ୍ୟାଙ୍କର ଜଣେ ଗ୍ରାହକଙ୍କ ଆକାଉଣ୍ଟକୁ ପ୍ରାୟ ଦେଢ଼ କୋଟି ଟଙ୍କା ଆସିବା ଘଟଣାକୁ ସନ୍ଦେହ କରି ବ୍ୟାଙ୍କ ପରିଚାଳକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ଘଟଣାର ତଦନ୍ତ କରି ବିଭିନ୍ନ ସାଇବର ଠକେଇ ଅର୍ଥ ଏହି ଆକାଉଣ୍ଟକୁ ଆସିଥିବା ଜାଣିବାକୁ ପାଇବା ସହିତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଔପଦା ଅଂଚଳର ଜଗବନ୍ଧୁ କେସି ।

# ଜିନ୍ଦଲ ଫାଉଣ୍ଡେସନ ଓ ବିଏମ୍‌ସି ପକ୍ଷରୁ ଭ୍ରାମ୍ୟମାଣ ଶୌଚାଳୟର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ସାମୁଦାୟିକ କଲ୍ୟାଣ ଓ ସହରାଞ୍ଚଳରେ ସ୍ୱଚ୍ଛତାରେ ସୁଧାର ଆଣିବାର ପ୍ରତିବଦ୍ଧତା ସ୍ୱରୂପ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)କୁ ଏକ ଆଧୁନିକ ଟ୍ରକ ମାଉଣ୍ଟେଡ୍ ଭ୍ରାମ୍ୟମାଣ ଶୌଚାଳୟ ପ୍ରଦାନ କରାଯାଇଛି । ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ଓ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଏହି ଭ୍ରାମ୍ୟମାଣ ଶୌଚାଳୟର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମସି କମିଶନର ଚଞ୍ଚଳ ରାଣା(ଆଇଏଏସ), ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ (ଓଏଏସ) କର୍ପୋରେଟର ତଥା ସ୍ୱଚ୍ଛତା ଷ୍ଟାଣ୍ଡିଂ କମିଟିର ମୁଖ୍ୟ ବିରଞ୍ଚି ନାରାୟଣ ସୂପକାର, ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ମୁଖ୍ୟ କର୍ପୋରେଟ କମ୍ୟୁନିକେସନ ଓ ହାଇ-ଇମ୍ପାକ୍ଟ ସାମାଜିକ ପ୍ରକଳ୍ପ ପ୍ରଶାନ୍ତ କୁମାର ହୋତା ଏବଂ ବିଏମସିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ସହରାଞ୍ଚଳ ଭିତ୍ତିଭୂମିର ଉନ୍ନତି ପାଇଁ ସହଯୋଗ ସ୍ୱରୂପ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏହି ଅତ୍ୟାଧୁନିକ ଭ୍ରାମ୍ୟମାଣ ଶୌଚାଳୟ ପ୍ରଦାନ କରାଯାଇଥିବା ବେଳେ, ଏହାର ରକ୍ଷଣାବେକ୍ଷଣ, ପରିଚାଳନା ଓ ମୁତୟନ ବିଏମସି ପକ୍ଷରୁ କରାଯିବ। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟ, ରାୟଗଡ଼ର କୁଳପତି ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି, "ଆମେ ଦୃଢ଼ ଭାବେ ବିଶ୍ୱାସ କରୁ ଯେ ଏକ ସୁସ୍ଥ ଏବଂ ସମାବେଶୀ ସମୁଦାୟର ଗଠନ ପାଇଁ ସ୍ୱଚ୍ଛ ଓ ମର୍ଯ୍ୟାଦାପୂର୍ଣ୍ଣ ଶୌଚ ବ୍ୟବସ୍ଥା ଉପଲବ୍ଧ କରାଇବା ନିତାନ୍ତ ଜରୁରୀ। ସହରର କଳେବର ବୃଦ୍ଧି ହେବା ସହ ଏଠାରେ ବିଭିନ୍ନ ସମୟରେ ବିଶାଳ ଜନସମାଗମ ଆୟୋଜିତ ହେଉଛି। ତେଣୁ ସୁଲଭ ଶୌଚ ସୁବିଧାର ଆବଶ୍ୟକତା ବେଶୀ ଗୁରୁତ୍ୱପୂର୍ଣ୍ଣ। ଏହି ଭ୍ରାମ୍ୟମାଣ ଶୌଚାଳୟ ଭୁବନେଶ୍ୱରକୁ ଅଧିକ ପରିଷ୍କାର କରିବା ସହ ନାଗରିକ ଅନୁକୂଳ ସହର ଭାବେ ପରିଚୟ ସୃଷ୍ଟି ପାଇଁ ଏକ ପଦକ୍ଷେପ ହେବ। ଆମେ ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଭୁବନେଶ୍ୱର ମହାନଗର ନିଗମର ସହଭାଗୀ ହୋଇଥିବାରୁ ଅତି ଆନନ୍ଦିତ।"

ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ଶ୍ରୀମତୀ ଶାଲୁ ଜିନ୍ଦଲ ଓ ଜିନ୍ଦଲ ଫାଉଣ୍ଡେସନକୁ ଧନ୍ୟବାଦ ଦେବା ସହ କହିଛନ୍ତି, "ଏହି ଭ୍ରାମ୍ୟମାଣ ଶୌଚାଳୟ ଗୁରୁତ୍ୱପୂର୍ଣ୍ଣ ଜନସମାଗମ, ମେଳା, ମହୋତ୍ସବ, ସାଂସ୍କୃତିକ ମହୋତ୍ସବ ସମୟରେ ବେଶ ଉପଯୋଗୀ ହେବ। ଏହି ସହଭାଗିତା ନଗର ଭିତ୍ତିଭୂମି ଉନ୍ନୟନ ସହ ଭୁବନେଶ୍ୱରରେ ପରିଚ୍ଛନ୍ନତା ବଜାୟ ରଖିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି କାର୍ଯ୍ୟକ୍ରମରେ ବହୁ କର୍ପୋରେଟର, ବିଏମସି ଅଧିକାରୀ, ଶତାଧିକ ସଫେଇ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଜିନ୍ଦଲ ଷ୍ଟିଲର ଭାଇସ ପ୍ରେସିଡେଣ୍ଟ ତଥା ସିଏସଆର ମୁଖ୍ୟ ଋଷି ପଠାନିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସରିଲା ମାଟ୍ରିକ ପରୀକ୍ଷା : ବୁଗୁଡ଼ାର ୧୦ କେନ୍ଦ୍ରରେ ୨୫ ପରୀକ୍ଷାର୍ଥୀ ଅନୁପସ୍ଥିତ

ବୁଗୁଡ଼ା , (ସବ୍ୟୁ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ୧୦ଟି ପରୀକ୍ଷା କେନ୍ଦ୍ରରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦାରା ପରିଚାଳିତ ମାଟ୍ରିକ ପରୀକ୍ଷା-୨୦୨୬ ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହୋଇ ଶାନ୍ତି ଶୃଙ୍ଖଳାର ସହ ମାର୍ଚ୍ଚ ୨ ତାରିଖରେ ଶେଷ ହୋଇଛି । ଚଳିତ ବର୍ଷ ବୁଗୁଡ଼ା ସହରାଞ୍ଚଳର ୩ଟି ଏବଂ ଗ୍ରାମାଞ୍ଚଳର ୭ଟି ପରୀକ୍ଷା କେନ୍ଦ୍ରରେ ୨୭ଟି ଉଚ୍ଚ ବିଦ୍ୟାଳୟର ସମୁଦାୟ ୧୮୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଥିବା ସ୍ଥଳେ ୧୮୧୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିବା ଘଟଣା ଶିକ୍ଷା ବିଭାଗର ଚିନ୍ତା ବଢାଇ ଦେଇଛି । ଏତେ ସଂଖ୍ୟକ ବିଦ୍ୟାର୍ଥୀ କେଉଁ ପରିସ୍ଥିତିରେ ପରୀକ୍ଷା ଦେଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମାଟ୍ରିକ ପରୀକ୍ଷା ଛାତ୍ର ଜୀବନର

**ସିବିଆଇ ଟିମ**

ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ହେଉଥିବାରୁ ସମସ୍ତ ଛାତ୍ରଛାତ୍ରୀ କିଭଳି ମାଟ୍ରିକ ପରୀକ୍ଷା ଦେଇ ପାରିବେ ତାହାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ନେଇ ପ୍ରକାଶ ପାଇଥିଲା । ଏପଟେ ଶିକ୍ଷା ବିଭାଗ ଜିରୋ ଡ୍ରପଆଉଟ କଥା କହୁଥିବା ବେଳେ ସେପଟେ ୨୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ନ ଦେବା ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ କରାଯାଇଛି । ଅନ୍ୟପକ୍ଷରେ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ପରୀକ୍ଷାର୍ଥୀମାନେ ବାସ୍ତବରେ ମାଟ୍ରିକ ପରୀକ୍ଷା ଦେବାପାଇଁ ଫର୍ମ ପୂରଣ କରିଥିଲେ ନା ସ୍କୁଲରେ ବିଦ୍ୟାର୍ଥୀଙ୍କ ଉପସ୍ଥାପନ ସଂଖ୍ୟା ଅଧିକ ଦର୍ଶାଇବାକୁ ଯାଇ ସେମାନଙ୍କ ପାଇଁ ଫର୍ମ ପୂରଣ କରାଯାଇଥିଲା ନା ଅନ୍ୟ କୌଣସି କାରଣରୁ ୨୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଲେ ତାହାର ନିରପେକ୍ଷ ଯାଞ୍ଚ କରିବାକୁ ବିଭିନ୍ନ ମହଲରୁ ଦୃଢ ଦାବି ହେଉଛି । ତେବେ ଶିକ୍ଷା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଡ୍ରପ ଆଉଟ ରୋକିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ ମତ ପ୍ରକାଶ ପାଉଛି ।

## ବାଇକ-ସାଇକେଲ ଧକା : ଜଣେ ମୃତ

ଠାକୁରମୁଣ୍ଡା , (ସବ୍ୟୁ): ବାଇକ ସହିତ ସାଇକେଲ ଧକା ହେବାରୁ ଜଣେ ଯୁବକର ମୃତ୍ୟୁ ହୋଇଥିବା ବେଳେ ୨ ଗୁରୁତର ଆହତ ହୋଇଛନ୍ତି । ଠାକୁରମୁଣ୍ଡା ବଜାର ସ୍ଥିତ ମନ୍ଦିର ସାହି ର ଦିଲ୍ଲୀପ ସିଂ ଙ୍କର ପୁଅ ମଧୁସୂଦନ ସିଂ(୧୮) ,ଟୁନୁ ମହାକୁଡ(୨୨) ବାଇକ ଯୋଗେ ସୋମବାର ସନ୍ଧ୍ୟା ୬ଟାରେ ଆନନ୍ଦପୁର ଯାଉଥିଲେ । । ସାପ୍ତାହିକ ହାଟ ସାରି ସାଇକେଲ ରେ ଖୁମଠାଣ ର ସୁଶାନ୍ତ ନାଏକ (୨୭) ଘରକୁ ଯାଉଥିଲା ବେଳେ ମହୁଲଡିହା ଥାନା ଆଗ ରାସ୍ତାରେ ବାଇକ ସହ ଧକା ହୋଇ ଥିଲା । ମହୁଲଡିହା ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ୩ ଜଣ ଗୁରୁତର ଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।

# ପୂର୍ବ ଶତ୍ରୁତାରୁ ଗୁଳିକାଣ୍ଡ : ଜଣେ ଆହତ



ବ୍ରହ୍ମପୁର , (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଗୁଳି ମାଡ,ଦାଦା ବଟି, ରାହାଜାନୀ , ଚୋରି ଓ ଦୁଷ୍କର୍ମ ଭଳି ଅନେକ ଘଟଣା ଘଟୁଥିବା ବେଳେ ସୋମବାର ସକାଳେ ଫୁଟିଛି ଗୁଳି । ଏଭଳି ଏକ ଗୁଳିକାଣ୍ଡ ଘଟଣା ଘଟିଛି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅରଖପୁର ଗ୍ରାମର ସାଗର ବେହେରାଙ୍କ ଉପରେ । ସାଗର ସୋମବାର ସକାଳେ ପୋଖରୀ କୁ ଗାଧୋଇ ବାକୁ ଯାଇ ଥିବା ବେଳେ ତାଙ୍କୁ ଦୁଇଜଣ ଦୁର୍ବୃତ୍ତ ଗୁଳିମାଡ଼ କରିଛନ୍ତି । ଗୋଡ଼ରେ ଦୁଇ ରାଉଣ୍ଡ ଗୁଳି ବାଜିଥିବା ବେଳେ ସେ ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇ ଥିବା ଜଣାପଡିଛି । ସୋମବାର ସକାଳେ ଗାଁ ପୋଖରିକୁ ଗାଧୋଇ ବାକୁ ପାଇଁ ଯାଇଥିବା ବେଳେ ଶ୍ରୀ,ବାଙ୍କ ଠାରେ ଦୁଇଜଣ ଯୁବକ ମୁଖା ପିନ୍ଧି ଚାଲିଚାଲି ଆସି ତାଙ୍କ ଗୋଡକୁ ଗୁଳିକରି ଚାଲିଯାଇଥିଲେ । ଏନେଇ ଗ୍ରାମରେ ସ୍ପଷ୍ଟ ଦିବାଲୋକରେ ଏଭଳି ଗୁଳିକାଣ୍ଡ ଘଟିଥିଲେ ମଧ୍ୟ କିଏ କିପରି ଜାଣିପାରିଲେ ନାହିଁ, ତାହା ଚର୍ଚ୍ଚାର ବିଷୟ ହୋଇଛି । ଗୁଳିକାଣ୍ଡ କରି ଥିବା ଯୁବକଙ୍କୁ ଭୟକରି କେହି ମୁହଁ ଖୋଲୁନଥିବା ଆଲୋଚନା ବିଷୟ ହୋଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରି ଥିବା ବେଳେ ଏକ ମାମଲା ନମ୍ବର ୧୪୨/୨୬ ରୁଜୁ କରି ତଦନ୍ତ ଆରମ୍ଭ କରି ଥିବା ଜଣାପଡିଛି । ଏଭଳି ଘଟଣା ଘଟିଥିବାର ଶୁଣିବାକୁ ପାଇ ଥାନା ଅଧିକାରୀ କୁଳମଣୀ ସେଠୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିବା ଜଣାପଡିଛି ।

## ଚିକିତ୍ସାଧୀନ ଅବସ୍ଥାରେ ଆତ୍ମହତ୍ୟା ଉଦ୍ୟମ ଯୁବକର ମୃତ୍ୟୁ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳବାଇ ପୋଲିସ ଫାଣ୍ଡି ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେସନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ଅଜଣା ଯୁବକ ମାଲବାହୀ ଟ୍ରେନ ଆଗକୁ ଡେଇଁ ପଡ଼ିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ବାଲୁଗାଁ ରେଳ ଷ୍ଟେସନ ମଧ୍ୟକୁ ଏକ ମାଲବାହୀ ଟ୍ରେନ ପ୍ରବେଶ କରୁଥିବା ବେଳେ ଜଣେ ଅଜଣା ଯୁବକ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ । ଷ୍ଟେସନରେ ଉପସ୍ଥିତ ଥିବା ଲୋକେ ଓ ରେଳବାଇ ପୋଲିସ ତାଙ୍କୁ ତୁରନ୍ତ ଉଦ୍ଧାର କରି ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।ଏହି ଘଟଣାକୁ ନେଇ ଖୋର୍ଦ୍ଧା ରୋଡ ଜିଆରପି ପକ୍ଷରୁ କେସ ନମ୍ବର ୧୦ (ତା ୦୧/୦୩/୨୬) ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# କୁଡୁମୀ ଅଧିକାର ମହାରାଲି



ବାରିପଦା, (ସବ୍ୟୁ) : କୁଡୁମୀ ମାନଙ୍କ ବିରୋଧରେ ୭୫ବର୍ଷ ପୂର୍ବରୁ ହେଇଥିବା ଅନ୍ୟାୟ ବିରୋଧରେ ଶୀତଲ ଆହେଦାରଙ୍କ ନେତୃତ୍ୱରେ ରାଞ୍ଚିର ପ୍ରଭାତ ତାରା ମୈଦାନରେ ଲକ୍ଷାଧିକ ଲୋକଙ୍କ ମହାସମାଗମରେ କୁଡୁମୀ ଅଧିକାର ମହାରାଲି ଅନୁଷ୍ଠିତ ହେଇଯାଇଛି । ଏହି ରାଲିରେ ଓଡିଶା, ବେଙ୍ଗଲ, ବିହାର ରୁ ସବୁ କୁଡୁମୀ ସମ୍ପ୍ରଦାୟର ଲୋକ ଯୋଗଦାନ କରିଥିଲେ । ଓଡିଶା ରୁ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ଓଡିଶାରୁ ମଧ୍ୟ ହଜାର ହଜାର କୁଡୁମୀ ସମ୍ପ୍ରଦାୟର ଲୋକ ଏହି ରାଲିରେ ଭାଗ ନେଇଥିଲେ । ଜୈମୁନୀ ମହାନ୍ତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ କୁଡୁମୀ ଜାତିକୁ କିପରି ଅନୁସୂଚିତ ଜାତି ମାନ୍ୟତା ମିଳିବ ଓ କୁଡୁମାଲୀ ଭାଷାକୁ କିପରି ଅଷ୍ଟମ ପରିଚ୍ଛେଦ ମାନ୍ୟତା ମିଳିବ ସେ ବାବଦରେ ଆଲୋଚନା କରି ଆନ୍ଦୋଳନକୁ କିପରି ଆହୁରି ତୀବ୍ର ରୂପ ରେଖା ଦିଆଯିବ ସେ କଥା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶାରୁ କୁଡୁମୀ ସେନାର ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, କାହ୍ନ ଚରଣ ମହାନ୍ତ, ରାଜେଶ ମହାନ୍ତ, ଭବାନୀ ମହାନ୍ତ, ଭାଗ୍ୟଧର ମହାନ୍ତ, କୁଡୁମୀ ଛାତ୍ର ସେନାର ସଭାପତି ବରୁଣ କୁମାର ମହାନ୍ତ, ପ୍ରିୟବ୍ରତ ମହାନ୍ତ, ତୁଷାର ମହାନ୍ତ, ପଙ୍କଜ ମହାନ୍ତ, ବିଜେନ ମହାନ୍ତ, ଚିକୁ ମହାନ୍ତ, ଶାନ୍ତନୁ ମହାନ୍ତ ଓ କୁଡୁମୀ ମହିଳା ସେନାର ଗୀତାଞ୍ଜଳି ମହାନ୍ତ, ନମିତା ମହାନ୍ତ, ସସ୍ମିତା ମହାନ୍ତ ଓ ସୁଜାତା ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସେନାର ବହୁ ସଂଖ୍ୟାରେ ସଦସ୍ୟ ରାଲିରେ ଯୋଗଦାନ କରିଥିଲେ ।

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ ଶିବିର

ବାରିପଦା,(ସବ୍ୟୁ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକାରୀ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଏଡିଏମ୍‌ଓ ବିଜୟ କୁମାର ଦାଶ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜିର ଶୁଣାଣିରେ ସର୍ବମୋଟ ୧୮୦ଗୋଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୮୦ଗୋଟି ଅଭିଯୋଗ ମଧ୍ୟରୁ ୧୫୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ ୨୮ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ନିର୍ଦ୍ଦେଶ ଦେଇଥିଲେ ।

## ମା' ପାଟଚଣ୍ଡୀଙ୍କ ପୀଠରେ ଗଣମାଧ୍ୟମ ପ୍ରତିନିଧିଙ୍କ ବନ୍ଧୁମିଳନ

# କଲେ ସାମ୍ବାଦିକମାନଙ୍କ ସମସ୍ୟା ଆଲୋଚନା



ଖଣ୍ଡପଡ଼ା (ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ଅଞ୍ଚଳର ଆରାଧ୍ୟ ଦେବୀ ମା' ପାଟଚଣ୍ଡୀଙ୍କ ପୀଠରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ପ୍ରଥମ କରି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରିଷ୍ଠ ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ,ଶରତ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବରାଡ,ବ୍ରଜବନ୍ଧୁ ଦେହୁରୀ,ପ୍ରଭାତ କୁମାର ବରାଡ,ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା ।କାର୍ଯ୍ୟକ୍ରମରେ ଖଣ୍ଡପଡ଼ା,କଣ୍ଟିଲୋ,ଭାପୁର, ବୋଲଗଡ, ଭୁବନେଶ୍ୱର ଓ କଟକ ଅଞ୍ଚଳରେ କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୪୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା ।ସେହିପରି ମା' ପାଟଚଣ୍ଡୀଙ୍କ ପୀଠର ସାମଗ୍ରିକ ବିକାଶ ଦିଗରେ ପ୍ରଶାସନିକ ଉଦାସୀନତାକୁ ନେଇ ଗଣମାଧ୍ୟମର ପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଥିବା ବେଳେ ଖଣ୍ଡପଡା ଅଞ୍ଚଳର ପ୍ରମୁଖ ସମସ୍ୟା ଗୁଡ଼ିକ ସମ୍ପର୍କରେ ଆଲୋଚନା ମଧ୍ୟ କରାଯାଇଥିଲା ।

## ଟ୍ୟାଙ୍କର ଚକା ତଳେ ବାପା ମୃତ,ବର୍ତ୍ତିଲା ପୁଅ

ଦଶପଲ୍ଲା,(ସବ୍ୟୁ): ସାମବାର ଦିନ ମଧ୍ୟାହ୍ନ ସମୟ ରେ ଦଶପଲ୍ଲା ଥାନା ଜାଗାପୁର ରୋଡ଼ ଛକ ୫୭ ନମ୍ବର ଜାତୀୟ ରାଜପଥ ଉପରେ ଏକ ମର୍ମନ୍ତୁଦ ଦୁର୍ଘଟଣା ରେ ଟ୍ୟାଙ୍କର ଚକାତଳେ ବାପାର ଜୀବନ ଚାଲିଯାଇଥିବା ବେଳେ ଅଳ୍ପକେ ରକ୍ଷାପାଇଯାଇଛି ପୁଅ । ଏ ଆର ଏସ ଏସ କମ୍ପାନୀ ରେ କଂକ୍ରିଟ ମିକCଚର କଣ୍ଟେନର ଓ ଡି ୦୨ ଡି କେ /୬୭୬୦ ନମ୍ବର ଗାଡି ବାଣିଗୋଛା ଅଭିମୁଖେ ଯାଇଥିଲା ବେଳେ ନୟାଗଡ଼ ଥାନା ମାନ୍ଧାତାପୁର ଗ୍ରାମ ପ୍ରକାଶ ଜେନା (୭୦) ଓ ତାଙ୍କ ପୁଅ ଆଶ୍ରିବାଦ ଜେନା(୨୫) ନିଜ ସ୍କୁଟି ଓ ଡି ୦୨ ବି ଜେ ୮୮୯୧ ରେ ଟ୍ୟାଙ୍କରକୁ ଅତିକ୍ରମ କରୁଥିଲେ ।

## ଦ୍ୱାରଶୁଣୀ ଘାଟି ରାସ୍ତା କଟକଣା ଅବଧି ୩୧ ଯାଏ ବୃଦ୍ଧି

# ପ୍ରତ୍ୟେକ ଗୁରୁ-ଶୁକ୍ର ବାର ୩ ଘଣ୍ଟା ବନ୍ଦ ରହିବ

ବାରିପଦା, (ସବ୍ୟୁ):ଦ୍ୱାରଶୁଣୀ ଘାଟି ମଧ୍ୟ ଦେଇ ଯାଇଥିବା ୪୯ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଅବଧିକୁ ଚଳିତ ମାସ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୁପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି । ପ୍ରତ୍ୟେକ ସପ୍ତାହରେ କେବଳ ଗୁରୁବାର ଓ ଶୁକ୍ରବାର ଦିନ ୧ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଏହି ରାସ୍ତା ମଧ୍ୟ ଦେଇ ଯିବାଆସିବା ବନ୍ଦ ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ । ଯେକୌଣସି ଯାନବାହାନ (ଦୁଇ ଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ) ଓ ପଥଚାରୀମାନେ ଏହି ସମୟରେ ଯାତାୟାତ କରି ପାରିବେନାହିଁ । ଏହାସହ ଘାଟୀ ଆଖପାଖରେ ଗାଈଛେଳି ଚାରଣ କରାଇବା ମଧ୍ୟ ବାରଣ କରାଯାଇଛି । ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ । କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡିବ । କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟତ ପାଇଁ ଛଡାଯିବ । ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବ୍ୟବସ୍ଥା ଅନୁଯାୟୀ ବିଶୋଇ -ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକକୁ ବିକଳ୍ପ ରାସ୍ତା ଭାବରେ ବ୍ୟବହାର କରିପାରିବେ ।

# ଗ୍ରାମ୍ୟ ରାସ୍ତାର ଉନ୍ନତି କରଣର ଶିଳାନ୍ୟାସ

ବୁଗୁଡା ,(ସବ୍ୟୁ): ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଗ୍ରାମ୍ୟରାସ୍ତା ଉନ୍ନତିକରଣ ଯୋଜନା ଆନୁକୂଲ୍ୟରେ ଏଠାକାର ପୂର୍ତ୍ତ ବିଭାଗ ସଡକଠାରୁ ଗୋଳାବନ୍ଧ, ସଙ୍କୁରୁ ଓ ଭୋଗଡା ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ୧୨ କୋଟି ୭ ଲକ୍ଷ ଟଙ୍କା ବ୍ୟୟବରାଦରେ ଦୀର୍ଘ ୧୩ କିଲୋମିଟର ଗ୍ରାମ୍ୟ ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ସମେତ ଠିକାଦାର ନୀଳମାଧବ ସାହୁ ଉପସ୍ଥିତ ରହିଥିଲେ । ପ୍ରକାଶ ଯୋଗ୍ୟ ଯେ, ସ୍ଥାନୀୟ ପୂର୍ତ୍ତ ବିଭାଗ ସଡକଠାରୁ ଗୋଳାବନ୍ଧ, ସଙ୍କୁରୁ ଓ ଭୋଗଡା ଅଭିମୁଖେ ଲମ୍ବିଥିବା ଏହି ରାସ୍ତା ଖରାପ ଅବସ୍ଥାରେ ରହିଥିବା ବେଳେ ବିଶେଷକରି ବୁଗୁଡ଼ାରୁ ବେତାରସିଂ ଗାଁ ଅତିକ୍ରମ କରି ସାଢେ ତିନି କିଲୋମିଟର ପର୍ଯ୍ୟନ୍ତ ରାସ୍ତାଟି ଏକ ଠିକା ସଂସ୍ଥାର ବାଲି ଓ ଗୋଡି ବୋଝେଇ ଭାରିଯାନଗୁଡିକ ଅନବରତ ଚଳାଚଳ ହେତୁ ବିପଦଜ୍ଜନକ ଖାଲଖମାରେ ପରିପୂର୍ଣ୍ଣ ହୋଇ ଲୋକଙ୍କ ପାଇଁ ମରଣଯନ୍ତା ପାଲଟି ଅନେକ ଦୁର୍ଘଟଣା ଘଟୁଛି ଏବଂ ବର୍ଷା ହେଲେ ଲୋକେ ଯମ ଯନ୍ତ୍ରଣା ଭୋଗିବାକୁ ବାଧ୍ୟ ହେଉଛନ୍ତି । ତେବେ ୩.୭୫ ମିଟର ପ୍ରସ୍ଥ ବିଶିଷ୍ଟ ଏହି ରାସ୍ତାକୁ ପ୍ରଶସ୍ତିକରଣ ଯୋଜନାରେ ୫.୫ ମିଟର କରାଯିବା ସହ ଉନ୍ନତିକରଣ ନିମନ୍ତେ ମନ୍ତ୍ରୀଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ଦାବି ଫଳପ୍ରଦ ହୋଇଥିବା ସହ ଆଗାମୀ ଦିନରେ ଯାତାୟାତ ସୁବିଧାଜନକ ହେବା ନେଇ ଆଶା ସଞ୍ଚାର ହୋଇଛି ।

# ୟୁରୋକିଡସ ପ୍ରି-ସ୍କୁଲର ବାର୍ଷିକ ଉତ୍ସବ




ବାରିପଦା, (ସବ୍ୟୁ) : ବାଘରାରୋଡ ସ୍ଥିତୟୁରୋକିଡସ ପ୍ରି-ସ୍କୁଲର ବାର୍ଷିକଉତ୍ସବ ସହିଦ ସ୍ମୃତିଭବନରେ ପାଳିତ ହୋଇଯାଇଛି. ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଅତିଥି ଭାବରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ପିଲାଙ୍କୁ ଶିକ୍ଷା ସହ ସଂସ୍କାର ପ୍ରଦାନରେ ପ୍ରି -ସ୍କୁଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ. ମୁଖ୍ୟ ବକ୍ତା ଭାବେ ଶିମିଳିପାଳ ଅଭୟାରଣ୍ୟର ଉପନିର୍ଦ୍ଦେଶକ ଡାଃ ସମ୍ରାଟ ଗୌଡା, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଏସପି ସବିତା ମାଝୀ, ହୋଟେଲ ଲିଭ୍ୟାର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସିଂହ, ଅନୁଷ୍ଠାନର ନିର୍ଦ୍ଦେଶିକା ସୁନୀତା ଘିବେଲା ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟ ରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ. କୁନି କୁନି ପିଲାମାନେ ସୁନ୍ଦର ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ. ବାର୍ଷିକ ଉତ୍ସବରେ ଓ ଅଭିନେତା ତଥା ଆଙ୍କର ଆଲୋକ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା. ଏହି ଅବସର ରେ ବିଭିନ୍ନ କ୍ଷେତ୍ର ରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ଏବଂ ବିଦ୍ୟାଳୟର ଗୁରୁମା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା. କୁନି କୁନି ଛାତ୍ର ଛାତ୍ରୀଙ୍କ ସହ ବହୁସଂଖ୍ୟାରେ ଅଭିଭାବକ ମାନେ ଯୋଗଦେଇଥିବା ବେଳେ ବିଦ୍ୟାଳୟର ସଂଯୋଜିକା, ଶିକ୍ଷୟତ୍ରୀ ଏବଂ ତ%୦ାବଧାନକାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗାଡି ଧକ୍କାରେ ଜଣେ ମୃତ

ବ୍ରହ୍ମପୁର,(ସବ୍ୟୁ): ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତାରେ ପୁଣି ଏକ ସଡକ ଦୁର୍ଘଟଣା ଘଟିଛି। ବାଳକୁମାରୀ ମନ୍ଦିରରୁ ଦର୍ଶନ କରି ବାଇକରେ ଫେରୁଥିବା ୨ ଜଣ ଯୁବକଙ୍କୁ ଏକ ଗାଡି ଧକା ଦେବାରୁ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଯାଇଥିବା ଆଉ ଜଣେ ଗୁରୁତର ହୋଇଛନ୍ତି। ଲାଞ୍ଜିଆ-ବାଳକୃଷ୍ଣପୁର ମଝି ରାସ୍ତାରେ ରବିବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ବୋରିଗାଁର କୁନା ସାହୁ(୨୫)। ଗୁରୁତର ହୋଇଥିବା ସଞ୍ଜୟ ସାହୁ(୨୮)ଙ୍କୁ ସଦର ଥାନା ପୁଲିସ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଛି। ସୂଚନାପ୍ରକାରେ, ସଦର ଥାନା ଅନ୍ତର୍ଗତ ବୋରିଗାଁର ଜଣେ ବ୍ୟକ୍ତି ବାଳକୁମାରୀ ମନ୍ଦିରରେ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଗ୍ରାମର ଅନେକ ଲୋକ ସେଠାକୁ ଭୋଜି ଖାଇବାକୁ ଯାଇଥିଲେ। ଭୋଜି ସରିବା ପରେ ଗ୍ରାମର କୁନା ଓ ସଞ୍ଜୟ ଗୋଟିଏ ବାଇକରେ ଫେରୁଥିଲେ। ଏହି ୨ ଜଣ ବାଳକୃଷ୍ଣପୁର-ଲାଞ୍ଜିଆ ମଝି ରାସ୍ତାରେ ହୋଇଥିବା ବେଳେ ବ୍ରହ୍ମପୁର ପଟୁ ଦିଗପହଣ୍ଡି ଆଡକୁ ଯାଉଥିବା ଏକ ବାଲେରୋ ଗାଡି ଉକ୍ତ ବାଇକକୁ ସମ୍ମୁଖରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ କୁନା ଓ ସଞ୍ଜୟ ରାସ୍ତାରେ ଛିଟିକି ପଡିଥିଲେ। କୁନାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

# ମିଳିତ ଅଭିଯୋଗ ଶୁଣାଣି : ୯୭ ଅଭିଯୋଗ ଗ୍ରହଣ

ଭଞ୍ଜନଗର,(ସବ୍ୟୁ): ଭଞ୍ଜନଗର ଉପଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ଠାରେ ସୋମବାର ଗଞ୍ଜାମ ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା , ଉପ ଜିଲ୍ଲାପାଳ ଉମାଶଙ୍କର ବେହେରା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଭଞ୍ଜନଗର ରଞ୍ଜନ କୁମାର ଦେ , ମୋଟ ୯୭ଟି ଅଭିଯୋଗର ଶୁଣାଣୀ କରିଥିଲେ । ୧୪ଟି ଅଭିଯୋଗର ସମାଧାନ ଶିବିରରେ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗଗୁଡିକ ବରି ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରେଡକ୍ରସ ପାଣ୍ଠିରୁ ୬ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ୪୭,୫୦୦ ଟଙ୍କା ଯୋଗାଇ ଦିଆଯାଇଥିଲା । ସ୍ଥାନୀୟ ଜନସାଧାରଣ ଶିକ୍ଷା,କୃଷି, ସ୍ୱାସ୍ଥ୍ୟ, ଭତ୍ତା, ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ଜିବିକା ମିଶନ, ରାଜସ୍ୱ, ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଅବଗତ କରିଥିଲେ ।

# ଟିକିରା ନଦୀରେ ବୁଡି ଛେଳି ଚାରାଳିର ମୃତ୍ୟୁ

କଣିହାଁ,(ସବ୍ୟୁ): କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ଅନ୍ତର୍ଗତ ଟୋଲକବେଡା ଗ୍ରାମ ଟିକିରା ନଦୀରେ ବୁଡି ସନ୍ତୋଷ ସେଠି (୪୩) ନାମକ ଜଣେ ଛେଳି ଚରାଳୀ ର ମୃତ୍ୟୁ ହୋଇଛି । ଏନଟିପିସି ପୁଲିସ ଏଥିନେଇ ଏକ ଅପମୃତ୍ୟୁ ମୋକଦ୍ଦମା ରୁଜୁ କରି ଶବ ଜବତ କରିଥିବା ବେଳେ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି । ପୁଲିସ ସୁତ୍ରରୁ ପ୍ରକାଶ ଯେ, ରବିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ସନ୍ତୋଷ ସେଠି ଛେଳି ଚରାଇ ଘରକୁ ଫେରୁଥିବା ବେଳେ ଶୌଚ ପାଇଁ ଟିକିରା ନଦୀକୁ ଯାଇଥିଲେ । ମାତ୍ର ଗୋଡ଼ ଖସିଯାଇ ସେ ଗଭୀର ପାଣିରେ ବୁଡିଯାଇଥିଲେ । ଖବର ପାଇ କଣିହାଁ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ସନ୍ତୋଷକୁ ଉଦ୍ଧାର କରି କଣିହାଁ ମେଡିକାଲରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଡୁହାକୁ ଡୁହା ପଡୁଛି ରେଳଫାଟକ, ପଥଚାରୀ ଓ ବିଭିନ୍ନ ମହଲରେ ଅସନ୍ତୋଷ

ତାଳଚେର,(ସବ୍ୟୁ): ତାଳଚରେ ବାଇପାସ୍ ଛକ ଠାରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ରେଲୱେ ଫାଟକ ରହିଛି । ପ୍ରାୟ ସମୟରେ ଏହି ଫାଟକ ପଡୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହି ମୁଖ୍ୟରାସ୍ତାରେ କୋର୍ଟ, କଚେରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆରଆଇ, ରେଭିନ୍ୟୁ ଅଫିସ୍, ଫୋରେଷ୍ଟ ଅଫିସ୍, ପଶୁଚିକିତ୍ସାଳୟ, ମହିଳା ମହାବିଦ୍ୟାଳ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌରପରିଷଦ ଚିକିତ୍ସାଳୟ ଏବଂ ଛୋଟବଡ଼ ସରକାରୀ ବେସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ଅଫିସ୍ କାର୍ଯ୍ୟରେ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଦେଶର ଭବିଷ୍ୟତ, ଛାତ୍ରଛାତ୍ରୀ ଓ କୁନିକୁନି ପ୍ରତିଭାମାନେ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି, ଗୁରୁତ୍ୱପୂର୍ଣ୍ଣ ଯାନ ଗୁଡ଼ିକ ଯଥା– ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ, ଜନନୀ ଏକ୍ସପ୍ରେସ୍ ଇତ୍ୟାଦି ଗାଡ଼ି ଗୁଡ଼ିକ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଥିବା ବି ଲକ୍ଷ୍ୟ କରାଯାଇଛି । ତେବେ ଏପରି ସମସ୍ୟା ଉପୁଜୁଛି ଯେ, ରାସ୍ତାର ଉଭୟ ପାଶ୍ୱରେ ଶହଶହ ଯାନବାହାନ ଠିଆ ହେବାରୁ ଯାତାୟତରେ ବାଧାପ୍ରାପ୍ତ ହେଉଛି । ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ଦେଖାଦେଉଛି । ତେବେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ କେହି ସାମାନ୍ୟତମ କର୍ଣ୍ଣପାତ ଓ ଦୃଷ୍ଟି ଦେଉନଥିବା ଏକ ଦୁର୍ଭାଗ୍ୟଜନକ ବିଷୟ ହୋଇଛି । ତେଣୁ ଏସମସ୍ୟାର ସମାଧାନକୁ ନେଇ ବିଭିନ୍ନ ମହଲରେ ଦାବି ହେଉଛି ।

## ମାଡ଼ ମାରି ୧୦ ହଜାର ଲୁଟ୍

ଠାକୁରଗଡ଼,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗଡେଇମୁଣ୍ଡା ଗ୍ରାମର ସିପୁନ ବେହେରାଙ୍କୁ ସେହି ଗ୍ରାମର ବିପିନି ପ୍ରଧାନ, ଅକାଶ କରଣ, ମିଟୁ ସାହୁ ମାଡ଼ ମାରି ୧୦ ହଜାର ଟଙ୍କା ନେଇ ଯାଇଥିବା ସିପୁନ ହଣ୍ଡପା ଥାନାରେ ରବିବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତକରି ପୋଲିସ ନମ୍ବର ୭୭/୨୬ ରେ ଏକ ମାମଲା ରୁଜୁକରିଛନ୍ତି । ପୋଲିସ କହିଛି – ସିପୁନ ରାସ୍ତାରେ ଯାଉଥିବା ବେଳେ ଉକ୍ତ ତିନି ଜଣ ଯୁବକ ଅଟକାଇ ତାଙ୍କୁ ୨୦୦ ଟଙ୍କା ମାଗିଥିଲେ କରିଛନ୍ତି ।ହେଲେ ସିପୁନ ୨୦୦ ଟଙ୍କା ନଥିବା କହିଥିଲେ । ଏଥିରେ ଉକ୍ତ ତିନି ଜଣ ମାଡ଼ ମାରି ତାଙ୍କ ପକେଟରେ ଥିବା ୧୦ ହଜାର ଟଙ୍କା ନେଇ ଯାଇଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି।

# ଜଳୁଛି ଗୁଜା ପାହାଡ଼: ଶୋଇଛି ବନ ବିଭାଗ



ଠାକୁରଗଡ଼,(ସବ୍ୟୁ) :ଆଠମଲ୍ଲିକ ଉପଖଣ୍ଡ ବାସୁଦେବପୁର ପଞ୍ଚାୟତ ଅନ୍ତର୍ଗତ ଦୌଲତପୁର ଓ ଗୌତମପୁର ଗ୍ରାମ ନିକଟରେ ଥିବା ଗୁଜା ପାହାଡ଼ ଏବେ କିଛି ଦିନ ହେବ ଜଳବାରେ ଲାଗିଛି । ନିଆଁକୁ ଆୟତ କରିବାରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । କିଛି ଦିନ ଧରି ଏହି ପାହାଡ଼ରେ ଭୟଙ୍କର ନିଆଁ ଲାଗି ରହିଥିବା ବେଳେ ବହୁମୂଲ୍ୟ ଗଛଲତା ଓ ଜୀବଜନ୍ତୁ ପୋଡ଼ି ପାଉଁଶ ହୋଇଯାଉଛନ୍ତି । ସ୍ଥାନୀୟ ବନ ବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ନିଆଁର ପ୍ରକୋପ ଏତେ ଭୟଙ୍କର ଯେ ଏହା ଧୀରେ ଧୀରେ ଜନବସତି ଆଡ଼କୁ ମାଡ଼ି ଆସୁଛି। ପାହାଡ଼ରେ ଥିବା ବହୁ ଔଷଧୀୟ ବୃକ୍ଷ ସହ ବନ୍ୟଜନ୍ତୁ ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛନ୍ତି। ନିଆଁ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବା ସହ ଧୂଆଁମୟ ପରିବେଶ ସୃଷ୍ଟି ହୋଇଛି, ଯାହା ଗ୍ରାମବାସୀଙ୍କ ପାଇଁ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଜଙ୍ଗଲ ରେ ଏବେ ଅନେକ ପତ୍ର ସୁଖୀ ପଡିଛି । ଜଙ୍ଗଲକୁ ଜଙ୍ଗଲ ଦ୍ରବ୍ୟ ଆଣିବା ପାଇ ଯାଉଥିବା ଲୋକେଜଙ୍ଗଲ ରାସ୍ତା ପତ୍ର ରେ ଅବରୋଧ ହୋଇ ଯାଇଥିବା ଯୋଗୁଁ ନିଆଁ ଲଗାଇ ଦେଉଥିବା ସ୍ଥାନୀୟ ଅଞ୍ଚଳବାସି ଅଭିଯୋଗ କରିଛନ୍ତି । ଏ ନେଇ ବନ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି କର୍ମଚାରୀ ଘଟଣାସ୍ଥଳକୁ ଆସିନାହାଁନ୍ତି । ବନ ବିଭାଗର ଏଭଳି ନିଷ୍କ୍ରିୟତା ଓ ଦାୟିତ୍ୱହୀନତାକୁ ନେଇ ଦୌଲତପୁର ଏବଂ ଗୌତମପୁର ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଦି ତୁରନ୍ତ ଏହି ନିଆଁକୁ ଆୟତ୍ତ କରାନଯାଏ, ତେବେ ପାହାଡ଼ ସମ୍ପୂର୍ଣ୍ଣ ଲଣ୍ଡା ହୋଇଯିବା ସହ ପରିବେଶର ଅପୂରଣୀୟ କ୍ଷତି ହେବି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଉଚ୍ଚ ବନ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଠମଲ୍ଲିକ ଅଂଚଳର ଯୁବକ ସନ୍ତୋଷ ମେହେର ସୋସିଆଲ ମିଡ଼ିଆ ମୁଖ୍ୟମନ୍ତ୍ରୀ ଙ୍କୁ ଏକ ଅଭିଯୋଗ ପତ୍ର ମାଧମ ରେ ସୋମବାର ଦିନ ଜଣାଇଛନ୍ତି । ଏ ନେଇ ଫରେଷ୍ଟର ସନ୍ତୋଷ ନାୟକ କୁହନ୍ତି ବନ ବିଭାଗ ପକ୍ଷରୁ ନିଆଁ କୁ ଲିଭା ହେଉଛି । ବିଶେଷ କରି ଏ ନେଇ ଗ୍ରାମଞ୍ଚଳରେ ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା କରା ଯାଉଛି । ଶୀଘ୍ର ପଦକ୍ଷେପ ନିଆଁ ଯିବ ।

# ବଙ୍ଗୁ ଗ୍ରାମରେ ବାର୍ଷିକ ହରିମେଳା



ହିନ୍ଦୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଗୁଳେହୀ ପଞ୍ଚାୟତ ବଙ୍ଗୁ ଗ୍ରାମରେ ୧ତାରିଖ ଦିନ ବାର୍ଷିକ ହରିମେଳା ବୈଦିକ ନୀତିରେ ଆଡ଼ମ୍ବର ସହକାରେ ପାଳନ କରାଯାଇଛି । ଗ୍ରାମ କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସ୍ଥାନୀୟ ଦୁଦୁରୁକୋଟ ଲଉଡି ନୃତ୍ୟ ସହିତ ମୃଦଙ୍ଗ, ତାଳ,ଘଣ୍ଟ ,ଶଙ୍ଖ ଶବ୍ଦର ତାଳେ ତାଳେ ଗ୍ରାମର ଭକ୍ତିମତି ମହିଳାମାନେ ଜଳପୂର୍ଣ୍ଣ କଳସୀ ଆଣିବା ସହିତ ଗ୍ରାମବାସୀମାନେ ବିମାନରେ ଭାଗବତ ଠାକୁର ଧରି ପୁଜା ମଣ୍ଡପରେ ସ୍ଥାପନା କରିଥିଲେ । କର୍ତ୍ତା ନାଥ ସାହୁଙ୍କ ଉପସ୍ଥିତିରେ ନିତ୍ୟ ପୂଜକ ସୁବ୍ରତ କର ପୂଜାର୍ଚ୍ଚନା କରିଥିଲେ । ଏହି ହରିମେଳାରେ ଗୁଳେହୀ, ସାନହିନ୍ଦୋଳ , ପାଟଳା , ପଡ଼ା, ଦୁଦୁରୁକୋଟ, ନୁଆବଗ, ହରିହରପୁର, କଲଣ୍ଡା, ବାରିହାରଗଡ଼ି, ବୁରୁଗିଭୂଇଁ , ଗୁଡ଼ିସାହି, ଦୟାନିଧିପୁର, ଘୁରିଡି ସାହି ଆଦି ୧୫ ଗୋଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ରାତ୍ର ସାରା ହରିନାମ ପରିବେଷଣ କରିଥିଲେ । ସଙ୍କୀର୍ତ୍ତନ ମଣ୍ଡଳୀକୁ ବିମଳ ବିଶ୍ୱାଳ ଓ ମଙ୍ଗରାଜ ପ୍ରଧାନ ପରିଚାଳନା କରିଥିଲେ । ଏହି ମେଳାରେ ଡକ୍ଟର ଚୈତନ୍ୟ ଚରଣ ସାହୁ, କର୍ତ୍ତିକେଶ୍ୱର ବେହେରା, ସରପଞ୍ଚ ରିତା ସାହୁ , ସମିତି ସଭ୍ୟ ପ୍ରଭାତୀ ବିଶ୍ୱାଳ, ପୂର୍ବତନ ସରପଂଚ ଅକ୍ଷୟ ସାହୁ, ହାତୁରା ପୂର୍ବତନ ସରପଂଚ ନିରାକାର ସାହୁ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ । ଗ୍ରାମ କମିଟି ସମ୍ପାଦକ ଟଙ୍କଧର ସାହୁ, ସ୍ୱପ୍ନେଶ୍ୱର ବିଶ୍ୱାଳ ,ପର୍ଶୁରାମ ସାହୁ ଓ ଗଣେଶ୍ୱର କ୍ଲବର ସଭ୍ୟ ମାନେ ବିଭିନ୍ନ ଦାୟିତ୍ୱ ନେଇ ଉତ୍ସବକୁ ସଫଳ କରିଥିଲେ ।

## ପେପର ଟେଣ୍ଡରକୁ ନେଇ ବିଜେଡିର ପ୍ରେସ୍‌ମିଟ

# ତୁରନ୍ତ ଟେଣ୍ଡର ରଦ୍ଦ କରିବାକୁ ଦାବି



ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ପୌରପାଳିକାରେ ୧୨୦ଟି ହସ୍ତବୃତ୍ତ ଠିକା ପ୍ରସ୍ତାବ ପେପର ଟେଣ୍ଡରକୁ ବିରୋଧ କରି ବିଜେଡି କାଉନସିଲର ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ସୋମବାର ଢେଙ୍କାନାଳ ବାଇପାସ୍ ସ୍ଥିତ ଏକ ଘରୋଇ ହୋଟେଲ୍‌ରେ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ତଥ୍ୟପ୍ରଦାନ କରିଛନ୍ତି। ଏଭଳି ଟେଣ୍ଡର ଦୁର୍ନିତିକୁ ସ୍ପଷ୍ଟ କରୁଥିବାର କହିଛନ୍ତି। ଗତ ଫେବୃଆରୀ ୧୭ ତାରିଖରେ ୪୮୩ ନମ୍ବର ଅନୁସାରେ୨୩ଟି ୱାର୍ଡରେ ୧୨୦ଟି ପେପର ଟେଣ୍ଡର ଆହ୍ୱାନ କରାଯାଇଛି।ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ୫ଲକ୍ଷ ଟଙ୍କା ଏଭଳି ପ୍ରାୟ ୫ କାଟି ଟଙ୍କାର କାମ ପାଇଁ ଏହି ଟେଣ୍ଡର କରାଯାଇଛି। ବିଭିନ୍ନ ୱାର୍ଡରେ ମାତ୍ରାଧିକ ଠିକାଦାର ନିଯୁକ୍ତି କରାଗଲେ କାର୍ଯ୍ୟର ମାନ ହ୍ରାସ ପାଇବ ବୋଲି ଅଭିଯୋଗ କରାଯାଇଥିବା ବେଳେ ସହରରେ ଉପଯୁକ୍ତ ଠିକା ସଂସ୍ଥା ଏବଂ ଠିକାଦାର ଥିବା ବେଳେ କେବଳ ତାଲିକା ଭୁକ୍ତ ଠିକାଦାରଙ୍କୁ ପ୍ରାଧାନ୍ୟ ଦେବା ଆଇନ ବିରୁଦ୍ଧ ବୋଲି ଅଭିଯୋଗ କରିଥିଲେ। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ପ୍ରକାର କାର୍ଯ୍ୟପାଇଁ ପ୍ରସ୍ତାବ ନକରି ଛୋଟ ଛୋଟ ଭାବରେ ବିଭକ୍ତ କରିବା,ଇଟେଣ୍ଡର କରାନଯାଇ ପେପର ଟେଣ୍ଡର କରିବା,ଭଳି କାର୍ଯ୍ୟକୁ ବିଜେଡି କାଉନସିଲର ମାନେ ବିରୋଧ କରିଛନ୍ତି।ପୌରପାଳିକାକୁ ଆସୁଥିବା ଅର୍ଥ ବ୍ୟୟ ପରିଚାଳନା ପରିବର୍ତ୍ତେ ଏହା କିପରି ଅପଚୟ ହେବ ତାହାର ପ୍ରମାଣ ବୋଲି କହିବା ସହିତ ଏହି ଟେଣ୍ଡରକୁ ବିରୋଧ ସହିତ ପ୍ରତ୍ୟାହାର ଦାବୀ କରି ଧାରଣା ଦେଇଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସହର ବିକାଶ ଯୋଜନା ମାଧ୍ୟମରେ ସରକାରଙ୍କ ନିୟମ ଅନୁସାରେ ଇଟେଣ୍ଡର ପାଇଁ ଯୋଜନା ରହିଥିବାର ରାଜସ୍ୱ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ କହିଛନ୍ତି। ପୌରାଞ୍ଚଳରେ ଟେଣ୍ଡର ଫିକ୍ସିଂ କରାଯାଇଥିବା ବିଜେଡି ଅଭିଯୋଗ କରିଥିବା ବେଳେ ଜିଲ୍ଲାରେ ୪ଶହରୁ ଅଧିକ ଠିକାଦାର ଥିବା ବେଳେ ମାତ୍ର ୭ଜଣଙ୍କୁ ସୁଯୋଗ ଦିଆଯାଇଛି।ଏପରିକି ୧୮ରୁ ୨୭ ପର୍ଯ୍ୟନ୍ତ କୌଣସି ଟେଣ୍ଡର ପଡିନ୍‌ଥିବା ବେଳେ ୧୭ରେ ଟେଣ୍ଡର ଏବଂ ୧୮ରେ ଖୋଲିବା କିପରି ସମ୍ଭବ ବୋଲି ପଶ୍ନଉଠିଛି।ବିଜେଡି କାଉନସିଲରମାନେ ଧାରଣାରେ ଥିବା ବେଳେ ଗୁଣ୍ଡା ଲଗାଇ ମାଡ ମରାଯାଇଥିବାର ଅଭିଯୋଗ କରାଯାଇଛି।ତୁରନ୍ତ ଏହି ଟେଣ୍ଡରକୁ ରଦ୍ଦ କରିବାକୁ ଦାବୀ ହୋଇଛି।ଘଟଣାକୁନେଇ ଉପାଧ୍ୟକ୍ଷ ପ୍ରକାଶ କୁଅଁର କହିଛନ୍ତି ଯେ, ପୌରସଂସ୍ଥାରେ ଥିବା ଏକ ସିକ୍ରେଟ ରୁମ ରହିଛି ସେହିଠାରେ ପୌରାଧ୍ୟକ୍ଷଙ୍କ ସ୍ୱାମୀ ସମସ୍ତ କାର୍ଯ୍ୟ କରୁଛନ୍ତି।ତେବେ ବିଜେଡିର ୧୩ଜଣ କାଉନସିଲର ରହିଥିବା ବେଳେ ମାତ୍ର ୮ଜଣ ଉପସ୍ଥିତ ନେବାକୁ ନେଇ ଚର୍ଚ୍ଚା ହୋଇଛି।ଆଜି ଅନୁଷ୍ଠିତ ପ୍ରେସ ମିଟରେ ଉପାଧ୍ୟକ୍ଷଙ୍କ ସହିତ ସନ୍ଦୀପ ଷଡଙ୍ଗୀ, ମଧୁସ୍ମିତା ସ୍ୱାଇଁ,ସାଗିର ମହମ୍ମଦ,ଶୁଭଲକ୍ଷ୍ମୀ ସାହୁ,ସସ୍ମିତା ଭଞ୍ଜ,ରୋଜାଲିନ ସାହୁ ଓ ଲିପିକା ସାହୁ ଉପସ୍ଥିତ ରହିଥିଲେ।

## —— ମାଟ୍ରିକ ପରୀକ୍ଷା ଶେଷ ——

# ଗଣିତରେ ଅନୁପସ୍ଥିତ ୩୮୫ ପରୀକ୍ଷାର୍ଥୀ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ଦଶମ ବୋର୍ଡ ପରୀକ୍ଷା ଶେଷ ହୋଇଛି। ଶେଷ ଦିନ ଅନୁଷ୍ଠିତ ଗଣିତ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ମୋଟ ୯୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେଉଥିବା ବେଳେ ଆଜି ଇଂରାଜୀରେ ୩୮୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବାର ଜଣାପଡିଛି। ଜିଲ୍ଲାରେ ମୋଟ ୨୬୯ଟି ବିଦ୍ୟାଳୟ ରହିଥିବା ବେଳେ ଚଳିତ ବର୍ଷ ୯୫ଟି ପରୀକ୍ଷା କେନ୍ଦ୍ରରେ ୧୬ ହଜାର ୩୪୫ ଜଣ ପରୀକ୍ଷା ଦେଉଛନ୍ତି। ଆଜି ଅନୁଷ୍ଠିତ ସାମାଜିକ ବିଜ୍ଞାନ ପରୀକ୍ଷାରେ ନିୟମିତ ପରୀକ୍ଷା ଦେଉଥିବା ୩୮୫ଜଣ ଅନୁପସ୍ଥିତ ରହିଛନ୍ତି। ମଧ୍ୟମାରେ ୬ଜଣ ଅନୁପସ୍ଥିତ ରହିଥିବା ବେଳେ ଏସ୍‌ଓଏସ୍‌ସିରେ ୫୦ ଜଣ ଏଭଳି ମୋଟ ୩୭୩ ଜଣ ଅନୁପସ୍ଥିତ ରହିଛନ୍ତି।ଜିଲ୍ଲାରେ ମୋଟ ୯୫ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଢେଙ୍କାନାଳ ସଦର ବ୍ଲକରେ ୧୬ଟି କେନ୍ଦ୍ର ରହିଥିବା ବେଳେ ,ଭୁବନ ବ୍ଲକରେ ୧୧ଟି କେନ୍ଦ୍ର , ଗଁଦିଆ ବ୍ଲକରେ ୧୨ଟି ,ହିନ୍ଦୋଳ ବ୍ଲକରେ ୧୨ଟି, କାମାକ୍ଷାନଗର ବ୍ଲକରେ ୧୨ଟି ,କଙ୍କଡାହାଡ ବ୍ଲକରେ ୯ଟି କେନ୍ଦ୍ର , ଓଡାପଡା ବ୍ଲକରେ ୧୦ଟି କେନ୍ଦ୍ର ,ପରଜଙ୍ଗ ବ୍ଲକରେ ୧୦ଟି କେନ୍ଦ୍ର ରହିଛି। ଆଜି କୌଣସି ଛାତ୍ରଛାତ୍ରୀ ଅସାଧୁ ଉପାୟ ଅବଲମ୍ବନ କରିନଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ତରଫରୁ ୧୯ଟି କେନ୍ଦ୍ର ପରିଦର୍ଶନ କରିଥିବାର ଜଣାପଡିଛି।

## ପୂର୍ବତନ ନଗରପାଳଙ୍କ ବିୟୋଗ



ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳପୂର୍ବତନ ନଗରପାଳ ପୂର୍ବତନ ଡ୍ରିଟ ଅଧକ୍ଷ ବରିଷ୍ଠ ନେତା ଶ୍ରୀକାନ୍ତ ମିଶ୍ରଙ୍କର ଭୁବନେଶ୍ୱର ର ଏକ ଘୋରାଇ ହସପିଟାଲ ରେ ସୋମାବର ଦେହାନ୍ତ ହୋଇଯାଇଛ।ତାଙ୍କ ବିୟୋଗରେ ବରିଷ୍ଟ ସମାଜ ସେବୀ ଗଙ୍ଗାଧର ସାମଲ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଯୁବ ନେତା ସମାଜ ସେବୀ ଡାକ୍ତର ଅବିନାଶ ସାମଲ ପ୍ରଭୃତି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସ୍ୱର୍ଗତ ମିଶ୍ର ନଗରପାଳ ଥିବା ସମୟର ଢେଙ୍କାନାଳ ସହରର ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି । ସେ ଜଣେ ସ୍ନେହୀ ପରୋଉପକରି ଧର୍ମପରାୟଣ ବ୍ୟକ୍ତି ଥିଲେ କ୍ଷ ଜଣେ ଦରଦୀ ଓ ମେଳାପି ମଣିଷ ଭାବରେ ସେ ସମସ୍ତଙ୍କ ପ୍ରିୟ ଥିଲେ । ଆଜି ତାଙ୍କ ବିୟୋଗରେ ଢେଙ୍କାନାଳ ଜିଲ୍ଲାର ଅପୂରଣୀୟ କ୍ଷତି ଘଟିଲା । ତାଙ୍କ ଆତ୍ମା ର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଚୁ । ଏହି କଷ୍ଟ ଓ ଦୁଃଖ ସମୟରେ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ପ୍ରଭୁ ଶ୍ରୀ ଜଗନ୍ନାଥ ସହାୟ ହୁଅନ୍ତୁ ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର : ୮ ଚକ୍ଷୁବାଧିତଙ୍କୁ ମୋତିଆବିନ୍ଦୁ



ରାସୋଳ ,(ସବ୍ୟୁ) : ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନଜନ ମଙ୍ଗଳ ରାସୋଳ, ହିନ୍ଦୋଳ କଲ୍ୟାଣ ସଂଗଠନ ଭୁବନେଶ୍ୱର ଓ ଜେପିଏମ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ରବିବାର ଦିନ ଆୟୋଜିତ ହୋଇ ଯାଇଛି । ସ୍ଥାନୀୟଅନୁଷ୍ଠାନ ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ ଜନ ମଙ୍ଗଳ ରାସୋଳ ର ସପ୍ତମ ବାର୍ଷିକ ଉତ୍ସବ ଅବସରରେ ସହଯୋଗୀ ଅନୁଷ୍ଠାନ ହିନ୍ଦୋଳ କଲ୍ୟାଣ ସଂଗଠନ (ଭୁବନେଶ୍ୱର) ର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ କୁମାର କ୍ଲବ୍ ସମ୍ମିଳନୀ କକ୍ଷ ରେ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ(କଟକ)ର ଅଭିଜ୍ଞ କୁଶଳୀ ଚିକିତ୍ସକ ମାନଙ୍କ ଦ୍ୱାରା ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛ । ଶିବିରରେ ମୁଖ୍ୟ ଅତିଥି ଭାବେ ଜନମଙ୍ଗଳ ସଂଗଠନ ର ଉପଦେଷ୍ଟା ରତିକାନ୍ତ ଗଡ଼ନାୟକ ଯୋଗ ଦେଇ ଶିବିର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସଂଗଠନ ତରଫ ରୁ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀ ତଥା ଯୋଗ ଦେଇଥିବା ଅତିଥି ମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସଂଗଠନର ପ୍ରତିଷ୍ଠାତା ବିଭୁ ଶତପଥୀ,ସମ୍ପାଦକ ପ୍ରଦୀପ ନାୟକ ଓ ଶିବିର ପରିଚାଳକ ବିବେକାନନ୍ଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା। ଜେପିଏମ ହସ୍ପିଟାଲର ଡାକ୍ତର ଅଙ୍କିତା ରାଉ୍,ସହକର୍ମୀ ଡଲି ବାରିକ୍,ସଂଧ୍ୟାରାଣୀ ସାମଲ,ସରୋଜ କୁମାର ଦାସଙ୍କ ଦ୍ୱାରା ଆଖପାଖ ଅଞ୍ଚଳ ରୁ ୪୫ ଜଣରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀ ଏବଂ ଚକ୍ଷୁ ପରୀକ୍ଷା କରିବା ପାଇଁ ଆସିଥିବା ଥିବା ବ୍ୟକ୍ତି ବିଶେଷଙ୍କର ଚକ୍ଷୁ ପରୀକ୍ଷା କରିବା ସହିତ ମାଗଣା ଔଷଧ ପ୍ରଦାନ ଓ ଚଷମା ପ୍ରଦାନ କରାଯାଇଥିଲା । ସହିତ ଚିହ୍ନଟ ୮ଜଣ ଚକ୍ଷୁବାଧିତ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଉପଯୁକ୍ତ ହୋଇଥିଲା ବେଳେ ଜେପିଏମ ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ମାଗଣା ଅସ୍ତ୍ରୋପଚାର ନିମିତ୍ତ ସ୍ଥାନାନ୍ତର କରାଯାଇଛି । ଆୟୋଜକ ଅନୁଷ୍ଠାନ ତରଫରୁ ସମସ୍ତଙ୍କ ପାଇଁ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା ।

## ଗାଡି ଧକ୍କାରେ ଜଣେ ମୃତ

ଠାକୁରଗଡ଼,(ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଲୁହା ମୁଣ୍ଡା ନିକଟରେ ଏକ ଅଜଣା ଗାଡି ଧକ୍କାରେ ସେହି ଗ୍ରାମର ପ୍ରୋଦୋଶ ବେହେରା ଜଣେ ଯୁବକ ଙ୍କର ମୃତ୍ୟୁ ହୋଇଛି । ଏ ନେଇ ତାଙ୍କ ଭାଇ ପ୍ରବୀଣ ବେହେରା ହଣ୍ଡପା ଥାନାରେ ରବିବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତକରି ପୋଲିସ ନମ୍ବର ୭୫/୨୬ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିଛି ପ୍ରୋଦୋଶ ଲୁହାମୁଣ୍ଡା ଛକରୁ ଘରକୁ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ଚିକିତ୍ସା ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସା ପାଇ ଭର୍ତ୍ତି କରିଥିବା ବେଳେ ତାଙ୍କର ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି।

# ଅଲ୍‌ଟର୍‌ନେଟିଭ୍ ରିଦମ ଥିଏଟର୍ ପକ୍ଷରୁ 'ପ୍ରକୃତି ସହିତ ନାଟକ'ର ଶୁଭାରମ୍ଭ



ଢେଙ୍କାନାଳ,(ସବ୍ୟୁ) : ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନାଟକ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ନାଟ୍ୟାନୁଷ୍ଠାନ ଅଲଟରନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ରବିବାର ପ୍ରକୃତି ସହିତ ନାଟକ କାର୍ଯ୍ୟକ୍ରମ ପଦ୍ମଶ୍ରୀ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ବଗିଚାରେ ଶୁଭାରମ୍ଭ ହୋଇଯାଇଛି। ଅଲଟର୍‌ନେଟିଭ୍ ରିଦମ ଥିଏଟରର ଅଧ୍ୟକ୍ଷା ଡଃ ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବାଗ୍ମୀ ତଥା ସାହିତ୍ୟିକ ପଦ୍ମଶ୍ରୀ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଡକ୍ଟର ନିରଂଜନ ଦାଶ ଏବଂ ନିରଂଜନ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ପଦ୍ମଶ୍ରୀ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ଏଭଳି କାର୍ଯ୍ୟକ୍ରମର ଭୂୟସି ପ୍ରଶଂଶା କରିବା ସହିତ ନାଟକକୁ ଦେଖିସାରିବା ପରେ ନାଟକର ପରିବେଷଣକୁ ନେଇ ଅଭିଭୁତ ହୋଇ ପଡିଥିଲେ। ଏଭଳି ନାଟକ କେବଳ ଢେଙ୍କାନାଳରେ ନୁହେଁ ସାରା ଦେଶରେ ହେବା ଉଚିତ ଏବଂ ସେଥିପାଇଁ ବ୍ୟାପକ ବ୍ୟବସ୍ଥା ହେବା ଉଚିତ ବୋଲି ପ୍ରକାଶ କରିଥିଲେ। ଏହି ପ୍ରକୃତି ସହିତ ନାଟକ କାର୍ଯ୍ୟକ୍ରମ ସତେ ଯେମିତି ଆହ୍ୱାନ ଦେଉଥିଲା, ଆସନ୍ତୁ ପ୍ରକୃତି ଆଡକୁ ପାଦ ବଢେଇବା। ଆକାଶକୁ ଛାତ ଓ ମାଟିକୁ ଆସନ କରିବା। ବାଜୁଥିଲା ଢୋଲ ମଣିଷପଣିଆର ଆହ୍ୱାନରେ ଆଉ ଜାତିବାଦର ଭେଦଭାବ ଆଉ ଯାତନା ବିରୁଦ୍ଧରେ। ବସ୍ତୁବାଦୀ ଦୁନିଆଁ ଆଉ ରଢ଼ିବାଦୀ ଚେତନାରେ ଥିବା ଲୋକମାନଙ୍କୁ ସତେ ଯେମିତି ମଣିଷପଣିଆର କଥା କହୁଥିଲା ଢୋଲିଆ। ପୁରୁଷ ପୁରୁଷ ଧରି ଲୋକକଳା, ଲୋକସଂସ୍କୃତି ଆଉ ଲୋକ ପରମ୍ପରାର ଢୋଲକୁ କାନ୍ଧରେ ବୋହି ପିଢି ପରେ ପିଢି ପାଖରେ ପହଂଚାଉଥିବା ବିଚରା ଢୋଲିଆକୁ କିନ୍ତୁ ସାରା ଜୀବନ ନିନ୍ଦା, ଘୃଣା ଆଉ ଭେଦଭାବର ଗଣ୍ଠିରାକୁ ମୁଣ୍ଡରେ ବୋହିବାକୁ ପଡେ। ନା କେବେ ତାକୁ କେହି ସମ୍ମାନ କରିଛି ନା ତା' କଳାର ପ୍ରଶସ୍ତି ଗାନ କରିଛି। ଭଲ କରିବାକୁ ଯାଇ ଭୁଲ୍‌ର ଦଣ୍ଡ ପାଇଛି। ମଣିଷପଣିଆର କର୍ତବ୍ୟ କରୁ କରୁ ପଶୁ ଭଳି ବ୍ୟବହାର ପାଇଛି। ଜାତି ଭେଦ, ଉଚ୍ଚ ନିଚ, ଛୁଆଁ ଅଛୁଆଁର କ୍ରୋଧ ଆକ୍ରୋଶର ଫଳସ୍ୱରୁପ ଜଳି ପାଉଁଶ ହେଇ ଯାଇଛି ଢୋଲିଆର ଘର ସଂସାର। ଶେଷରେ ଢୋଲିଆ ସମଗ୍ର ମଣିଷ ଜାତିକୁ ଅଭିଶାପ ଦେଇଛି ଯେ, ଯଦି ସଂସାରରୁ ଜାତି ଧର୍ମର ଭେଦଭାବ ଦୂର ନହୁଏ, ତା'ହେଲେ ମୋ ଘର ସଂସାର ପରି ସମଗ୍ର ସଂସାର ଦିନେ ଜଳି ପୋଡି ନଷ୍ଟ ହେଇଯିବ। ଏହି ଆହ୍ୱାନ ସ୍ପନ୍ଦିତ ହୋଇଥିଲା ନାଟକର ସାକ୍ଷୀ ଥିବା ପ୍ରତିଟି ହୃଦୟରେ। ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନାଟ୍ୟକାର ତଥା ନିର୍ଦ୍ଦେଶକ ଦିନେଶ ଦାସ, ନାଟକର, ପରିକଳ୍ପନା, ରଚନା ଓ ନିର୍ଦ୍ଦେଶନା ସହିତ ଏକମାତ୍ର ଅଭିନେତା ଭାବରେ ନାଟକରେ ଅଭିନୟ କରିଥିଲେ। ମଂଚ ସଙ୍ଗୀତ ପରିଚାଳନା କରିଥିବା ବେଳେ, ଉପସଭାପତିମନୋହର ଶତପଥୀ ମଂଚ ପରିଚାଳନା ଏବଂ ଅଲଟରନେଟିଭ୍ ରିଦମ୍ ଥିଏଟରର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



ଆନନ୍ଦପୁର , (ସବ୍ୟୁ): ଆନନ୍ଦପୁର ମହାବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ଅଧକ୍ଷତା ରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ଅର୍ବାନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ତପନ କୁମାର ପଣ୍ଡା,ସମ୍ମାନିତ ଅତିଥି ଭାବେ ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର,ଅଧାପିକା ଅନିତା ଦାସ, ଉପସ୍ଥିତ ରହି ଏହି ଦିବସ ପାଳନ ର ତାତ୍ପର୍ଯ୍ୟ ଏବଂ ରମନ ପ୍ରଭାବ ସମ୍ବଧ ରେ ଆଲୋଚନା କରିଥିଲେ।ପ୍ରାରମ୍ଭରେ ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଅଧକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ,ଉପସଭାପତି ଡକ୍ଟର ନିମାଇଁ ଚାରଣ ରାଉତ ଅତିଥି ପରିଚୟ ପ୍ରଦାନ ,ଅଧାପିକା ଭାରତୀ ସାହୁ ଧନ୍ୟବାଦ , ଓ ମିତଶ୍ରୀ ବେହେରା ସଭା ସଂଯୋଜନା କରିଥିଲେ।ଛାତ୍ର ଛାତ୍ରୀ ମା ନେ ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ କ୍ରମ ପରିବେଷଣ କରିଥିଲେ ।କୃତି ପ୍ରତି ଯୋଗୀମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଓ ମୁଖ୍ୟ ଅତିଥି ଙ୍କୁ ଅଧକ୍ଷ ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଥିଲେ।ଅଧାପକ ବିଶ୍ୱରଂଜନ ସାହୁ,ଆଦ୍ୟଦେବ ମହାନ୍ତି,ଡକ୍ଟର ଉତ୍ତମ କୁମାର ପାଣିଗ୍ରାହୀ,ବିଶ୍ୱଜି ରାଉତ,ଦିବ୍ୟରଞ୍ଜନ ସାହୁ,ନରେଶ ସାହା,ସୁବ୍ରତ ସାହାଣୀ,ମନୋଜ କୁମାର ନାୟକ, ଶୁରୁଚୀ ସୱାଇଁ,ରିମନ ଆଚାର୍ଯ୍ୟ, ଓଜେଲ ପଟ୍ଟନାୟକ, ପୂର୍ଣ୍ଣାନନ୍ଦ ପାର୍ଥ ସାରଥୀ ଶଙ୍ଖୁଆ,ମମତା ମିଶ୍ର,ତନୁ ଶ୍ରୀ ପଣ୍ଡା ପାର୍ଥ ସାରଥି ବେଜ,ପ୍ରଭାତ ସେଠୀ ଅର୍ଣ୍ଣ ପୁର୍ନା ସିଂହ , ପ୍ରଫୁଲ୍ଲ କୁମାର ପଣ୍ଡା,ଦୁର୍ଗ ଶଙ୍କର ପରିଡା ,ବିଜୟ କୁମାର ସାହୁ,ସମସ୍ତ ଛାତ୍ର ଛାତ୍ରୀ କାର୍ଯ କ୍ରମ ପରିଚାଳନା କରିଥିଲେ

## ଶାନ୍ତି ଶୃଙ୍ଖଳାରେ ମାଟ୍ରିକ ପରୀକ୍ଷା ସରିଲା

ଆଠମଲ୍ଲିକ,(ସବ୍ୟୁ) : ମାଧ୍ୟମିକ ଶିକ୍ଷା ପରିଷଦ ନିୟନ୍ତ୍ରଣ ରେ ଚଳିତ ବର୍ଷ ଚାଲୁଥିବା ମାଟ୍ରିକ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହିତ ସରିଛି । ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ନୋଡାଲ ସେଣ୍ଟର ଅଧୀନ ରେ ୧୧ ଟି ପରୀକ୍ଷା କେନ୍ଦ୍ର ରେ ଛାତ୍ର ଛାତ୍ରୀ ପରୀକ୍ଷା ଦେଉଥିଲେ ୯ ଚଳିତ ବର୍ଷ ୧୯୦୮ ଛାତ୍ର ଛାତ୍ରୀ ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଥିବା ବେଳେ ୨୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହି ୧୮୮୩ ଜଣ ଛାତ୍ର ଛାତ୍ରୀ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣା ପଡିଛି । ୧୧ ଟି କେନ୍ଦ୍ର ମଧ୍ୟରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ରାଜ ହାଇସ୍କୁଲ କୁଟେଶ୍ୱର, ଅଏଡ଼ା ଉଚ୍ଚ ବିଦ୍ୟାଳୟ, ପୁରୁଣା ମାଣତ୍ରୀ ଉଚ୍ଚ ବିଦ୍ୟାଳୟ, ମାଧପୁର ଉଚ୍ଚ ବିଦ୍ୟାଳୟକିଆକଟା ଉଚ୍ଚ ବିଦ୍ୟାଳୟ, ଠାକୁର ଗଡ଼ ଉଚ୍ଚ ବିଦ୍ୟାଳୟ, ଅନ୍ତୁଳିଆ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ରେ ପରୀକ୍ଷାର ସମସ୍ତ ଦିନ ଶାନ୍ତି ଶୃଙ୍ଖଳାରେ ହୋଇଥିବା ଜଣାପଡିଛି ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୪୯)**
**ସାଂଖ୍ୟଯୋଗଃ**
**ଶ୍ରୀଭଗବାନୁବାଚ**
**ଦୂରେଣଂ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ !**
**ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣା ଫଳହେତବଃ ॥ ୪୯ ॥**
କାମ୍ୟ କର୍ମ ଯେ ଅତି ନିକୃଷ୍ଟ, ତାହା କହୁଛନ୍ତି)– ହେ ଧନଞ୍ଜୟ ! ବୁଦ୍ଧିର ସାମ୍ୟଯୋଗ ତୁଳନାରେ କାମ୍ୟକର୍ମ ଅତ୍ୟନ୍ତ ନିକୃଷ୍ଟ, ଅତଏବ ତୁମେ ସମବୁଦ୍ଧିର ଆଶ୍ରୟ ନିଅ । ଫଳକାମନା କରିବା ବ୍ୟକ୍ତିମାନେ କୃପଣ (ହେୟ) ବା ଘୃଣାର ପାତ୍ର ଅଟନ୍ତି ॥ ୪୯॥

# ସରକାରୀ ଉଦ୍ୟୋଗ-ଗୁଡ଼ିକର ଦୁରବସ୍ଥା

ଆମ ରାଜ୍ୟରେ ଅନ୍ତତଃ ଛଅଗୋଟି ସରକାରୀ ଉଦ୍ୟୋଗ (PSU) କ୍ଷତିରେ ଚାଲୁଛି ବୋଲି ରାଜ୍ୟ ସରକାରୀ ଉଦ୍ୟୋଗ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନସଭାରେ ପ୍ରକାଶ କରିଛନ୍ତି । ବିଧାୟିକା ଉପାସନା ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି ଯେ ବିଭିନ୍ନ ସରକାରୀ ଉଦ୍ୟୋଗଗୁଡ଼ିକ ମଧ୍ୟରୁ ଗ୍ରିଡ୍‌କୋ ଲିମିଟେଡ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (OSRTC), ଓଡ଼ିଶା ରାଜ୍ୟ ଅର୍ଥ ନିଗମ (OSFC), କଳିଙ୍ଗ ଷ୍ଟୁଡିଓ ଲିମିଟେଡ, ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଉନ୍ନୟନ ନିଗମ (ORHDC) ଓ ଓଡ଼ିଶା କାଜୁ ନିଗମ (OSCDC), ଏହି ଛଅ ଗୋଟି ନିଗମ କ୍ଷତିରେ ଚାଲୁଛନ୍ତି । ଏହି ସବୁ ନିଗମକୁ ଠିକ୍ ଭାବରେ ପରିଚାଳନା କରି ଆର୍ଥିକ ଦୃଷ୍ଟିରୁ ସଜଡ଼ା ଯାଇନାହିଁ । ଯଥେଷ୍ଟ ସଂଖ୍ୟାରେ କର୍ମଚାରୀ ମଧ୍ୟ ଏହି ନିଗମଗୁଡ଼ିକରେ ନାହାନ୍ତି । ପୁରୁଣା କାଳିଆ ପଦ୍ଧତିରେ ଏହାର ପରିଚାଳନା କରାଯାଉଥିଲା ଏବଂ ଭିତ୍ତିଭୂମିର ଉନ୍ନୟନ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇ ନଥିଲା ।

ଉଲ୍ଲେଖନୀୟ ଯେ ଏହି ସରକାରୀ ପରିଚାଳନାଧୀନ ନିଗମଗୁଡ଼ିକ ଯେଉଁ କ୍ଷତି ସହିଛନ୍ତି, ସେଥିପାଇଁ ଦାୟୀ କିଏ ? ସେ ସବୁ ବିଷୟରେ ତଦନ୍ତ କରାଯାଇ ସେହି କ୍ଷତିଗ୍ରସ୍ତ ସରକାରୀ ନିଗମସବୁର ପୁନରୁଦ୍ଧାର କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ପୂର୍ବରୁ ରାଜ୍ୟ ସରକାରମାନେ ବିଭିନ୍ନ ରାଜନୀତିକ ବ୍ୟକ୍ତିମାନଙ୍କୁ ଥଇଥାନ କରିବାକୁ ଏହି ନିଗମମାନଙ୍କର ଅଧ୍ୟକ୍ଷ ପ୍ରଭୃତି ପଦବୀ ପୂରଣ କରି ଆସୁଥିଲେ । ଅନେକ ବଡ଼ ବଡ଼ିଆଙ୍କ ପିଲାମାନଙ୍କୁ ମଧ୍ୟ ଏହି ନିଗମରେ ଚାକିରି ଦେଇ ଥଇଥାନ କରାଯାଉଥିଲା । ସେଥିପାଇଁ ଅଧିକାଂଶ ନିଗମ କ୍ରମାଗତ ଭାବେ କ୍ଷତିରେ ଚାଲୁଥିଲା । ସେଥିପ୍ରତି ମଧ୍ୟ କେହି ଦୃଷ୍ଟି ଦେଉ ନଥିଲେ ।

ଏବର ପରିସ୍ଥିତିରେ ରାଜ୍ୟର ବିଜେପି ସରକାରଙ୍କୁ ପ୍ରାୟ ଦୁଇବର୍ଷ ପୂରିବାକୁ ଯାଉଛି । କ୍ଷତିରେ ଚାଲୁଥିବା ସରକାରୀ ଉଦ୍ୟୋଗ ବା ନିଗମଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଇ ପାରି ନାହିଁ । ବିଗତ ସରକାରଙ୍କ ଅମଳରେ ଅନେକ ଅଫିସରଙ୍କୁ ମଧ୍ୟ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କରାଯାଇଥିଲା । ତଥାପି ଅଧିକାଂଶ ନିଗମ ଲାଭରେ ଯେ ଚାଲିଥିଲା, ତାହା କୁହାଯାଇ ପାରିବ ନାହିଁ । ଅନେକ ଦୁର୍ନୀତିଗ୍ରସ୍ତ ଅଫିସର ମଧ୍ୟ ବିଗତ ରାଜ୍ୟ ସରକାରଙ୍କର ହାତବାରିସୀ ସାଜି ନିଗମ ସବୁର ଅପର୍ଯ୍ୟାପ୍ତ କ୍ଷତି ସାଧନ କରିଥିଲେ । ଅବଶ୍ୟ ୧୯୯୯ର ମହାବାତ୍ୟା ପରେ ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର କାର୍ଯ୍ୟ ଅନେକ ବଢ଼ି ଯାଇଥିଲା । ଏହାର ଜଣେ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଜଣେ ଆଇ ଏ ଏସ୍ ଅଧିକାରୀ ଥିବାବେଳେ ତାଙ୍କୁ ଭେଟିବାକୁ ଯାଇ ଜଣେ ସାମ୍ବାଦିକ ଭାବେ ବେଶ ଅପଦସ୍ତ ହେବାକୁ ପଡ଼ିଥିଲା । ଏକ ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ସମ୍ବାଦପତ୍ରରେ ଗୋଟିଏ ଖବର ସେହି ନିଗମ ସଂକ୍ରାନ୍ତରେ ଦେବାକୁ ଥାଏ । ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ସେହି ପରିଚାଳନା ନିର୍ଦ୍ଦେଶକ ଦେଖା ଦେଇ ନଥିଲେ । ଅଥଚ ଗୋଟିଏ ଅନାମଧେୟ ସମ୍ବାଦପତ୍ରର ଜଣେ ସମ୍ବାଦଦାତା ଅନାୟାସରେ ପରିଚାଳନା ନିର୍ଦ୍ଦେଶକଙ୍କୁ ଭେଟିବାକୁ ଯାଇ ପାରିଲେ । ପରିଚାଳନା ନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ସହାୟକଙ୍କୁ ସେ କଥା ପଚାରିବାରୁ ସେ ମୋ ପ୍ରଶ୍ନର ସିଧାସଳଖ ଉତ୍ତର ନ ଦେଇ, ଆପଣଙ୍କୁ ବି ପରିଚାଳନା ନିର୍ଦ୍ଦେଶକ ଡାକିବେ ବୋଲି କହିଥିଲେ । ମୁଁ ଅବିଳମ୍ବେ ସେ ସ୍ଥାନ ପରିତ୍ୟାଗ କରି ଫେରିବା ପରେ ସେହି ନିଗମ ସଂକ୍ରାନ୍ତରେ ହୋଇଥିବା ଦୁର୍ନୀତି ଉପରେ ଏକ ଖବର ପ୍ରସ୍ତୁତ କରି ସେହି ବହୁଳ ପ୍ରସାରିତ ସମ୍ବାଦପତ୍ର ପାଇଁ ପଠେଇ ଦେଇଥିଲି । ତାହାକୁ ସେମାନେ ବଡ଼ ଆକାରରେ ପ୍ରକାଶ କରିଦେଲେ, ଯାହା ଚହଳ ସୃଷ୍ଟି କରିଦେଲା । ତହିଁ ପରଦିନ ସେହି ସମ୍ବାଦଟି ଦେଖି ପରିଚାଳନା ନିର୍ଦ୍ଦେଶକଙ୍କ ପି.ଏ. ମୋତେ ଫୋନ କରି କହିଲେ– ଆପଣ ଯିବା ପରେ ପରିଚାଳନା ନିର୍ଦ୍ଦେଶକ ଆପଣଙ୍କୁ ଖୋଜିଲେ । ମାତ୍ର ଏପରି ଗୋଟାଏ ସମ୍ବାଦ ପ୍ରକାଶ କରିଥିବାରୁ ପରିଚାଳନା ନିର୍ଦ୍ଦେଶକ ମନ ଖରାପ କରିଥିଲେ । ମୁଁ 'ଠିକ୍ ଅଛି' ବୋଲି ଉତ୍ତର ଦେଇ ଫୋନ ରଖି ଦେଇଥିଲି । ଏ ଘଟଣାକୁ ପୁରାପୁରି ମୁଁ ଭୁଲି ଯାଇଥିଲି । କିଛି ଦିନ ପରେ ତତ୍କାଳୀନ ଭିଜିଲାନ୍ସ ବିଭାଗର ମହା ନିର୍ଦ୍ଦେଶକ ଏକ ସାମାଜିକ ଉତ୍ସବରେ ଦେଖା ହୋଇଗଲେ । ସେ କହିଲେ–'ଆପଣ ଯେଉଁ ତଥ୍ୟପୂର୍ଣ୍ଣ ସମ୍ବାଦଟି ପରିବେଷଣ କରିଥିଲେ ସେହି ଗ୍ରାମ୍ୟ ଗୃହ ନିର୍ମାଣ ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ, ତାହା ଆମକୁ ତଦନ୍ତ କ୍ଷେତ୍ରରେ ସାହାଯ୍ୟ କରିଥିଲା ।' ଦୁର୍ନୀତିଗ୍ରସ୍ତ ସେହି ପରିଚାଳନା ନିର୍ଦ୍ଦେଶକ ଓ ତାଙ୍କର ଅଧୀନରେ କାର୍ଯ୍ୟରତ କର୍ମଚାରୀମାନେ ସବୁ ପରବର୍ତ୍ତୀ ସମୟରେ ଜେଲରେ ଥିଲେ । ପରିଚାଳନା ନିର୍ଦ୍ଦେଶକ ତ ବର୍ଷ ବର୍ଷ ଧରି ଜେଲରେ ଥିଲେ । ତାଙ୍କର ବେଲ୍ ହେଉ ନଥିଲା । ଏବେ ସେ ଜେଲରେ ଅଛନ୍ତି କି ନାହିଁ କେଜାଣି ?

ରାଜ୍ୟ ସରକାର ଦେଖି ଚାହିଁ ଭଲ ଭଲ ଅଧିକାରୀଙ୍କୁ ନିଗମଗୁଡ଼ିକରେ ଅବସ୍ଥାପିତ କରନ୍ତୁ । ଭଲ ଭଲ ଦଳୀୟ କର୍ମୀ ବା ନେତାଙ୍କୁ ନିଗମମାନଙ୍କରେ ଥଇଥାନ କରାଇ ନିଗମଗୁଡ଼ିକର ମର୍ଯ୍ୟାଦା ରକ୍ଷା କରିବା ସହିତ ସେଗୁଡ଼ିକ ଲାଭରେ ଚାଲି ପାରିବାର ବ୍ୟବସ୍ଥା କରନ୍ତୁ । ରାଜ୍ୟ ସରକାରଙ୍କ ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଓ 'Odisha Review'କୁ ନିଗମ ସହିତ ସମାନ କରି ବିଗତ ସରକାରରେ କେତେକ ଅବାଞ୍ଛିତ ନେତାଙ୍କୁ ଥଇଥାନ କରିବା ପରି କରା ନଯାଉ । ବରଂ ଉପଯୁକ୍ତ ଅଣ ରାଜନୀତିକ ଓ ଅଭିଜ୍ଞ ବ୍ୟକ୍ତିଙ୍କୁ ସେହିସବୁ ସରକାରୀ ପଦବୀରେ ଥଇଥାନ କରାଯାଉ । ଏପରିକି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ– ସଭାପତି ପଦବୀକୁ ନିଗମ ଅଧ୍ୟକ୍ଷଙ୍କ ସହ ତୁଳନା ନ କରି ଅଭିଜ୍ଞ ଓ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିଙ୍କୁ ଥଇଥାନ କରାଯାଉ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଦୋଳେ ଚ ଦୋଳ ଗୋବିନ୍ଦଂ



**ଦିଲ୍ଲୀପ ଶତପଥୀ**

କୋଟି ଓଡ଼ିଆଙ୍କ ମଉଡମଣୀ, କୋଟି କୈବଲ୍ୟ ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ । ଭାବର ଠାକୁର, ଭାବରେ ଭାବରେ ବାର ମାସରେ ତେର ପର୍ବ । ନାନା ଯାତ ମହୋତ୍ସବ ମଧ୍ୟରେ ତିନି ପ୍ରମୁଖ ଯାତ୍ରା– ଦୋଳଯାତ୍ରା, ଚନ୍ଦନଯାତ୍ରା ଓ ଶ୍ରୀଗୁଣ୍ଡିଚାଯାତ୍ରାକୁ ନେଇ ଏକ ବହୁ ଜନ ଉଚ୍ଚାରିତ ଲୋକପ୍ରିୟ ପ୍ରଚଳିତ ଶ୍ଳୋକ ହେଉଛି–'ଦୋଳେ ଚ ଦୋଳଗୋବିନ୍ଦଂ,ଚାପେ ଚ ମଧୁସୂଦନମ୍ । ରଥେ ତୁ ବାମନଂ ଦୃଷ୍ଟ୍ୱା,ପୁନର୍ଜନ୍ମ ନ ବିଦ୍ୟତେ ।' ଏହାର ଅର୍ଥ, ଦୋଳବେଦୀରେ ଦୋଳଗୋବିନ୍ଦରୂପୀ ଶ୍ରୀଜଗନ୍ନାଥ, ଚନ୍ଦନଯାତ୍ରାର ଚାପରେ ମଧୁସୂଦନରୂପୀ ଶ୍ରୀଜଗନ୍ନାଥ ଏବଂ ରଥରେ ବାମନରୂପୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ, ଆଉ ପୁନର୍ଜନ୍ମ ହୁଏନାହିଁ । ଅର୍ଥାତ୍ ଏ ଭବ ସଂସାର–ଚକ୍ରରୁ ମୁକ୍ତି ମିଳିଥାଏ ।

ଏହି ପ୍ରସଙ୍ଗରେ ଲେଖକ ମନକୁ ପ୍ରଶ୍ନ ଆସେ, ବିଭିନ୍ନ ଯାତ୍ରାରେ ଶ୍ରୀଜଗନ୍ନାଥଙ୍କର ଏପରି ଭିନ୍ନ ଭିନ୍ନ ନାମ କାହିଁକି ? ଏହାର ଉତ୍ସ କ'ଣ ? ଏହାର କିଛି ଶାସ୍ତ୍ରୀୟ ଭିତ୍ତିଭୂମି ଅଛି କି ?

ଏ ବାବଦରେ ଅନୁଧ୍ୟାନରୁ ଯାହା ଜଣାଯାଏ, ମହର୍ଷି ବ୍ୟାସଦେବକୃତ ସଂସ୍କୃତ 'ମହାଭାରତ'ର 'ଅନୁଶାସନ ପର୍ବ' ହିଁ ଏହାର ମୂଳ ଉତ୍ସ । ତାହାର ନବାଧିକ ଶତତମ (୧୦୯) ଅଧ୍ୟାୟରେ ଯୁଧିଷ୍ଠିର ଭୀଷ୍ମଙ୍କୁ ଜିଜ୍ଞାସା କରିଛନ୍ତି– ପିତାମହ ! ସମସ୍ତ ଉପବାସ ମଧ୍ୟରେ ଯାହା ସର୍ବଶ୍ରେଷ୍ଠ ଓ ମହାନ ଫଳଦାୟକ, ଏବଂ ଯେଉଁ ବିଷୟରେ ଲୋକଙ୍କ ମନରେ କୌଣସି ସଂଶୟ ନାହିଁ– ତାହା ମୋତେ କହନ୍ତୁ ! ତାହାର ଉତ୍ତରରେ ପିତାମହ ଭୀଷ୍ମ ପ୍ରତ୍ୟେକ ମାସର ଦ୍ୱାଦଶୀ ତିଥିରେ ଉପବାସ ଏବଂ ଭଗବାନ ବିଷ୍ଣୁଙ୍କ ପୂଜାର ବିଶେଷ ମାହାତ୍ମ୍ୟ ସଂପର୍କରେ ତାଙ୍କୁ କହିଛନ୍ତି । ତାହା ନିଜେ ସ୍ୱୟଂଭୂ ବିଷ୍ଣୁ କହିଛନ୍ତି ଏବଂ ତାହାର ପାଳନ କଲେ ମନୁଷ୍ୟ ପରମ ସୁଖୀ ହୋଇଥାଏ ବୋଲି ମଧ୍ୟ ସେ ସୂଚିତ କରିଛନ୍ତି ।

ସେହି ପ୍ରସଙ୍ଗରେ ଭଗବାନ ବିଷ୍ଣୁଙ୍କର ବାରମାସର ବାରଟି ଭିନ୍ନ ଭିନ୍ନ ନାମର ଉଲ୍ଲେଖ କରାଯାଇଛି । ସେହି ନାମଗୁଡ଼ିକ ହେଉଛି–୧) ମାର୍ଗଶିର ମାସରେ 'କେଶବ', ୨) ପୌଷ ମାସରେ 'ନାରାୟଣ', ୩) ମାଘ ମାସରେ 'ମାଧବ', ୪) ଫାଲଗୁନ ମାସରେ 'ଗୋବିନ୍ଦ', ୫) ଚୈତ୍ର ମାସରେ 'ବିଷ୍ଣୁ', ୬) ବୈଶାଖ ମାସରେ 'ମଧୁସୂଦନ', ୭) ଜ୍ୟେଷ୍ଠ ମାସରେ 'ତ୍ରିବିକ୍ରମ', ୮) ଆଷାଢ଼ ମାସରେ 'ବାମନ', ୯) ଶ୍ରାବଣ ମାସରେ 'ଶ୍ରୀଧର', ୧୦) ଭାଦ୍ରବ ମାସରେ 'ହୃଷିକେଶ' ୧୧) ଆଶ୍ୱିନ ମାସରେ 'ପଦ୍ମନାଭ' ଓ ୧୨) କାର୍ତ୍ତିକ ମାସରେ 'ଦାମୋଦର' ।

ଏଣୁ ଫାଲଗୁନ ମାସରେ ଦୋଳଯାତ୍ରା ହେଉଥିବାରୁ, ସେଥିରେ ଶ୍ରୀଜଗନ୍ନାଥ ଦୋଳଗୋବିନ୍ଦ ରୂପେ, ଚନ୍ଦନଯାତ୍ରା ବୈଶାଖ ମାସରେ ହେଉଥିବାରୁ ସେଥିରେ ସେ ମଧୁସୂଦନ ରୂପେ ଏବଂ ରଥଯାତ୍ରା ଆଷାଢ଼ ମାସରେ ହେଉଥିବାରୁ ସେଥିରେ ସେ ବାମନ ରୂପେ ଅଭିହିତ ହୋଇଥାଆନ୍ତି । ଏହି ଦୃଷ୍ଟିରୁ ରଥରେ ବାମନଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏନାହିଁ ବୋଲି ବିଶ୍ୱାସ ରହିଆସିଛି ।

ଭକ୍ତ ଏବଂ ଭଗବାନ ପରସ୍ପର ପରିପୂରକ । ଜଣକର ସ୍ଥିତି ଆନ ବିନା ଅସମ୍ଭବ । ସହଜେ ତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଭକ୍ତର ଆବେଗରେ ବନ୍ଧା, ଯେଉଁ ଭକ୍ତ ପାଇଁ ବଡ଼ ଦେଉଳ ଅପହଂଚ ସେଇମାନଙ୍କ ପାଖକୁ ସିଏ ନିଜେ ବିଜେ କରନ୍ତି । କୃପା ଜଳରେ ପ୍ଲାବିତ କରନ୍ତି ଭକ୍ତର ମନକୁ । ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନରେ ମିଳେ ପରମାନନ୍ଦ, ବେନି ଚକ୍ଷୁ ହୁଏ ଲୋତକପୂର୍ଣ୍ଣ ।

ଫଗୁ ଦଶମୀ ଆସିଲେ ଦୋଳମେଳଣ ପାଇଁ ସଜ ହୁଏ ଦୋଳ ବିମାନ । ଏହି ସୁସଜିତ ବିମାନରେ ବସି ଗାଁକୁ ଗାଁ ବୁଲନ୍ତି ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି । ସନ୍ଧ୍ୟା ଆଗତରେ ରୋମାଞ୍ଚକର ଜହ୍ନ ଆଲୁଅରେ ବିଧିମତେ ବିମାନ ଆଗରେ ଜଳାହୁଏ ପୋଲାଙ୍ଗ ତେଲର ମଶାଲ । ପବନରେ ସଞ୍ଚରି ଯାଏ ଅବିରର ରଙ୍ଗ ଓ ଚୁଆଚନ୍ଦନର ବାସ୍ନା । ଘଣ୍ଟଘଣ୍ଟା ଖୋଳ କରତାଳ ଓ ଢୋଲ ମହୁରୀର ମଙ୍ଗଳ ନାଦରେ ଉଚ୍ଛୁଳି ଉଠେ ସମଗ୍ର ପରିବେଶ । **ଓଡ଼ିଆଙ୍କ ଧର୍ମ ପରମ୍ପରାରେ ଉଭୟ ଠାକୁର ଓ ଭକ୍ତଙ୍କ ସାମାଜିକ ଚଳଣୀ ଗୋଟିଏ । ଭକ୍ତ ଯେମିତି ଚଳେ, ଦିଅଁ ସେମିତି ଚଳନ୍ତି । ଦିଅଁମାନେ ମଣିଷ ଉପଚାରରେ ଚଳନ୍ତି । ହୋଲି ଖେଳନ୍ତି, ମଉଜ କରନ୍ତି, ଭୋଗ ଖାଇବାକୁ ଭକ୍ତଙ୍କ ପାଖକୁ ଆସନ୍ତି । ପଞ୍ଚୁ ଦୋଳ ସେହିଭଳି ଏକ ଧର୍ମୀୟ ପରମ୍ପରା ।**

'ଫଗୁଣ ମାସରେ ଦୋଳ ଗୋବିନ୍ଦ,ଫଗୁ ଖେଳୁଥାନ୍ତି ପରମାନନ୍ଦ ।' ବୈଷ୍ଣବଧର୍ମର ଅନ୍ୟତମ ପ୍ରସିଦ୍ଧ ରଚନା ଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦରେ ବସନ୍ତରାସରେ ଏହା ବର୍ଣ୍ଣିତ ହୋଇଛି । ମହାପ୍ରଭୁ ଜଗନ୍ନାଥଙ୍କ ବିଭିନ୍ନ ମାସର ପୂଜାବିଧି ମଧ୍ୟରୁ ଫାଲଗୁନ ମାସରେ ତାଙ୍କର ନାମ ଗୋବିନ୍ଦ ଅନୁସାରେ ଫାଲଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିଟି ଗୋବିନ୍ଦ ଦ୍ୱାଦଶୀ ନାମରେ ସୁପ୍ରସିଦ୍ଧ । ଗରୁଡ଼ ପୁରାଣରେ ଏହି ଗୋବିନ୍ଦ ଦ୍ୱାଦଶୀତିଥିର ମହିମା ବର୍ଣ୍ଣିତ ରହିଛି । ଫଗୁଦଶମୀ ତିଥିରୁ ଫଗୁଖେଳ ଓ ଦୋଳରେ ଗୋବିନ୍ଦଙ୍କର ଯାତ୍ରା ଓ ଗ୍ରାମ/ପଡା ପରିକ୍ରମା ଆରମ୍ଭ ହେଇଥାଏ । ଦୋଳବେଦୀରେ ମଦନମୋହନ ଓ ମା 'ଲକ୍ଷ୍ମୀ ବିଜେ କରିଥାନ୍ତି । ଓଡ଼ିଶାର ପ୍ରାୟ ସମସ୍ତ ଗ୍ରାମରେ ବିଶେଷକରି ବ୍ରାହ୍ମଣଶାସନମାନଙ୍କରେ ଏହାର ଗୁରୁତ୍ୱ ବିଶେଷ ଭାବରେ ଦେଖିବାକୁ ମିଳେ ।

ଶ୍ରୀକ୍ଷେତ୍ର ପୁରୀଠାରେ ଶ୍ରୀଜଗନ୍ନାଥ ଏକ ଲୋକାୟତ ପରମ୍ପରା ରୂପେ ଏହି ଦୋଳଯାତ୍ରାକୁ ବୈଷ୍ଣବୀୟ ଢଙ୍ଗରେ ପାଳନ କରନ୍ତି । ଏହା ଚାଚେରୀ ଲୀଳା ନାମରେ ପ୍ରଖ୍ୟାତ । ଚାଚେରୀ ଶବ୍ଦଟି ସଂସ୍କୃତ ଚାର୍ଚ୍ଚରୀରୁ ଆସିଛି । ଏହି ସଂସ୍କୃତ ଶବ୍ଦର ଅର୍ଥ ସୌଭାଗ୍ୟ ବୋଲି କୁହାଯାଏ । ସାରା ଓଡ଼ିଶାରେ ବିଷ୍ଣୁ, କୃଷ୍ଣ ମନ୍ଦିରରେ ଏହି ଚାଚେରୀ ପାଳନ କରାଯାଏ । ଏହି ପର୍ବରେ ଫଗୁଦଶମୀ ଦୋଳବିମାନରେ ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀ ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥବଲ୍ଲଭ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି । ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ବାହାକମାନଙ୍କ କାନ୍ଧରେ ସିଂହଦ୍ୱାର ଗୁମୁଟ ଟପି ଅରୁଣସ୍ତମ୍ଭ ପାରହେଲା ପରେ ଲୋକଙ୍କର ଉତ୍ସାହ ଓ ଉଦ୍ଦୀପନା ଏକ ଭାବଭକ୍ତି ପୂର୍ଣ୍ଣ ଦୃଶ୍ୟ ସୃଷ୍ଟି କରିଥାଏ । ଦୋଳ ବେଦିରେ ପହଞ୍ଚି ଆରମ୍ଭ ହୁଏ ଫଗୁଲାଗି । ପୁଷ୍ପମାଲ୍ୟ, କୁନ୍ଦପୁଷ୍ପ ପରି ସୁବାସିତ ପୁଷ୍ପ ଓ ଲାଲ ବେଶରେ ଚାଚେରୀ ବେଶରେ ଦୋଳଗୋବିନ୍ଦ ବିଜେ ହୁଅନ୍ତି । ପୂଜାଅର୍ଚ୍ଚନା ଓ ଭୋଗରାଗ ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି । ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ମଧ୍ୟ ଏହି ଅବସରରେ ଅନୁଷ୍ଠିତ ହୋଇଥାଏ । ଏହାକୁ ରାଜରାଜେଶ୍ୱର ବେଶ କୁହାଯାଏ ।

ହୋଲିକା ଦହନ ତଥା ହୋଲି ଖେଳକୁ ସନ୍ତୋତ୍ସବ କୁହାଯାଏ କାରଣ ଏହା ସନ୍ତକାଳୀନ ଉତ୍ସ । ପୂର୍ବେ ମାଘ ଶୁକ୍ଳପଞ୍ଚମୀର ପର ଦିନ କାମଦେବ ଓ ସନ୍ଥଙ୍କର ପୂଜା କରାଯାଉଥିଲା ଏଂ ଉକ୍ତ ଉତ୍ସବକୁ ମଦନୋତ୍ସବ ତଥା ସନ୍ତୋତ୍ସବ କୁହାଯାଉଥିଲା । ଅନ୍ୟ କେତେକ ଅଞ୍ଚଳରେ ଏହି ଉତ୍ସବ ଚୈତ୍ର ଶୁକ୍ଳ ଦ୍ୱାଦଶୀ ଠାରୁ ଆରମ୍ଭ ହୋଇ ଚତୁର୍ଦ୍ଦଶୀ ଦିନ ସମ୍ପନ୍ନ ହେଉଥିଲା । ଏଥିରେ ବ୍ରତ ରଖିଥିବା ଲୋକେ କାମଦେଙ୍କୁ ପୂଜା କରି ଗୀତବାଦ୍ୟ, ରାତ୍ରି ଜାଗରଣ ଓ ସ୍ତ୍ରୀପୁରୁଷ ସମ୍ମିଳନ ଉଦ୍ୟାନାଦିରେ ଆମୋଦ ପ୍ରମୋଦ କରୁଥିଲେ । ସମ୍ଭବତଃ ଏହାର ଆଧୁନିକ ରୂପ ହୋଲିର ରଙ୍ଗ ଖେଳ ଅଟେ । ଆଜି ହୋଲିକା ଉତ୍ସବକୁ ସନ୍ତୋତ୍ସବ କୁହାଯାଉଛି । ଆଗେ ହୋଲି ଖେଳର ପର୍ବକୁ ଚର୍ଚ୍ଚରୀ ଓ ଚର୍ଚ୍ଚରୀବିହାର ମଧ୍ୟ କୁହାଯାଉଥିଲା । ନାଚତାମସା ଓ ଆମୋଦପ୍ରମୋଦ କରିବାକୁ ଚର୍ଚ୍ଚରୀ କୁହାଯାଏ । ଏହି ଚର୍ଚ୍ଚରୀର ଓଡ଼ିଆ ରୂପ ଚାଚେରୀ ଅଟେ । ସେହିପରି କବି ରଘୁ ଅରକ୍ଷିତ ଭକ୍ତି ଭାବରେ ଦୋଳର ଅନୁପମ ଦୃଶ୍ୟକୁ ଏମନ୍ତ ବର୍ଣ୍ଣନା କରିଛନ୍ତି,

'ପୁଷ୍ପ ଘେନି ଯିବା ଗୋ ସଜନୀ,ଦେଖିବା ବସନ୍ତ ଚାଚେରୀ,ରାଧାକୃଷ୍ଣ ଦୋଳି ଖେଳୁଛନ୍ତି,ଉଡ଼ଇ କର୍ପୂର ଦୋଳି ଗୋ,ବଣର ମଲ୍ଲୀ ମାଳତୀ ସେବତୀ ।

ବିଧ କୁସୁମେ ଗଭା,ଦକ୍ଷିଣ ମୂରତି ହୋଇ ଯଦୁପତି,ଦୋଳ ମଣ୍ଡପରେ ଉଭା ଗୋ ।'

ଏଥିରୁ ସ୍ପଷ୍ଟ ଯେ ଓଡ଼ିଶାରେ ହୋଲି ଭଳି ରଙ୍ଗଖେଳର ଉତ୍ସ ଚାଚେରୀ ପାଳିତ ହେଉଥିଲା ହେଲେ ଦୋଳ ପୂର୍ଣ୍ଣିମା ପୂର୍ବ ଦିନ ହିଁ ଫଗୁଖେଳ ହେଉଥିଲା । ତେବେ ଆଜିକାଲି ଓଡ଼ିଶାରେ ଦୋଳ ପୂର୍ଣ୍ଣିମା ପରଦିନ ହୋଲି ଖେଳାଯାଉଅଛି ।

ସାଧାରଣତଃ ଝୁଲା, ଦୋଳି, ହାନ୍ଦୋଳା, ଜାଲମୁଣା, ଖୁଣ୍ଟୁଣି, ଡୋଲି । କୁଡ଼ମେଇ, ଠାକୁରଙ୍କ ବିମାନ ଓ ଦୋହଲେଇବାକୁ ଦୋଳ କୁହାଯାଏ । ଏହି ଦୋଳ ଶବ୍ଦରୁ ଦୋଳ ପର୍ବ ନାମକରଣ ହୋଇଅଛି ।

ଦୋଳ ପର୍ବ କେତେ ପ୍ରାଚୀନ, ତାହା ଅସ୍ପଷ୍ଟ ତେବେ କେତେକ ଗବେଷକଙ୍କ ମତରେ ପଦ୍ମପୁରାଣ, ସ୍କନ୍ଦ ପୁରାଣ, ହରିଭକ୍ତ ବିଳାସ, ବ୍ରହ୍ମାଣ୍ଡ ପୁରାଣ, ଗୋପାଳ ଓଗାଳ, ଋତୁ ସଂହାର, ନିଳାଦ୍ରୀ ଅର୍ଜନ ଚନ୍ଦ୍ରକାୟା, ଲିଙ୍ଗପୁରାଣ ଓ ଶତାନନ୍ଦ ସଂଗ୍ରହରେ ଅନଙ୍ଗୋତ୍ସବ । ଦୋଳୋତ୍ସବ କଥା ବର୍ଣ୍ଣିତ ହୋଇଛି । ସବୁଠାରୁ ସ୍ପଷ୍ଟ ଭାବରେ ଶତାନନ୍ଦ ସଂଗ୍ରହରେ ଦୋଳ ଉତ୍ସବ କଥା ବର୍ଣ୍ଣିତ ହୋଇଥିବା ଜଣାଯାଏ । ଆମ ଓଡ଼ିଶାରେ ରାଜଦୋଳ, ପଞ୍ଚୁଦୋଳ, ଛଅଦୋଳ, ସାତଦୋଳ, ନଅଦୋଳ, ଦଶଦୋଳ ଇତ୍ୟାଦି ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ପ୍ରକାରର ଦୋଳୋତ୍ସବ ପାଳିତ ହୋଇଥାଏ । ଓଡ଼ିଶାରେ ମୁଖ୍ୟତ ପାଞ୍ଚଦିନ ଧରି ଦୋଳଯାତ୍ରା ପାଳନ ହେଉଥିବାରୁ ଏହାକୁ କୁହାଯାଏ ପଞ୍ଚୁ ଦୋଳ । ପଞ୍ଚୁ ଦୋଳ ମେଳଣ, ପାଞ୍ଚଦିନ ଅର୍ଥାତ୍ ଫଗୁଣ ପୂର୍ଣ୍ଣିମାଠାରୁ ଚୈତ୍ରମାସ କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ । ଦୋଳଯାତ୍ରା ଯେଉଁଠି ଯେମିତି ପାଳନ ହେଉନା କାହିଁକି, ତାହା ଅନ୍ତରାଳରେ ରହିଛି ପୁରାଣ ବର୍ଣ୍ଣିତ ଭିନ୍ନ ଭିନ୍ନ କାହାଣୀ ଓ କିମ୍ବଦନ୍ତୀ । ଶ୍ରୀମଦ୍ ଭାଗବତ ବର୍ଣ୍ଣନା ଅନୁଯାୟୀ ଦୋଳଯାତ୍ରା ହେଉଛି ଗୋପୀମାନଙ୍କ ସହ ରାଧା ଦାମୋଦରଙ୍କ ରଙ୍ଗ ପିଚକାରୀ ଖେଳିବା ଓ ରାସଲୀଳାର ଏକ ସୁନ୍ଦର ସ୍ମୃତି ଚାରଣ । ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣ ରାକ୍ଷସୀ ପୁତନାର ବିଷ ମିଶ୍ରିତ ସମସ୍ତ ଦୁଗ୍ଧ ସହିତ ତାର ପ୍ରାଣ ମଧ୍ୟ ଶୋଷି ନେଇଥିଲେ । ପୁତନାର ମୃତ୍ୟୁ ହେଲା, କିନ୍ତୁ କୃଷ୍ଣ ନୀଳ ବର୍ଣ୍ଣ ପାଲଟିଗଲେ । ରାଧାରାଣୀଙ୍କ ନୟନଯୁଗଳରେ ନିଜର ରୂପ ଦେଖି ବିଳାପ କଲେ ! ମା' ଯଶୋଦାଙ୍କୁ ନିଜ ବର୍ଣ୍ଣର କାରଣ ପଚାରିଲେ । ମଧୁସୂଦନଙ୍କୁ ଖୁସି କରିବାକୁ ଯାଇ ତାଙ୍କ ତନୁକୁ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରିବା ସହିତ ପରସ୍ପର ମଧ୍ୟରେ ରଙ୍ଗଖେଳରେ ମାତି ଉଠିଥିଲେ ବ୍ରଜବିହାରୀ । ତେବେ ପୁତନା ବଧ ହେଉ, କିମ୍ବା ହୋଲିକା ଦହନ ହେଉ, ପ୍ରତ୍ୟେକଟି ପୌରାଣିକ ଉପାଖ୍ୟାନର ଅନ୍ତରାଳରେ ରହିଛି, ଅସତ୍ୟ ଉପରେ ସତ୍ୟର ପ୍ରତୀକାତ୍ମକ ବିଜୟର ସଂକେତ । ମାତ୍ର ଜନମାନସକୁ ଯେଉଁ କଥାଟି ଅଧିକ ଆହ୍ଲାଦିତ କରେ, ତାହା ହେଉଛି ପ୍ରେମମୟ କୃଷ୍ଣ ଓ ପ୍ରେମମୟୀ ରାଧାଙ୍କ ମନରେ ଆଧ୍ୟାତ୍ମିକ ପ୍ରୀତିର ମହକ ।

**ମାତୃ ପିତୃ କୃପା ୫୦୮, ନୁଆସାହି, ନୂଆପଲ୍ଲୀ, ଭୁବନେଶ୍ୱର– ୭୫୧୦୧୨**
**ମୋ–୯୪୩୭୧୭୫୭୬୪**

# ପ୍ରେମାବତାର ଶ୍ରୀଚୈତନ୍ୟ



**ଅନନ୍ତ ଗୋପାଳ ପଣ୍ଡା**

ପ୍ରତିଯୁଗରେ ଈଶ୍ୱରଙ୍କ କୃପା ପ୍ରାପ୍ତି ହେବାର ମାର୍ଗରେ ପରିବର୍ତ୍ତନ ଘଟିଛି । ସତ୍ୟଯୁଗରେ ଜପ, ତପ,ଧ୍ୟାନ ମୁଖ୍ୟ ମାଧ୍ୟମ ଭାବେ ବିବେଚିତ ହେଉଥିବାବେଳେ ତ୍ରେତୟାରେ ଯଜ୍ଞାନୁଷ୍ଠାନକୁ ଦିଆଯାଉଥିଲା ପ୍ରାଧାନ୍ୟ । ଦ୍ୱାପରରେ ସେହିପରି ଅର୍ଚ୍ଚନ, ବନ୍ଦନ ପ୍ରମୁଖ ମାର୍ଗ ଭାବେ ଅଭିହିତ ହେଉଥିବାବେଳେ କଳିଯୁଗରେ ଈଶ୍ୱରଙ୍କ ନାମ ଗୁଣ କୀର୍ତ୍ତନ ହିଁ ଏକମାତ୍ର ଅବଲମ୍ବନ ଭାବେ ସର୍ବଜନ ଆଦୃତ । ପ୍ରତିଯୁଗର ମହାମନ୍ତ୍ର ପରି କଳିଯୁଗର ମହାମନ୍ତ୍ର ରୂପେ ସ୍ୱୀକୃତ 'ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେହରେ, ହରେରାମ ହରେରାମ ରାମ ରାମ ହରେହରେ' ନାମକୁ ନିଜେ ଉଚ୍ଚସ୍ୱରରେ ଗାନକରି ତହିଁରେ ତନ୍ମୟ, ତଲ୍ଲୀନ ହୋଇ ଅନ୍ୟମାନଙ୍କୁ ଅନୁପ୍ରାଣୀତ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଯୁଗାବତାର ଶ୍ରୀଚୈତନ୍ୟ ମହାପ୍ରଭୁ ।

ଯୁଗପୁରୁଷ, ସମାଜ ସଂସ୍କାରକ ତଥା ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରବର୍ତ୍ତକ ଶ୍ରୀଚୈତନ୍ୟଙ୍କ ଆବିର୍ଭାବକୁ ବର୍ଣ୍ଣନା କରିବାରେ ବିଭିନ୍ନ ପୁରାଣମାନ ଶତମୁଖ ହୋଇଛନ୍ତି । ମାର୍କଣ୍ଡେୟ ପୁରାଣ ଅନୁସାରେ, 'ଗୋଲକଂଚ ପରିତ୍ୟଜ୍ୟ ଲୋକାନାଂ ତ୍ରାଣ କାରଣାତ୍, କଳୌ ଗୌରାଙ୍ଗ ରୂପେଣ ଲୀଳା ଲାବଣ୍ୟ ବିଗ୍ରହା' ବାୟୁପୁରାଣ ସେହିପରି ଉଦ୍‌ଘୋଷଣା କରନ୍ତି, 'କଳୌ ସଂକୀର୍ତ୍ତନା ରମ୍ଭେ ଭବିଷ୍ୟାମି ଶଚୀ ସୁତଃ, ସ୍ୱର୍ଣ୍ଣଦ୍ୟୁତି ସମାସ୍ଥାୟ ନବଦ୍ୱୀପେ ଜନାଶ୍ରୟେ '। ଭଗବାନ ଶ୍ରୀକୃଷ୍ଣ ଗୋଲକ ପରିତ୍ୟାଗ କରି ଶ୍ରୀଗୌରାଙ୍ଗ ରୂପରେ କଳିଯୁଗରେ ମାନବ ପରିତ୍ରାଣ ଉଦ୍ଦେଶ୍ୟରେ ଅବତୀର୍ଣ୍ଣ ହୋଇଥିଲେ । ଶ୍ରୀଚୈତନ୍ୟଙ୍କ ଆବିର୍ଭାବର ଅନ୍ତରାଳରେ ରହିଛି ଏକାଧିକ କାରଣ । କୃଷ୍ଣଦାସ କବିରାଜଙ୍କ ମତାନୁସାରେ ବ୍ରଜର ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କୁ ଯେଉଁ ଶୁଦ୍ଧପ୍ରୀତି ପାଶରେ ବନ୍ଧନ କରିଥିଲେ ସେହି ରାଗାନୁଗା ପ୍ରେମ ଭାବର ବିତରଣ ଏବଂ କଳିହତ ମାନବମାନଙ୍କୁ ନାମ ସଂକୀର୍ତ୍ତନରୁ ଉଦ୍ଭବ ଅମୀୟ ରସର ଆସ୍ୱାଦନ କରାଇବାଥିଲା । ଶ୍ରୀଚୈତନ୍ୟଙ୍କ ଧରାବତରଣର କାରଣ । ଦାମୋଦର ଗୋସ୍ୱାମୀଙ୍କ ମତାନୁଯାୟୀ ତିନିଗୋଟି ଉଦ୍ଦେଶ୍ୟକୁ ପରିପୂର୍ଣ୍ଣ କରିବା ନିମିତ୍ତ ଶ୍ରୀଗୌରାଙ୍ଗ ହୋଇଛନ୍ତି ଆବିର୍ଭୂତ । ସେହି ଉଦ୍ଦେଶ୍ୟମାନ ହେଉଛନ୍ତି ୧) ଶ୍ରୀରାଧାଙ୍କ ପ୍ରଣୟ ମହିମା କିପରି ? ୨) ଶ୍ରୀକୃଷ୍ଣଙ୍କ ନିଜର ମାଧୁର୍ଯ୍ୟ କିପରି ? ୩) ସେହି ମାଧୁର୍ଯ୍ୟ ଆସ୍ୱାଦନ ପୂର୍ବକ ହ୍ଲାଦିନୀଶକ୍ତି ସ୍ୱରୂପା ଶ୍ରୀରାଧା ଯେଉଁ ସୁଖ ଆସ୍ୱାଦନ କରନ୍ତି, ତାହା ମଧ୍ୟ କିପରି ?

ଏହି ତିନିଗୋଟି ଅପରିପୂର୍ଣ୍ଣ ବାସନାକୁ ଚରିତାର୍ଥ କରିବାପାଇଁ ରସରାଜ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ସହିତ ଏକୀଭୂତ ହୋଇ ଶ୍ରୀଚୈତନ୍ୟଙ୍କ ରୂପରେ ପ୍ରକଟ ହୋଇଥିଲେ । ନିଜର ଶ୍ୟାମକାନ୍ତିକୁ ଆଚ୍ଛାଦିତ କରିଥିବାରୁ ଗୌରାଙ୍ଗଙ୍କୁ ଛନ୍ନାବତାର ଭାବେ ଅଭିହିତ କରାଯାଇଅଛି । ଶ୍ରୀମଦ୍ ଭାଗବତଙ୍କର ସପ୍ତମ ସ୍କନ୍ଧ ନବମ ଅଧ୍ୟାୟ ୩୮ ଶ୍ଳୋକରେ ବର୍ଣ୍ଣିତ 'ଛନ୍ନଃକଳୌ' ଶବ୍ଦ ଏହାର ପ୍ରମାଣ । ଅତଏବ ଶ୍ରୀକୃଷ୍ଣ ଏବଂ ଶ୍ରୀଚୈତନ୍ୟ ଏକ ଏବଂ ଅଭିନ୍ନ ।

ରାସେଶ୍ୱର ଶ୍ରୀକୃଷ୍ଣ ଓ ମହାଭାବ ସ୍ୱରୂପିଣୀ ଶ୍ରୀରାଧାଙ୍କ ସମ୍ମିଳିତ ସ୍ୱରୂପ ଭାବେ ଶ୍ରୀଚୈତନ୍ୟ ପଶ୍ଚିମବଙ୍ଗର ନଦୀୟା ଜିଲ୍ଲା ଅନ୍ତର୍ଗତ ନବଦ୍ୱୀପସ୍ଥ ମାୟାପୁରରେ ୧୪୮୬ ମସିହା ଫେବୃଆରୀ ଅଠର ତାରିଖ ଚନ୍ଦ୍ରଗ୍ରହଣ ଓ ଶନିବାର ଯୁକ୍ତ ଦୋଳ ପୂର୍ଣ୍ଣିମାର ସାୟଂକାଳରେ ପିତା ଜଗନ୍ନାଥ ମିଶ୍ର ଓ ମାତା ଶଚି ଦେବୀଙ୍କର କୋଳ ମଣ୍ଡନ କରି ଭୂମିଷ୍ଠ ହୋଇଥିଲେ । ଚନ୍ଦ୍ରଗ୍ରହଣ ହେତୁ ଜନ୍ମ ସମୟରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଉଥିଲା । ନବଜାତ ଶିଶୁର ଅଜା ପ୍ରଖ୍ୟାତ ଜ୍ୟୋତିଷ ନୀଳାମ୍ବର ଚକ୍ରବର୍ତ୍ତୀ ଜନ୍ମିତ ଶିଶୁଟି ଅଲୌକିକ ଗୁଣ ସମ୍ପନ୍ନ ମହାପୁରୁଷ ତଥା ବିଶ୍ୱପାଳକ ହେବ ବୋଲି ନାମକରଣ କଲେ 'ବିଶ୍ୱମ୍ଭର' । ନିମ୍ବ ବୃକ୍ଷ ନିକଟରେ ଜନ୍ମଲାଭ କରିଥିବାରୁ ମା ନାମ ଦେଲେ 'ନିମାଇଁ' । ବାଳକର ଦିବ୍ୟକାନ୍ତି ଏବଂ ହରିନାମ ଶ୍ରବଣରେ କ୍ରନ୍ଦନରୁ ବିରତ ହେଉଥିବା ଦେଖି ପିତା ନାମଦେଲେ 'ଗୌରହରି' । କୃଷ୍ଣଲୀଳାରେ ଯୋଗମାୟା ପୌର୍ଣ୍ଣମାସୀ କଳିଯୁଗରେ ସୀତା ନାମରେ ଅବତୀର୍ଣ୍ଣା ହୋଇ ଅଦ୍ୱୈତା ଚାର୍ଯ୍ୟଙ୍କର ହୋଇଥିଲେ ସହଧର୍ମିଣୀ । ସେହି ସୀତା ଦେବୀ ଶାନ୍ତିପୁରରୁ ଅନେକ ଉପହାର ସହିତ ଆସି ଶିଶୁପୁତ୍ରର ପାଦ ଦେଶରେ ଥିବା ଅଷ୍ଟାଦଶ ଚିହ୍ନ ଅବଲୋକନ ପୂର୍ବକ ଜନ୍ମିତ ଶିଶୁ ସ୍ୱୟଂ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ମିଳିତତନୁ ବୋଲି ଅଭିହିତ କରିଥିଲେ ।

ଶ୍ରୀକୃଷ୍ଣଙ୍କ ପରି ଶ୍ରୀଚୈତନ୍ୟ ବାଲ୍ୟକାଳରେ ଅନେକ ଅଲୌକିକ ଲୀଳା କରିଥିଲେ ପ୍ରଦର୍ଶନ । କୁଣ୍ଡଳାକୃତି ଧାରଣ କରିଥିବା ଅନନ୍ତନାଗ କୋଳରେ ବାଳକ ନିମାଇଁଙ୍କର ଶୟନ ଆତ୍ମୀୟସ୍ୱଜନମାନଙ୍କୁ ବିସ୍ମୟାଭିଭୂତ କରିଥିଲା । ନାମକରଣ ସମୟରେ ପ୍ରଥା ଅନୁଯାୟୀ ଶିଶୁପୁତ୍ରର ରୁଚି ପରୀକ୍ଷା ନିମନ୍ତେ ରଖାଯାଇଥିବା ଭାଗବତ ପୋଥି, ଖଇ, ଧାନ, କଉଡ଼ି, ସୁନା ଓ ରୂପା ମଧ୍ୟରୁ ଶିଶୁପୁତ୍ର ଭାଗବତପୋଥିକୁ ଆଲିଙ୍ଗନ କରିଥିଲେ । ବାଳକ ଗୌରାଙ୍ଗଙ୍କ ଶରୀରରେ ପରିଧାନ କରିଥିବା ସ୍ୱର୍ଣ୍ଣାଳଙ୍କାରକୁ ଦୁଇ ଚୋର ଅପହରଣ କରିବା ସମୟରେ ପ୍ରଥଭ୍ରଷ୍ଟ ହୋଇ ଗୌରାଙ୍ଗଙ୍କୁ କନ୍ଧରେ ବସାଇ ଜଗନ୍ନାଥ ମିଶ୍ରଙ୍କ ଘରେ ପହଞ୍ଚିଥିଲେ । ସେମାନଙ୍କ ମାନସିକ ବିଭ୍ରମ ସେହି ବାଳକର ସ୍ପର୍ଶଜନିତ ପ୍ରଭାବ ବୋଲି ଚୋର ଦ୍ୱୟ ଅନୁଭବ କରିଥିଲେ । ଆଉ ଏକ ଘଟଣା କ୍ରମରେ ନିମାଇଁ ମାତା ଶଚୀଦେବୀଙ୍କ ପ୍ରଦତ୍ତ ସୁମିଷ୍ଟ ଖାଦ୍ୟ ଗ୍ରହଣ ନ କରି ଶ୍ରୀକୃଷ୍ଣଙ୍କ ପରି ମୃତ୍ତିକା ଭକ୍ଷଣ କରିଥିଲେ । ଏଥି ସହିତ ତୀର୍ଥ ପର୍ଯ୍ୟଟନକାରୀ ବ୍ରାହ୍ମଣ ଭକ୍ତଙ୍କ ଦ୍ୱାରା ଭଗବାନଙ୍କ ଉଦ୍ଦେଶ୍ୟରେ ବାରମ୍ବାର ଅର୍ପିତ ପ୍ରସାଦକୁ ନିମାଇଁ ବାଳଗୋପାଳ ରୂପରେ ଗ୍ରହଣ କରିଥିଲେ । ଏତଦ୍ ବ୍ୟତୀତ ମୁରାରୀ ଗୁପ୍ତଙ୍କୁ ଶ୍ରୀରାମ ରୂପରେ ଦର୍ଶନ ପ୍ରଦାନ, ଶ୍ରୀବାସଙ୍କ ଅଗଣାରେ ବରାହ ରୂପ ପ୍ରଦର୍ଶନ, ଜଗାଇ ମାଧାଇଙ୍କର ପୈଶାଚିକ ଦୁର୍ଗୁଣ ଦୂରୀକରଣ, ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କୁ ପୁରୀରେ ଷଡ଼ଭୁଜ ପ୍ରଦର୍ଶନ କରିଥିଲେ । ପରିଶେଷରେ ୪୮ବର୍ଷ ବୟସରେ ୧୫୩୪ ମସିହା ଆଷାଢ଼ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଅବସ୍ଥାନ କରୁଥିବା ସମୟରେ ପ୍ରଭୁଙ୍କ ଶ୍ରୀଅଙ୍ଗରେ ଶ୍ରୀଚୈତନ୍ୟ ହୋଇଯାଇଥିଲେ ବିଲୀନ । ଅଚ୍ୟୁତାନନ୍ଦଙ୍କ ଶୂନ୍ୟସଂହିତାରେ ରହିଛି ଏହାର ପ୍ରମାଣ । ଯଥା– ଚୈତନ୍ୟଠାକୁର ମହାନୃତ୍ୟକାରୀ ରାଧା ରାଧା ଧ୍ୱନି କଲେ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗେ ବିଦ୍ୟୁତ୍ ପ୍ରାୟ ମିଶିଗଲେ । ଆଜି ମଧ୍ୟ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରର ପ୍ରବେଶ ପଥରେ ଷଡ଼ଭୁଜ ଧାରଣ ପୂର୍ବକ ଗୌରାଙ୍ଗ ମହାପ୍ରଭୁ ଉପାସିତ ହେଉଛନ୍ତି ।

ଶ୍ରୀଚୈତନ୍ୟ ପ୍ରଥମେ ଈଶ୍ୱରପୁରୀଙ୍କ ଠାରୁ କାୟାଶୁଦ୍ଧି ଦୀକ୍ଷା ଗ୍ରହଣ କରିବା ପରେ ଗୁରୁ କେଶବ ଭାରତୀଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ ପୂର୍ବକ ୧୫୧୦ ମସିହାରେ ନୀଳାଚଳକୁ ଆଗମନ କରିଥିଲେ । ତୀର୍ଥାଟନ ପରେ ଶେଷ ୧୮ବର୍ଷ ପ୍ରଭୁ ରାଧାକାନ୍ତ ମଠ ସ୍ଥିତ ଗମ୍ଭୀରାରେ ଅବସ୍ଥାନ ପୂର୍ବକ ପ୍ରତ୍ୟେହ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିମୋହିତ ହେଉଥିଲେ । ତାଙ୍କ ଅଙ୍ଗ ସ୍ପର୍ଶରେ ତରଳିଯାଉଥିଲା ପ୍ରସ୍ତର । ଅଦ୍ୟାବଧି ତାଙ୍କ ହସ୍ତାଙ୍ଗୁଳିର ଚିହ୍ନ ଗରୁଡ଼ସ୍ତମ୍ଭ ଧାରଣ କରିଛି । ଅଣସର ସମୟରେ ବ୍ରହ୍ମଗିରି ସ୍ଥିତି ଶ୍ରୀଅଲାରନାଥଙ୍କୁ ସାଷ୍ଟାଙ୍ଗ ପ୍ରଣାମ କାଳରେ ଶ୍ରୀଚୈତନ୍ୟଙ୍କ ଅଙ୍ଗସ୍ପର୍ଶରେ ତରଳିଥିବା ପ୍ରସ୍ତର ଆଜିବି ଅଲାରନାଥଙ୍କ ମନ୍ଦିରରେ ଭକ୍ତମାନଙ୍କ ଦୃଷ୍ଟିକୁ ଆକର୍ଷଣ କରୁଛି ।

ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ ପରି ଶ୍ରୀ ଚୈତନ୍ୟ ଥିଲେ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱର ଉଦ୍‌ଘୋଷକ । ପ୍ରଭୁ ନିତ୍ୟାନନ୍ଦ, ଶ୍ରୀଅଦ୍ୱୈତ, ଶ୍ରୀବାସ ଓ ଗଦାଧର ପଣ୍ଡିତ, ଚୈତନ୍ୟଙ୍କ ସହିତ ମିଶି ପଞ୍ଚତତ୍ତ୍ୱ ଭାବରେ ଧରାପୃଷ୍ଠରେ ନାମ ରସର ଯେଉଁ ମନ୍ଦାକିନୀ ପ୍ରବହମାନ କରାଇଥିଲେ ତହିଁରେ ମାନବ କାଳକାଳ ଧରି ଅବଗାହିତ ହୋଇ ଜୀବନକୁ ଧନ୍ୟ ମଣିବା ସହିତ ଜନ୍ମକୁ ଯେ ସାର୍ଥକ କରୁଥିବ, ଏଥିରେ ଦ୍ୱିମତ ହେବାର ନାହିଁ ।

**ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର**
**ମୋ–୯୮୬୧୪୭୦୧୯୮**

# ମଧୁପର୍ବ ହୋଲି



**ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ**

ଫଗୁଣ ଆସିଛି ଧରାକୁ ରଙ୍ଗର ପସରା ନେଇ । ଷଡ ଋତୁ ମଧ୍ୟରେ ସର୍ବଶ୍ରେଷ୍ଠ ଋତୁ ଋତୁରାଜ ବସନ୍ତ ଛଫଗୁଣର ଫଗୁବୋଳା ଏଇ ମଧୁପର୍ବ ହୋଲି ପ୍ରୀତିର ବର୍ଣ୍ଣାଳିରେ ଝଲସି ଉଠେ । ରଙ୍ଗର ଏ ଋତୁରେ ଥାଏ ପ୍ରେମ ଫଲଗୁର ଧାରା , ବହୁବିଧ ବିବିଧତା ଓ ବିଭୋରତା । ଖରାରେ ଝଲସି ଉଠେ କୃଷ୍ଣଚୁଡା ଓ ପଳାଶର ରଙ୍ଗୀନ ପାଖୁଡା । ଅବିର ସ୍ପର୍ଶରେ ରଙ୍ଗୀନ ଫୁଲେଇ ଫଗୁଣ ।

ଧର୍ମ, ପ୍ରେମ ଓ ଆଧ୍ୟାତ୍ମିକତାର ଆନନ୍ଦ ମୁଖର ମହାପର୍ବ ରଙ୍ଗ ଫେଣ୍ଟାଫେଣ୍ଟି ମିଶାମିଶି କରି ପରିବେଶକୁ କରିଦିଅନ୍ତି ବାସ୍ନାୟିତ, ରଙ୍ଗାୟିତ, ଉତ୍ସବମୁଖର, ଆନନ୍ଦ ବିଭୋର । ହୋଲି ଭାଇଚାରାର ପର୍ବ, ରଙ୍ଗାୟିତ ହେବାର ପର୍ବ, ମଧୁ ବାର୍ତ୍ତା , ମଧୁ ପୁଷ୍ପ, ମଧୁଝରା ବକୁଳର ବାସ୍ନା, କଷି ଆମ୍ବର ସମ୍ଭାର, ମଧୁମାସ ଫଗୁଣ । ସବୁ ମଧୁମୟ, ମଧୁର ମହିମାମୟ, ମଳୟ, ମଧୁରପତି ରାଧାକୃଷ୍ଣଙ୍କର ମଧୁମିଳନର ପର୍ବ– ରାଧାକୃଷ୍ଣମୟ ।

କୃଷ୍ଣ ଚେତନାର ଅଫୁରନ୍ତ ପୁଲକଭରା ଫଗୁଣ । ରସ– ରାସ–ରଙ୍ଗର ଉଲ୍ଲସିତ ଫଗୁଣ । ଆତ୍ମା ପରମାତ୍ମାର ମହାମିଳନର ବହିଃପ୍ରକାଶ ଫଗୁଣ । ପତ୍ରଝରା ଋତୁର ଫଗୁ ବିଞ୍ଚି ବିଞ୍ଚି ଆସୁଥିବା କଅଁଳପତ୍ରରେ ଫଗୁଣ । ରାଧାକୃଷ୍ଣ ଲୀଳାର ପରମାନନ୍ଦ ଅନୁଭବ ଫଗୁଣ । ଲୀଳା ମଧୁର, ଖେଳା ମଧୁର, ଭାବ ମଧୁର , ଭାଷା ମଧୁର, ଚାଲି ମଧୁର, ହସ ମଧୁର, ଯୋଗ ମଧୁର, ଭୋଗ ମଧୁର, ମିଳନ ମଧୁର । ଜୀବନ ଓ ଆବେଗର, ତଲ୍ଲୀନତାର, ବିଭୋରତାର, ଭାବ ବିହ୍ୱଳତାର, ନିଜକୁ ହଜେଇଦେବାର, ଭିଜେଇଦେବାର, ମଜ୍ଜେଇଦେଇ ସବୁ ଜଞ୍ଜାଳକୁ ଭୁଲିଯିବାର ଭାବୋଦ୍ଦୀପକ ଋତୁ ଫଗୁଣ ।

ରଙ୍ଗରେ ନିମନ୍ତ୍ରଣ, ରଙ୍ଗରେ ମିଳନ, ରଙ୍ଗରେ ଅଭିସାର । ପ୍ରକୃତି ଓ ପୁରୁଷର ବସନ୍ତ ରାସ । ରଙ୍ଗ ପିଚକାରୀରେ ଯୋଡିହୁଏ ବନ୍ଧନ, ଯୋଡିହୁଏ ସମ୍ପର୍କ, ଯୋଡିହୁଏ ଭଲପାଇବା, ଯୋଡିହୁଏ ମନ ହୃଦୟ । ଭାବରେ ଭାବରେ ଭାବ ଅଭାବର ଚୂତବକୁଳର ବାର୍ତ୍ତାର ଅଭିସାର । ଦାମ୍ଭିକତାର, ଅହଂକାରର, ଶତ୍ରୁତାର, ଅସହିଷ୍ଣୁତାର ଅବସାନ । ମତୁଆଲା ହେବାର ପର୍ବ ହୋଲି । ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କର ଉତ୍ତରାୟଣ ଓ ଦକ୍ଷିଣାୟନଗତି ଯୋଗୁଁ ଋତୁଚକ୍ରର ଆଗମନ–ଷଢ ଋତୁ– ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ । ଛଅ ଋତୁ ବାରମାସକୁ ସମାନ ଭାବରେ ବାଣ୍ଟି ନେଇଛନ୍ତି ଦୁଇମାସ କରି । ନବ ବସନ୍ତର ଆଗମନରେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଯାତ୍ରା ଶେଷ ହୋଇ ଆରମ୍ଭ ହୁଏ ଉତ୍ତରାୟଣ । ସବୁ ଛ' ଋତୁର ରୂପଲାବଣ୍ୟକୁ ମନଭରି ଉପଭୋଗ କରୁଥିବା ମନୁଷ୍ୟ ବସନ୍ତର ଆଗମନରେ ମତୁଆଲା ହୋଇଉଠେ । ପରମପୁରୁଷ ମଧୁମୟ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ ଗୀତାର ଅଷ୍ଟମ ଯୋଗ ପଞ୍ଚତ୍ରିଂଶ ଶ୍ଳୋକରେ ଏହି ଋତୁର ବର୍ଣ୍ଣନା କରି କୁହାଯାଇଛି । ଅର୍ଥାତ୍ ମାସମାନଙ୍କ ମଧ୍ୟରେ ମାର୍ଗଶୀର ଋତୁମାନଙ୍କ ମଧ୍ୟରେ ବସନ୍ତ ଋତୁକୁ ଋତୁରାଜର ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଛି । ନଦୀମାନଙ୍କ ମଧ୍ୟରେ ଗଙ୍ଗା, ପୁରୁଷଙ୍କ ମଧ୍ୟରେ କନ୍ଦର୍ପ, ହସ୍ତୀମାନଙ୍କ ମଧ୍ୟରେ ଐରାବତ ଆଦିକୁ ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଛି ।

ଏହି ବସନ୍ତ ମହୋତ୍ସବର କେନ୍ଦ୍ର ବିନ୍ଦୁ ହେଉଛନ୍ତି ପ୍ରେମମୟ ରସରାଜ ଶ୍ରୀକୃଷ୍ଣ ଓ ହ୍ଲାଦିନୀ ଶକ୍ତି ସ୍ୱରୂପା ଶ୍ରୀରାଧା । ପ୍ରକୃତି ରୂପିଣୀ ରାଇବିନୋଦିନୀ ଏବଂ ପୁରୁଷରୂପୀ ଶ୍ୟାମସୁନ୍ଦରଙ୍କ ମିଳନପର୍ବ ହୋଲି । ରାଧାକୃଷ୍ଣଙ୍କ ତିନିଗୋଟି ରାସ ମଧ୍ୟରୁ ବସନ୍ତ ରାସ, ପ୍ରାବୃଟ ରାସ ଏବଂ ଶରତ ରାସ ଅନ୍ୟତମ । ଭକ୍ତକବି ଜୟଦେବଙ୍କ କୃତ ଗୀତଗୋବିନ୍ଦର କାନ୍ତକୋମଳ ପଦାବଳୀ ମଧ୍ୟରେ ଏହି ରାସର ବିସ୍ତୃତ ବର୍ଣ୍ଣନା ରହିଛି । ଗୀତଗୋବିନ୍ଦର ଉପଜୀବ୍ୟ ହେଉଛି ରାଧାକୃଷ୍ଣଙ୍କ ଦିବ୍ୟମିଳନର କଥା ଓ ଗାଥା । ବ୍ରଜାଙ୍ଗନାମାନେ ଏହି ବସନ୍ତ କାଳର ଅମୃତବେଳାରେ ବ୍ରଜର ଯୁବରାଜ ଓ କୀର୍ତ୍ତିଦା ନନ୍ଦିନୀ ରାଧାଙ୍କୁ ଏକ ପୁଷ୍ପ ମଣ୍ଡିତ ଦୋଳାରେ ବସାଇ ଝୁଲାଇବା ସହିତ ସେମାନଙ୍କ ଅଙ୍ଗକୁ ନାନା ରଙ୍ଗରେ ରଙ୍ଗାୟିତ କରୁଥିଲେ । ଚାମର ବ୍ୟଞ୍ଜନ ଓ ବାଦ୍ୟ ବାଦନ ସହିତ ରାଧାକୃଷ୍ଣଙ୍କ ମିଳନଗୀତ ଗାନକରି ଗୋପୀମାନେ ନୃତ୍ୟରେ ରତ ହେଉଥିଲେ ।

ନିଷ୍କାମ ପ୍ରେମ ଓ ଭକ୍ତିପୂର୍ଣ୍ଣ ସମର୍ପଣର ପ୍ରତୀକ ହେଉଛି ହୋଲି । ସେହି ଦିବ୍ୟାତିଦିବ୍ୟ ଲୀଳାକୁ ସ୍ମରଣ କରି ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ଦୋଳା ବା ବିମାନରେ ବସାଇ ନଗର ପରିକ୍ରମା କରାଯାଉଥିବାରୁ ଏହି ପର୍ବର ନାମ 'ଦୋଳପର୍ବ' । ବସନ୍ତର ଆଗମନରେ ଧରାପୃଷ୍ଠରେ ଦେଖାଦିଏ ଅନେକ ପରିବର୍ତ୍ତନ । ବୃକ୍ଷମାନଙ୍କରେ ପତ୍ରଝଡା ପରେ ନବ ପଲ୍ଲବର କୋମଳ ମଧୁରିମା, ଫୁଲରେ ଫୁଲରେ ନାନା ବର୍ଣ୍ଣ ଓ ନାନା ବାସ୍ନା, ମନ ଆଉ ଦେହରେ ବୋଳି ହୋଇଯାଏ ଫଗୁଣର ସ୍ପର୍ଶ । ବସନ୍ତ ଋତୁ ପରିବର୍ତ୍ତନର ଅୟମାରମ୍ଭ । ଏହାର ପଦପାତରେ ପୃଥିବୀ ମନମୋହକ ରୂପ ଧାରଣ କରେ । ଗଭୀର ଆବେଗର ହିଲ୍ଲୋଳରେ ହିଲ୍ଲୋଳିତ ହୁଏ ମନ ଗହନ । ସେଥିପାଇଁ ବସନ୍ତର ଆଗମନକୁ ଅପେକ୍ଷା କରେ ମନୁଷ୍ୟ । କୋକିଳର କୁହୁତାନ ପଞ୍ଚମତାନ ହୋଇଯାଏ । ସାହିତ୍ୟ ଅଗଣାରେ ଫୁଟିଉଠେ ନାନା ଜାତିର କୁସୁମ । ଝରିପଡେ କବିତାର ନିର୍ଝର ।

ଆମ ଭାରତୀୟ ଧର୍ମ ପରମ୍ପରାରେ ଆରାଧ୍ୟ ଜଗନ୍ନାଥ ହିଁ ଶ୍ରୀକୃଷ୍ଣ । ପ୍ରେମାବତାର ଶ୍ରୀଚୈତନ୍ୟଙ୍କ ଉତ୍କଳ ଆଗମନ ପରେ ଉତ୍କଳରେ ଯେଉଁ ଶୁଦ୍ଧ ବୈଷ୍ଣବ ଧର୍ମର ପ୍ରଚାର ଆରମ୍ଭ ହେଲା ତାହା କ୍ରମେ ଗତିଶୀଳ ହୋଇ ଜଗନ୍ନାଥଙ୍କ ଠାରେ କେନ୍ଦ୍ରୀଭୂତ ହେଲା । ଉତ୍କଳୀୟ ବୈଷ୍ଣବମାନଙ୍କର ଜଗନ୍ନାଥପ୍ରାଣତା ଓ ଗୌଡୀୟ ବୈଷ୍ଣବମାନଙ୍କର କୃଷ୍ଣ ଚେତନାର ଏକ ଅପୂର୍ବ ସମନ୍ୱୟ ହେଲା ଶ୍ରୀକ୍ଷେତ୍ରରେ । ଦୋଳଯାତ୍ରା ବା ଚାଚେରୀଯାତ୍ରା ଏକ ଉତ୍କୃଷ୍ଟ ନିଦର୍ଶନ ।

୧୫୧୩ ମସିହାରେ ରାଜନୈତିକ ଘନଘଟା ଓ ବିପର୍ଯ୍ୟୟ ସତ୍ତ୍ୱେ ରାଧାକୃଷ୍ଣ ଉପାସନା ପ୍ରଧାନ ଏହି ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇ ଆସୁଥିଲା । ଏହା ଫାଲଗୁନ ଶୁକ୍ଳ ଦଶମୀ ତିଥିରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ କେତେକ ସ୍ଥାନରେ ତା ପର ପାଞ୍ଚଦିନ ପର୍ଯ୍ୟନ୍ତ ମଧ୍ୟ ଚାଲେ । ଦୋଳ ପୂର୍ଣ୍ଣମୀର ପାଞ୍ଚଦିନ ପୂର୍ବରୁ ଶ୍ରୀଜିଉମାନେ ଚାଚେରୀବେଶରେ ସଜ୍ଜିତ ହୁଅନ୍ତି । ପଞ୍ଚ ଉପଚାରରେ ଚାଚେରୀ ଭୋଗ ସରିବା ପରେ ପ୍ରଭୁ ଫଗୁଲାଗି ହୁଅନ୍ତି । ତା ପରେ ଆଜ୍ଞା ମାଳ ପାଇ ପ୍ରଭୁଙ୍କର ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ ଶ୍ରୀଦେବୀ ଓ ଭୂଦେବୀଙ୍କ ସହିତ ଏକ ସୁସଜ୍ଜିତ ବିମାନରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରନ୍ତି ।

ସେଠାରେ ଦୋଳନୀତି ସରିଲାପରେ ଶ୍ରୀମନ୍ଦିରକୁ ବିଜେ କରନ୍ତି । ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଏହିପରି ସେମାନେ ଯାଇଥାନ୍ତି ଏବଂ ପୂର୍ଣ୍ଣିମା ଦିନ ଦୋଳମଣ୍ଡପ ସାହି ସ୍ଥିତ ଦୋଳମଣ୍ଡପକୁ ବିଜେ କରନ୍ତି । ସେଠାରେ ଝୁଲଣଲୀଳା ହୁଏ । ଫାଲଗୁନ ପୂର୍ଣ୍ଣିମାରେ ରତ୍ନସିଂହାସନ ଉପରେ ଚତୁର୍ଦ୍ଧା ମୂର୍ତ୍ତି ସୁନାବେଶରେ ସଜ୍ଜିତ ହୁଅନ୍ତି । ଏହାକୁ ରାଜାବେଶ କୁହାଯାଏ । ଶ୍ରୀମନ୍ଦିରରେ ପୂର୍ଣ୍ଣିମା ପରଦିନ ପାଳିତ ହୁଏ ହୋଲି । ମହାପୁରୁଷ ଅଚ୍ୟୁତାନନ୍ଦ ଲେଖିଛନ୍ତି – 'ଫଗୁଣ ମାସରେ ଦୋଳଗୋବିନ୍ଦ ଫଗୁ ଖେଳୁଥାନ୍ତି ପରମାନନ୍ଦ ଅବିର ସାଙ୍ଗେ ଝାଲରା ମିଶାଇ ଫଗୁ ଖେଳୁଥାନ୍ତି ଯଦୁ ଗୋସାଇଁ ।'

ଭାରତ ତଥା ଭାରତ ବାହାରେ ମଧ୍ୟ ବହୁ ଆଡମ୍ବରରେ ହୋଲି ପର୍ବ ପାଳିତ ହୁଏ । ଆଜକୁ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବେ ଦ୍ୱାପରଯୁଗର ଶେଷ ପାଦରେ ହୋଲି ପାଳିତ ହେଉଥିଲା ବୋଲି ଜଣାଯାଏ । ବିମାନରେ ଚଣା ଭୋଗ, କଷି ଆମ୍ବ, ଖଜା, ଫେଣି ,ନବାତ, ଆଖୁ ଆଦି ଭୋଗ ଲାଗେ । ହୋଲିପର୍ବର ଆଉ ଗୋଟିଏ କାହାଣୀ ମଧ୍ୟ ରହିଛି । ହିରଣ୍ୟକଶିପୁ ବିଷ୍ଣୁ ନାମ ଉଚ୍ଚାରଣ କରୁଥିବା ନିଜ ପୁତ୍ର ପ୍ରହ୍ଲାଦକୁ କୌଣସି ଉପାୟରେ ମାରି ପାରିଲେ ନାହିଁ । ତାଙ୍କର ଭଗିନୀ ହୋଲିକା ରାକ୍ଷସୀକୁ ଅଗ୍ନିରେ ପୋଡି ହେବନାହିଁ ବୋଲି ବର ମିଳିଥିଲା । ତେଣୁ ତା କୋଳରେ ପ୍ରହ୍ଲାଦଙ୍କୁ ପୋଡିଦେବେ ବୋଲି ସେ ଚିନ୍ତା କରି ପ୍ରହଲ୍ଲାଦଙ୍କୁ ତାଙ୍କ କୋଳରେ ବସାଇ ଅଗ୍ନି ସଂଯୋଗ କରାଗଲା । କିନ୍ତୁ ବରଦାନ ଥିଲା ଯେ ମନ୍ଦ ଉଦ୍ଦେଶ୍ୟ ରଖି କଲେ ତାହା କାର୍ଯ୍ୟ କରିବ ନାହିଁ । ତେଣୁ ହୋଲିକା ରାକ୍ଷସୀ ମୃତ୍ୟୁ ଲଭିଲା ଏବଂ ପ୍ରହଲ୍ଲାଦ ଉଦ୍ଧାର ପାଇଲେ । ସେଦିନ କେତେକ ସ୍ଥାନରେ ହୋଲିକା ଦହନ ମଧ୍ୟ କରାଯାଏ । ହୋଲିର ରସାଳ ଚିତ୍ତରେ ଇତି କାହିଁ ? ସମ୍ପର୍କର ବି ଇତି କାହିଁ ? ନିତ୍ୟ ନୂତନ ପ୍ରେମ ଫଗୁଣର ବି ଇତି କାହିଁ ? ଏ ରଙ୍ଗ ପୁରୁଣା ସମ୍ପର୍କକୁ ଗାଢ଼ କରେ ।

ଶୁଷ୍କ ଜୀବନକୁ ରଙ୍ଗୀନ କରେ । ସେହି ଦୋଳାୟିତ ରଙ୍ଗୀନ ଢେଉରେ ମଣିଷ ଅହର୍ନିଶ ବୁଡ ପକେଇବାକୁ ଚାହେଁ ନାହିଁ କି ? ଚାହେଁ ଏ ଉଲ୍ଲାସମୟ ପର୍ବ ଏହିପରି ଚାଲିଥାଉ । ଉତ୍ସବର ସଂସ୍କୃତି ବଞ୍ଚିରହୁ । ବିଭେଦର ଫାଟ ସବୁ ଯୋଡିହୋଇ ମନୁଷ୍ୟ ମନରେ ପ୍ରେମ କରୁଣାର ସଞ୍ଚାର ହେଉ । ମାନବ ଦାନବ ନ ହୋଇ , ଯୁଦ୍ଧଖୋର ନ ହୋଇ ମନୁଷ୍ୟ ହେଉ । 'ମନୁର୍ଭବ' ବୋଲି ବେଦ କହେ । ସଭିଏଁ ଆସନ୍ତୁ ଭଲପାଇବାର ରଙ୍ଗରେ ବୁଡ ପକାଇବା । ବନ୍ଧୁତ୍ୱ ଓ ସହଯୋଗିତାର ରଙ୍ଗରେ ବାନ୍ଧି ହୋଇଯିବା । ଆଉଥରେ ବିଶ୍ୱମୟତାରେ ବସୁଧାକୁ କୁଟୁମ୍ବ ମଣିବା । ମନର ମଧୁରତାରେ ଆହୁରି ମଧୁ ଭରି ମଧୁର ଜୀବନର ସରାଗ ସାଉଁଟିବା ।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର –୧୬**





ସରିଲା ମାଟ୍ରିକ୍ ପରୀକ୍ଷା : ଅଭିର ଖେଳୁଛନ୍ତି ଛାତ୍ରୀ



ଭୁବନେଶ୍ୱର ଉପକଣ୍ଠ ସାଁପୁରରେ ଦୋଳ ମେଳଣ

# ଖୋର୍ଦ୍ଧାରେ ମିଳିତ ଜନଶୁଣାଣି; ଆସିଲା ୬୮ ଅଭିଯୋଗ

ଖୋର୍ଦ୍ଧା, (ସବ୍ୟୁ): ଆଜି ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ କହିଲେ ଯେ ଜନ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନ କୁ ସ୍ଥଗିତ ନ ରଖି ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଭିଯୋଗ ଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ ୬୮ ଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୫୮ ଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୦ ଟି ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ତତ୍କାଳ ୦୯ ଗୋଟି ଅଭିଯୋଗ ର ସମାଧାନ କରିଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗଦେଇଥିଲେ।

# କୋଣାର୍କ ସୂର୍ଯ୍ୟ ମନ୍ଦିରଠାରେ ଅନ୍ତର୍ଜାତୀୟ ଚିତ୍ରକଳା ଶିବିର




ଭୁବନେଶ୍ୱର, (ସବ୍ୟୁ): ଗ୍ଲୋବାଲ ଅର୍ଟିଷ୍ଟ୍ ଫୋରମ୍ ଟ୍ରଷ୍ଟ ଦ୍ୱାରା ସୂର୍ଯ୍ୟ ମନ୍ଦିର, କୋଣାର୍କ ଠାରେ ୩ ଦିବସୀୟ ଆନ୍ତର୍ଜାତୀୟ ଶିଳ୍ପୀ ଶିବିର "ପ୍ରତିବମ୍ବ ୩", ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ଦେଶ ଓ ଭାରତର ବିଭିନ୍ନ ରାଜ୍ୟରୁ ୩୫ ଜଣ ଚିତ୍ରଶିଳ୍ପୀ ଭାଗ ନେଇ କାନଭାସରେ କୋଣାର୍କ ମନ୍ଦିରର ସୋନ୍ଦର୍ଯ୍ୟକୁ ସୃଜନଶୀଳ ଶୈଳୀରେ ନିଖୁଣ ଭାବେ ଅଙ୍କନ କରିଥିଲେ।ଏହି ଅବସରରେ ଚିତ୍ରଶିଳ୍ପୀଙ୍କୁ ସମ୍ମାନିତ କରିବା ପାଇଁ , ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲଳିତକଳା ଏକାଡେମୀ ପୂର୍ବତନ ସଚିବ ତଥା ବରିଷ୍ଠ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବି ନରେନ୍ଦ୍ର କୁମାର ଦାସ,ଅଭିନେତା ପ୍ରଦୀପ କୁମାର ସାହୁ, ଉଦ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ଫିର୍ଦୋଶି ତବସୁମ୍ ତଥା ପଦ୍ମ ଆସେଟସର ଏମ. ଡି. ଅଭିଷେକ ମିଶ୍ର ପ୍ରମୁଖ ଯୋଗଦେଇ ଶିଳ୍ପୀଙ୍କ ଚିତ୍ରକଳାର ଭୂୟସୀ ପ୍ରଶଂସା କରିବା ସହ ଓଡ଼ିଶାର କଳା ଓ ସଂସ୍କୃତିର ମହନୀୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଚିତ୍ର କର୍ମଶାଳା ଫେବୃଆରୀ ୨୭ ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଟ୍ରଷ୍ଟ ର ସଭାପତି ଶ୍ରେୟା କାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁଖ୍ୟ ଟିକେଟ ନିରୀକ୍ଷକଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା

ଜଟଣୀ, (ସୁବ୍ୟ) : ଖୋର୍ଦ୍ଧାରୋଡ ରେଳମଣ୍ଡଳରେ କାର୍ଯ୍ୟରତ ତିନିଜଣ ମୁଖ୍ୟ ଟିକେଟ ନିରୀକ୍ଷକ ପ୍ରଭାକର ବରାଳ, ରମେଶ ପ୍ରଧାନ ଓ ଏସ ସି ହାଁସଦା ଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ସୋମବାର ବରିଷ୍ଠ ମୁଖ୍ୟ ଟିକେଟ ନିରୀକ୍ଷକ ପ୍ରକୋଷ୍ଠରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଏଲ ଡି ମହାନ୍ତି ସଂଯୋଜନାରେ ମଣ୍ଡଳ ଇନଚାର୍ଜ ଅନିଲ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଟିକେଟ ନିରୀକ୍ଷକ ତଥା ଶ୍ରମିକ କଂଗ୍ରେସର ଉପଦେଷ୍ଟା ଶ୍ରୀ ବରାଳ ଓ ଅନ୍ୟ ଦୁଇଜଣ ମିଳିତ ଭାବେ ନିଜ ଚାକିରୀ ଜୀବନରୁ ଅବସର ନେଇଥିଲେ । ଶ୍ରୀ ବରାଳ ଜଣେ ଦକ୍ଷ ଶ୍ରମିକ ନେତା ଭାବେ ମଣ୍ଡଳରେ ପରିଚିତ । କର୍ମଚାରୀଙ୍କ ନାର୍ଯ୍ୟଦାବି



ପାଇଁ ସଦାସର୍ବଦା ଆଗରେ ରହୁଥିଲେ । ତାଙ୍କର ରେଳବିଭାଗରୁ ଅବସର ନେଇଥିଲେ ହେଁ ଶ୍ରମିକ ମାନଙ୍କ ସେବା ଜାରିରଖିବାକୁ ଶ୍ରୀ ମହାନ୍ତି କହିଥିଲେ । ଅବସର କାଳୀନ ପରବର୍ତୀ ସମୟ ନିରୋଗ ନିରାମୟ ଜୀବନଯାପନ ପାଇଁ ମୁଖ୍ୟଅତିଥି ଶ୍ରୀ ମିଶ୍ର ଭଗବାନଙ୍କ ନିକଟରେ ପାର୍ଥନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭି ତେଯାବତୀ, ବ୍ରଜ ନାୟକ , ରବି ଶର୍ମା, ସୁଚିତ୍ରା ବେହେରା , ବି ବି ରାୟ , ସି ଏଚ ରମେଶ , ଏସ କେ ସାହୁ ସମେତ ବହୁ ଟିକେଟ ଚେକିଙ୍ଗ ଷ୍ଟାଫ ଉପସ୍ଥିତ ଥିଲେ ।

## କମେଇ ନଦୀ ପଠା ଡବଲ ମର୍ଡ଼ର ଘଟଣା: ସ୍ୱାମୀଙ୍କୁ ଆଜୀବନ ଜେଲ

ଭାପୁର, (ସବ୍ୟୁ): ନୟାଗଡ଼ ଜିଲ୍ଲା ଫତେଗଡ ଥାନା କଣ୍ଟିଲୋ ନିକଟ କମେଇ ନଦୀବନ୍ଧ ପଠାରେ ୨୦୧୭ ମସିହାରେ ସ୍ତ୍ରୀ ଓ ୪ ମାସର ଶିଶୁକନ୍ୟାକୁ ହତ୍ୟା କରିଥିବା ସ୍ୱାମୀ କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି ନୟାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ । ,୨୦୧୭ ମସିହା ଜାନୁଆରୀ ମାସ ୨୮ ତାରିଖ ସନ୍ଧ୍ୟାରେ ଫତେଗଡ ଥାନା କଣ୍ଟିଲୋ ନିକଟ କମେଇ ନଦୀ ପଠାରେ ଜଣେ ଯୁବତୀ ମହିଳା ଓ ତାଙ୍କର ୪ ମାସର ଶିଶୁକନ୍ୟାକୁ ଅତି ଜଘନ୍ୟ ଭାବେ ହତ୍ୟା କରାଯାଇଥିଲା ।ଏହି ହତ୍ୟା ମାମଲାରେ ଫତେଗଡ ପୋଲିସ ତଦନ୍ତ କରି ଭାପୁର ବ୍ଲକ ଧାନଚାଙ୍ଗଡା ଗ୍ରାମର ପ୍ରଫୁଲ୍ଲ କୁମାର ଗୁରୁଙ୍କ ଏକମାତ୍ର ପୁଅ ସରୋଜ କୁମାର ଗୁରୁଙ୍କୁ ଗିରଫ କରିଥିଲା ପୋଲିସ ।,ସରୋଜ କୁମାର ଗୁରୁ ଭୁବନେଶ୍ୱର ରେ ରହି କିଛି କାମଧନ୍ଦା କରୁଥିଲେ ।ସେଠାରେ ସେ କବିତା ଜେଠୀଙ୍କୁ ଭଲପାଇ ବିବାହ କରିଥିଲେ ବୋଲି କୁହାଯାଇଛି ଓ ଉଭୟଙ୍କର ଗୋଟିଏ ୪ ମାସର ଶିଶୁକନ୍ୟା ରହିଥିଲା ।ସ୍ତ୍ରୀ ଓ ଶିଶୁକନ୍ୟାକୁ କଣ୍ଟିଲୋ ବୁଲାଇବା ପାଇଁ ସେମାନଙ୍କୁ ଭୁବନେଶ୍ୱରରୁ ଆଣି କଣ୍ଟିଲୋ ବୁଲାଇବା ସହ ମାର୍କେଟିଂ କରି ସନ୍ଧ୍ୟାରେ ଚାଲିଚାଲି ଧାନଚାଙ୍ଗଡା ଯାଉଥିଲେ ।ବାଟରେ କମେଇ ନଦୀ ପଠାରେ ସ୍ତ୍ରୀ ଓ ଶିଶୁକନ୍ୟାକୁ ଅତି ନିର୍ମମ ଭାବେ ହତ୍ୟା କରି ଉଭୟଙ୍କ ମୁଣ୍ଡକୁ ପଥରରେ ଛେଚି ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରି ଫେରାର ହୋଇଯାଇଥିଲା । ପୋଲିସ ତଦନ୍ତ କରି କଣ୍ଟିଲୋ ବଜାରରୁ ମାର୍କେଟିଂ କରିଥିବା ଦୋକାନ ବ୍ୟାଗୁ ଚିହ୍ନଟ କରି ଓ ସିସିଟିଭି ଦେଖି ସରୋଜଙ୍କୁ ଗିରଫ କରିଥିଲେ ।

# ଭବିଷ୍ୟତରେ ଯନ୍ତ୍ର ଅଧିକ କାର୍ଯ୍ୟକ୍ଷମ ଓ ଚତୁର ଭାବେ ଉଭା ହେବ : ପ୍ରଫେସର (ଡକ୍ଟର) ପେନ୍

ଭୁବନେଶ୍ୱର, (ସବ୍ୟୁ): ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତା ଏବେ ସବୁଠି ଚର୍ଚ୍ଚାରେ ରହିଥିବା ବେଳେ ଏହି ସମ୍ପର୍କିତ ଜଣେ ଆନ୍ତର୍ଜାତିକ ବିଶେଷଜ୍ଞ କହିଛନ୍ତି ଯେ ଭବିଷ୍ୟତରେ ମେସିନ୍ ଅଧିକ କାର୍ଯ୍ୟକ୍ଷମ ଓ ଚତୁର ହେବା ସହ ମଣିଷର ବୁଦ୍ଧିମତାକୁ ପଛରେ ପକାଇଦେବ । ମେସିନ୍ କେବଳ ଶିକ୍ଷା ଆହରଣ କରିବ ନାହିଁ ବରଂ ଶିକ୍ଷା ଗ୍ରହଣ କିଭଳି କରାଯାଏ ତାହାକୁ ମଧ୍ୟ ଶିଖିବାରେ ସକ୍ଷମ ହୋଇଯିବ ବୋଲି କହିଛନ୍ତି କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଏଆଇ ଏଥିକ୍ସ ଆଣ୍ଡ ସୋସାଇଟିର ପ୍ରଫେସର ଓ ହାଭାର୍ଡ ବିଶ୍ୱବିଦ୍ୟାଳୟର ବର୍କମ୍ୟାନ୍ କ୍ଲେନ୍ ସେଂଟର ଫର ଇନ୍‌ଟରନେଟ ଆଣ୍ଡ ସୋସାଇଟିର ଫ୍ୟାକଲ୍ଟି ପ୍ରଫେସର (ଡକ୍ଟର) ଜନି ପେନ୍। ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ଆନ୍ତର୍ଜାତିକ ଏଆଇ କନ୍‌କ୍ଲେଭ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ପ୍ରଫେସର ପେନ୍।

ସମ୍ମିଳନୀର ପ୍ରସଙ୍ଗ "ଇଣ୍ଡିଆଜ୍ ଏଆଇ ଫ୍ୟୁଚର- ରୋଲ ଅଫ୍ ଏକାଡେମିଆ, ଇଣ୍ଡଷ୍ଟ୍ରି, ରିସର୍ଚ୍ଚ ଆଣ୍ଡ ଇନୋଭେସନ୍" ଉପରେ ନିଜ ବକ୍ତବ୍ୟ ରଖି ପ୍ରଫେସର ପେନ୍ କହିଥିଲେ ଯେ ବର୍ତମାନ ଭଳି ୧୫ ବର୍ଷ ତଳେ ଏଆଇ କୋ÷ଣସି ଚର୍ଚ୍ଚାରେ ନଥିଲା। ତେବେ ବର୍ତମାନ ଲୋକମାନେ ଏଆଇ ଓ ଏହା ଭବିଷ୍ୟତକୁ କିଭଳି ପ୍ରଭାବିତ କରିବ ସେ ବିଷୟରେ ଚିନ୍ତିତ ଅଛନ୍ତି। ପ୍ରଫେସର ପେନ୍ କହିଥିଲେ ଯେ 'ଇନ୍‌ଟେନ୍ସନ୍ ଇକୋନୋମି' କ୍ଷେତ୍ରରେ ଏଆଇର ପ୍ରଭାବ ରହିଥିବା ବେଳେ ସାମାଜିକ ବୈଷୟିକ କ୍ଷେତ୍ର ଏବଂ ଜଳବାୟୁ ପରିବର୍ତନକୁ ନେଇ ଏହାର ଭୂମିକା ରହିବ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରିଥିବା ବେଳେ ଭାରତରେ ଅବସ୍ଥାପିତ ଗାଏନାର ରାଷ୍ଟ୍ରଦୂତ ଧରମକୁମାର ସିରାଜ, ଟିମୋର-ଲେଷ୍ଟେର ରାଷ୍ଟ୍ରଦୂତ କାର୍ଲିଟୋ ନ୍ୟୁନସ ଏବଂ ବଲିଭିଆର କାଉନ୍‌ସେଲର ମିସ୍ ଆର୍ଲେଟ ଗାବ୍ରିଏଲା ବୁସ୍ତାମାଂଟେ ଗାର୍ସିଆ ମଧ୍ୟ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।



ଶ୍ରୀ ସିରାଜ କହିଥିଲେ ଯେ ମଣିଷର ଦୈନନ୍ଦିନ ଜୀବନରେ ଏଆଇର ପ୍ରଭାବ ରହିଥିବା ବେଳେ ବିକାଶ କ୍ଷେତ୍ରରେ ମଧ୍ୟ ଏହା ସହାୟକ ହେଉଛି। ଏଆଇ ଆମ ଜୀବନରେ ଏକ ବଡ଼ ଭୂମିକା ନେବାକୁ ଯାଉଥିବା ବେଳେ ଅର୍ଥନୀତି ଏବଂ ବିକାଶ ଉପରେ ମଧ୍ୟ ଏହାର ଭୂମିକା ରହିବ ବୋଲି ସେ କହିଥିଲେ। ସେହିପରି ଏଆଇ ଯୋଗୁଁ ଚାକିରି କ୍ଷେତ୍ର ପ୍ରଭାବିତ ହେଉଥିବା ପ୍ରସଙ୍ଗକୁ ନେଇ ଶ୍ରୀ ସିରାଜ କହିଥିଲେ ଯେ ଏଆଇ ପ୍ରଶିକ୍ଷିତ ଏବଂ ଏଆଇର ବ୍ୟବହାର ଜାଣିଥିବା ବ୍ୟକ୍ତିମାନଙ୍କ ପାଇଁ ଏଆଇକୁ ନେଇ ଭୟଭୀତ ହେବା ଆବଶ୍ୟକ ନୁହେଁ। ତେବେ ଯେଉଁମାନେ ଏଆଇ ପ୍ରଶିକ୍ଷିତ ନୁହଁନ୍ତି ସେମାନେ ଚାକିରି ହରାଇବାର ସମ୍ଭାବନା ରହିଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଦାନ୍ତ ଓଡ଼ିଶାର କର୍ଣ୍ଣପୋଡିକୋଣ୍ଡା ବକ୍ସାଇଟ୍ ବ୍ଲକ୍ ପାଇଁ ପସନ୍ଦିତ ବିଡର ଘୋଷିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ ଖଣି ଏବଂ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଇଥିବା ପ୍ରତିଯୋଗିତାମୂଳକ ଇ-ନିଲାମ ପରେ ବେଦାନ୍ତ ଲିମିଟେଡକୁ ଓଡ଼ିଶାର କୋରାପୁଟରେ କର୍ଣ୍ଣପୋଡିକୋଣ୍ଡା ବକ୍ସାଇଟ୍ ବ୍ଲକ୍ ପାଇଁ 'ପସନ୍ଦିତା ବିଡର'ଭାବରେ ଘୋଷଣା କରାଯାଇଛି। ଟେଣ୍ଡର ଡକ୍ୟୁମେଂଟ ଅନୁଯାୟୀ, ଏହି ବ୍ଲକଟି ଜି୨ ସ୍ତରରେ ରହିବା ସହିତ ୫୩୨.୭୪୭ ହେକ୍ଟର ପରିବ୍ୟାପ୍ତ ଅଟେ। ଏହି ସମ୍ପତି ବେଦାନ୍ତର କଂଚାମାଲ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଆଲୁମିନିୟମ୍ ବ୍ୟବସାୟ ପାଇଁ ରଣନୈତିକ ସମନ୍ୱୟକୁ ସମର୍ଥନ କରିଛି।

ବେଦାନ୍ତ ଆଲୁମିନିୟମ୍ ର ସିଇଓ ରାଜୀବ କୁମାର କହିଛନ୍ତି, "କର୍ଣ୍ଣପୋଡିକୋଣ୍ଡା ବକ୍ସାଇଟ୍ ବ୍ଲକ୍ ପାଇଁ ପସନ୍ଦିତା ବିଡର ଘୋଷଣା ହେବା ଭାରତରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଏବଂ ସ୍ଥିର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳ ନିର୍ମାଣ ଦିଗରେ ଆମର ଯାତ୍ରାକୁ ସୁଦୃଢ଼ କରେ। ଏହି ବିକାଶ ସିଧାସଳଖ ଆମର ସମ୍ପ୍ରସାରଣ ରୋଡମ୍ୟାପ୍ କୁ ସମର୍ଥନ କରିବା ସହିତ ଶିଳ୍ପ ଅଭିବୃଦ୍ଧି, ସ୍ଥାନୀୟ ମୂଲ୍ୟ ସୃଷ୍ଟି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଆତ୍ମନିର୍ଭରଶୀଳତାକୁ ବେଦାନ୍ତ ଆଲୁମିନିୟମ୍ ର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।" ଭାରତର ଅଗ୍ରଣୀ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ବର୍ଦ୍ଧିତ ଚାହିଦା ଏବଂ ଏକ ଦୃଢ଼ ବଜାର ଦୃଷ୍ଟିକୋଣ ମଧ୍ୟରେ ଉତ୍ପାଦନକୁ ବଜାୟ ରଖିବା ପାଇଁ ଦୀର୍ଘକାଳୀନ ବକ୍ସାଇଟ୍ ସମ୍ବଳ ସୁରକ୍ଷିତ କରିବା ଉପରେ ଧ୍ୟାନ ଦେଉଛି।

## ଓଡ଼ିଶା ଫୋଡର ସମ୍ମିଳନୀ-୨୦୨୬

# ଦୁଗ୍ଧ ଉତ୍ପାଦନରେ ସ୍ଥାୟୀ ବିକାଶ ପାଇଁ ଚାରା ସୁରକ୍ଷାରେ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟର ପଶୁସମ୍ପଦ ଓ ଗୋପାଳକମାନେ ସମ୍ମୁଖୀନ ହେଉଥିବା ଉତ୍ତମ ଏବଂ ପୌଷ୍ଟିକ ସବୁଜ ଚାରାର ଅଭାବ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଆଗକୁ ବଢିବା ପାଇଁ ଗାଙ୍ଗପୁର ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ଙ୍କ ପ୍ରୟାସରେ "ଓଡ଼ିଶା ଫୋଡର୍ସ ସମିଟି ୨୦୨୬" ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଶୁସମ୍ପଦ ଓ ପଶୁଚିକିତ୍ସା ସେବା ବିଭାଗ: ନାବାର୍ଡ୍, କୃଷି ଓ ଗୋପାଳନ ସଂପର୍କିତ କ୍ଷେତ୍ରରେ କାର୍ଯ୍ୟରତ ଏନଜିଓମାନେ, ଏଫ୍‌ପିଓ ଶିକ୍ଷାନୁଷ୍ଠାନ, ଗବେଷଣା ସଂସ୍ଥା ଏବଂ କର୍ପୋରେଟ୍ ଜଗତର ଅନୁଭବୀ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ସେମାନେ ଓଡିଶାରେ ଦୁଗ୍ଧ ଉତ୍ପାଦନ ଓ ପୌଷ୍ଟିକ ଚାରା ଉତ୍ପାଦନ ବୃଦ୍ଧି ପାଇଁ ସମନ୍ୱିତ ପଦକ୍ଷେପ ନେବା ଉପରେ ମତାମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟ ଅମୃତା କୁଲାଙ୍ଗେ, ନିର୍ଦ୍ଦେଶକ, ଫାଡ୍, ଓଡିଶାରେ ଚାରା ଚାଷର ଆବଶ୍ୟକତା ଓ ସାଇଲେଜ୍ ର ଉପଲବ୍ଧତା ମାଧ୍ୟମରେ ପୌଷ୍ଟିକ ଚାରା ଅଭାବ କିପରି ପୂରଣ କରାଯାଇପାରିବ ସେଥିପାଇଁ ଆଲୋକପାତ କରିଥିଲେ। ସେ ତାଙ୍କର ଉଦ୍‌ବୋଧନରେ ଉଲ୍ଲେଖ କରିଥିଲେ ଯେ ଓଡିଶାରେ ପ୍ରାୟ ୪୦ ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଚାରା ଘାଟତି ରହିଛି, ଯାହା ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି। ସମସ୍ୟାର ସମାଧାନ ଦିଗରେ ସମସ୍ତ ବିଭାଗକୁ ଏକତ୍ର କରି ଏପରି ମଞ୍ଚ ସୃଷ୍ଟି କରିଥିବାରୁ ସେ ଗାଙ୍ଗପୁର ଭେଞ୍ଚର୍ସକୁ ଧନ୍ୟବାଦ ଜଣାଇଥିଲେ। ଓୟୁଏଟିର ଗବେଷଣା ଡିନ୍ ପ୍ରୋଫେସର ଡା. ନିରଞ୍ଜନ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାଇଲେଜ୍ ର ପୌଷ୍ଟିକ ଗୁଣ, ପଶୁ ସ୍ୱାସ୍ଥ୍ୟ ଓ ଦୁଗ୍ଧର ଗୁଣମାନ ବୃଦ୍ଧିରେ ଏହାର ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନନୀୟ ଅତିଥି ଡା. ରବି ରତ୍ନ ଦାଶ, ଯୁକ୍ତ ନିର୍ଦ୍ଦେଶକ, ଓୟୁଏଟି, ସାଇଲେଜ୍ ଭ୍ୟାଲୁ ଚେନ୍ ଗଠନ ଓ କୃଷି ବିଭାଗ ଦ୍ୱାରା ଉପଲବ୍ଧ ବିଭିନ୍ନ ଯୋଜନା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ନାବାର୍ଡର ଏଜିଏମ୍ ବିଶ୍ୱ ମୋହନ ମହାନ୍ତି ଓ ଭିଲ୍‌ଗ୍ରୋର ପ୍ରତିନିଧି ଶ୍ରୀମତୀ ଆଦିତି ପାରେଖ ଏଫ୍‌ପିଓ, ଏସ୍‌ଏଚ୍‌ଜି ଓ ଚାଷୀ ସଂଗଠନମାନଙ୍କ ଅଂଶଗ୍ରହଣ ମାଧ୍ୟମରେ ସାଇଲେଜ୍ କୁ ଲାଭଜନକ ଉଦ୍ୟମ ରୂପେ ଗଢ଼ିଉଠାଇବା ପାଇଁ ଜୋର ଦେଇଥିଲେ। ସମିଟ୍ ରେ ୨୦୦ରୁ ଅଧିକ ପ୍ରତିନିଧି ଯୋଗଦେଇ ରାଜ୍ୟରେ ଚାରା ସୁରକ୍ଷା ଓ ଦୁଗ୍ଧ କ୍ଷେତ୍ରର ସାମାଜିକ-ଆର୍ଥିକ ବିକାଶ ଉପରେ ମନନ-ଚିନ୍ତନ କରିଥିଲେ। ବିଭିନ୍ନ ବକ୍ତାମାନେ ନିଜ-ନିଜ ଅନୁଭବ ଓ ପଦକ୍ଷେପ ଅବତାରଣ କରି ସମନ୍ୱିତ ଉଦ୍ୟମ ଗଠନର ଆହ୍ୱାନ କରିଥିଲେ। ଏହି ଅବସରରେ ସବୁଜ ଚାରା ଚାଷରେ ପ୍ରବର୍ତ୍ତକ ଭୂମିକା ପାଇଁ ତିନିଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା ।



### ଜମିଜମା ରେକର୍ଡ ନିର୍ଦ୍ଦେଶାଳୟ ଏବଂ ସର୍ବେକ୍ଷଣ ବନ୍ଦୋବସ୍ତ କାର୍ଯ୍ୟାଳୟ ବିବାଦ

# ସବୁ ସମ୍ପତ୍ତି ୬ରେ ବାଜ୍ୟାପ୍ତି ନିର୍ଦ୍ଦେଶ

କଟକ,(ସବ୍ୟୁ): ଜମିଜମା ରେକର୍ଡ ନିର୍ଦ୍ଦେଶାଳୟ ଏବଂ ସର୍ବେକ୍ଷଣ ବନ୍ଦୋବସ୍ତ କାର୍ଯ୍ୟାଳୟର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି ଆସନ୍ତା ୬ତାରିଖ, ୭ ଏବଂ ୯ ତାରିଖ ତିନିଦିନ ଧରି କରାଯିବ । ଏହି ସମୟରେ ଦୁଇଟି କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ରହିବାକୁ ଆଜି କଟକ ସିଭିଲ୍ ଜଜ୍( କମର୍ସିଆଲ୍ କୋର୍ଟ)ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏକ ଘରୋଇ ସଂସ୍ଥା ସିଲ୍‌ଭାସା ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ୨୦୧୨ ମସିହାରେ ରେକର୍ଡରୁମ୍ ଆଧୁନୀକକରଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା । କିନ୍ତୁ ଏହି କାମ ଏବଂ କାମ ବାବଦ ଅର୍ଥ ପାଇବାକୁ ନେଇ ବିବାଦ ଦେଖାଦେଇଥିଲା ଓ କମ୍ପାନୀ ପକ୍ଷରୁ ଅଦାଲତର ଆଶ୍ରୟ ନିଆଯାଇଥିଲା। ଆଇନଗତ ଲଢ଼େଇ ପରେ ୨୦୧୭ ମସିହାରେ କାମ ଶେଷ ହୋଇଥିଲା। ହେଲେ ଚୂଡ଼ାନ୍ତ ବିଲ୍ ଦାଖଲ କରିବା ବେଳକୁ ସଂସ୍ଥା ଉପରେ ରାଜ୍ୟ ସରକାର ୮୦ଲକ୍ଷ ୩୫ ହଜାର ୯୧୩ ଟଙ୍କାର ଜରିମାନା କରିଥିଲେ। ଫଳରେ କମ୍ପାନୀ ପୁନର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଅଦାଲତ ମାମଲାର ଶୁଣାଣି କରି କମ୍ପାନୀକୁ ୭କୋଟି ୪୬ ଲକ୍ଷ ୪୫ ହଜାର ୨୨୭ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କ୍ଷତିପୂରଣ ରାଶି ୩ମାସ ମଧ୍ୟରେ ଜମି ରେକର୍ଡ ଏବଂ ସର୍ଭେ ନିର୍ଦ୍ଦେଶକଙ୍କୁ ଦେବାଲାଗି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଏହି ଆଦେଶକୁ ମାନିନଥିଲେ । ଫଳରେ ଆବେଦନକାରୀ କଟକ ସିଭିଲ୍ ଜଜ୍ କୋର୍ଟ(କମର୍ସିଆଲ)ଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ମୂଳ କ୍ଷତିପୂରଣ ରାଶି ସହିତ ବାକି ୧୦% ସୁଧ ମିଶାଇ ମୋଟ୍ ୯କୋଟି ୪୪ଲକ୍ଷ ୪୧ ହଜାର ୫୫୦ ଟଙ୍କା ପ୍ରଦାନ କରିବାକୁ ଗତ ଜାନୁଆରୀ ୨୩ରେ ନିର୍ଦ୍ଦେଶ ଦେଇଥିଲେ।

# ସାହିତ୍ୟ ଆଲୋଚନା ଓ ବନ୍ଧୁ ମିଳନ

ଭୁବନେଶ୍ୱର, (ସବ୍ୟୁ): 'ନଦୀର ଧର୍ମ ସମୁଦ୍ରସହ ମିଶିବା ନୁହେଁ , ବରଂ ବହି ଚାଲିବା' ବୋଲି ପ୍ରଫେସର ପ୍ରଦୀପ୍ତ କୁମାର ବାରିକ ମତ ଦେଇଛନ୍ତି । ଜୟଦେବ ବାଟିକାଠାରେ ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ୧୯୮୧ ବ୍ୟାଚର ଛାତ୍ରମାନଙ୍କ ବନ୍ଧୁ ମିଳନ ଓ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମରେ ନଦୀର ଧର୍ମ ଓ ମନୁଷ୍ୟ ଜୀବନ ସହ ଏହାର ସମ୍ପର୍କକୁ ନେଇ ଦାର୍ଶନିକ ଆଲୋଚନା କରି ସ୍ୱରଚିତ "ନଦୀ ନୈବେଦ୍ୟ" ପୁସ୍ତକ ଆଧାରରେ କହିଥିଲେ ଯେ- ବହି ଚାଲୁଚାଲୁ ନଦୀ କେବେ ସମୁଦ୍ରରେ ଲୀନ ହୋଇଯାଏ । ଲୀନହେବା ଲକ୍ଷ୍ୟ ନୁହେଁ ବରଂ ଏକ ଦୁର୍ଘଟଣା । ଠିକ ସେହିପରି ମନୁଷ୍ୟ ପ୍ରତିଦିନ ଅଭିଜ୍ଞତା ଅର୍ଜନ କରୁକରୁ ଦିନେ ଏକ ଦୁର୍ଘଟଣା ଭାବେ ମୃତ୍ୟୁ ମୁଖରେ ପଡିଯାଏ । ମୃତ୍ୟୁ ଅବଶ୍ୟମ୍ଭାବୀ କିନ୍ତୁ ଅଭିଳକ୍ଷିତ ନୁହେଁ , ଅନାହୂତ ଭାବେ ସମସ୍ତଙ୍କ ଜୀବନରେ ଘଟେବୋଲି ପ୍ର. ବାରିକ ମତ ଦେଇଥିଲେ । ଏହି ଆଲୋଚନାରେ ପୂର୍ବତନ ଜିଲ୍ଲାପାଳ ମହେନ୍ଦ୍ର କୁମାର ମଲ୍ଲିକ, ପ୍ର. ନାରାୟଣ ସେଠୀ, ପ୍ର. କୃଷ୍ଣଚନ୍ଦ୍ର ଷଡଙ୍ଗୀ, ପ୍ର. ରଜନୀ ରଞ୍ଜନ ଦାଶ, ପ୍ର. ନିରଞ୍ଜନ ଗୋଛାୟତ, ଆକାଶବାଣୀର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡା, ବିଶିଷ୍ଟ କବି ମନୁ ଦାଶ, ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ସମବାୟ ବିଭାଗ ଅଧିକାରୀ ଧ୍ରୁବ ସେଠୀ , କମଳକୁମାର ଦାଶ, ସାମ୍ବାଦିକ ରବିନ୍ଦ୍ର କୁମାର ମିଶ୍ର ପ୍ରମୁଖ ଏହି ଆଲୋଚନାରେ ଅଂଶ ଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ ।



# ସୁଡଙ୍ଗରେ ଇରାନର ଗୁପ୍ତ ଡ୍ରୋନ

## ଆମେରିକା - ଇସ୍ରାଏଲ ଭୟଭୀତ

ତେହେରାନ: ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ, ଇରାନ ନିଜର ସାମରିକ ଶକ୍ତିର ଏପରି ଏକ ଟ୍ରେଲର୍ ଦେଖାଇଛି ଯାହା ସାରା ବିଶ୍ୱର ପ୍ରତିରକ୍ଷା ବିଶେଷଜ୍ଞଙ୍କ ନିଦ ହଜାଇ ଦେଇଛି। ଇରାନ ସରକାରୀ ସଂସ୍ଥା ଦ୍ୱାରା ଜାରି କରାଯାଇଥିବା ଏହି ପ୍ରଚାର ଭିଡିଓରେ, ଭୂମିର ଶହ ଶହ ଫୁଟ ତଳେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଦୃଶ୍ୟମାନ ହେଉଛି। ପାହାଡ଼ କାଟି ତିଆରି ଏହି ମାଇଲ ଲମ୍ବା ସୁଡ଼ଙ୍ଗରେ ନିୟୋଜିତ ମାରାତ୍ମକ ଡ୍ରୋନ୍, ଯେକୌଣସି ମୁହୂର୍ତ୍ତରେ ଉଡ଼ାଣ ଏବଂ ବିନାଶ କରିବାକୁ ପ୍ରସ୍ତୁତ ହୋଇ ରହିଥିବା ଦେଖାଯାଉଛି। ଏହି ଭିଡିଓ ବାର୍ତ୍ତା ମାଧ୍ୟମରେ ଇରାନ ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି ଯେ, ପ୍ରବଳ ଆକ୍ରମଣ ସତ୍ତ୍ୱେ, ଇରାନର ସାମରିକ ସଂକଳ୍ପ ଓ ପ୍ରତିଶୋଧ କ୍ଷମତା ଟିକେ ବି ହ୍ରାସ ପାଇନାହିଁ।

ଇରାନର ସରକାରୀ ଖବର ସଂସ୍ଥା, ଫାର୍ସ, ଏକ ଭିଡିଓ ସେୟାର କରିଛି ଯାହା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଏକ ବିଶାଳ ନେଟୱାର୍କର ଝଲକ ପ୍ରଦାନ କରୁଛି। କ୍ଲିପ୍‌ରେ ପର୍ବତ ତଳେ ଏକ ମାଇଲ ଲମ୍ବା ସୁଡ଼ଙ୍ଗ ନେଟୱାର୍କ ଦେଖାଯାଇଛି, ଯେଉଁଠାରେ ଶହ ଶହ ଘାତକ ଡ୍ରୋନ୍ ଧାଡ଼ି ଧାଡ଼ି ହୋଇ ରହିଥିବା ଦେଖିବାକୁ ମିଳୁଛି। ଡ୍ରୋନ୍ ଗୁଡିକ ଉନ୍ନତ ରକେଟ୍ ଲଞ୍ଚର୍ ଉପରେ ଲଗାଯାଇଛି, ଯେକୌଣସି ମୁହୂର୍ତ୍ତରେ ଶତ୍ରୁ ଉପରେ ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶକୁ ଅପେକ୍ଷା କରିଥିବା ଭଳି ମନେ ହେଉଛି।

ମଧ୍ୟପ୍ରାଚ୍ୟରେ ଚାଲିଥିବା ବାରୁଦ ଯୁଦ୍ଧ ଏବେ ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଫେରିବା ଅତ୍ୟନ୍ତ କଷ୍ଟକର ମନେ ହେଉଛି। କାରଣ ଏବେ ସେଠାରେ ଶକ୍ତିର ସ୍ପଷ୍ଟ ପ୍ରଦର୍ଶନ ହେଉଛି। ଇରାନର ଭୂତଳ ଭିଡିଓ ଏପରି ଏକ ସମୟରେ ଆସିଛି ଯେତେବେଳେ ଏହି ଅଞ୍ଚଳରେ କ୍ଷେପଣାସ୍ତ୍ର ଆକ୍ରମଣ ଓ ଦୂତାବାସ ଘେରାବନ୍ଦୀର ରିପୋର୍ଟ ନିରନ୍ତର ଶିରୋନାମା ପାଲଟିଛି।



ଏହି ଭୂତଳ ସୁଡ଼ଙ୍ଗଗୁଡ଼ିକର କାନ୍ଥରେ ଇରାନର ପତାକା ଓ ଦିବଂଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ବଡ଼ ବଡ଼ ଚିତ୍ର ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି, ଯାହା ଦେଶର ସାମରିକ ସଂକଳ୍ପକୁ ପ୍ରଦର୍ଶନ କରୁଛି। ନାଟକୀୟ ସଙ୍ଗୀତ ସହିତ ଏହି ଭିଡିଓଟି ଶତ୍ରୁ ରାଷ୍ଟ୍ରମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ଏବଂ ଇରାନର ପ୍ରତିଶୋଧମୂଳକ କ୍ଷମତାକୁ ଉଜାଗର କରିବା ପାଇଁ ଡିଜାଇନ୍ କରାଯାଇଛି। ବିଶେଷଜ୍ଞମାନଙ୍କ ଅନୁସାରେ ଏହି ଶକ୍ତି ପ୍ରଦର୍ଶନ ଆମେରିକା ଓ ଇସ୍ରାଏଲକୁ ଏକ ସିଧାସଳଖ ଚେତାବନୀ ଭାବରେ ଦର୍ଶାଯାଇଛି ଯେ, ଯଦି ଆକ୍ରମଣ ବୃଦ୍ଧି ପାଏ ତେବେ ଇରାନ ଚୁପ୍ ହୋଇ ବସି ରହିବ ନାହିଁ।

## ଖେମିନିଙ୍କ ମୃତ୍ୟୁକୁ ନେଇ ବଢୁଛି ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ: ତେହେରାନ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ୪୮ ଘଣ୍ଟାରୁ ଅଧିକ ସମୟ ବିତିଗଲାଣି, କିନ୍ତୁ ତାଙ୍କ ମୃତଦେହକୁ ନେଇ ସାରା ବିଶ୍ୱରେ ସସପେନ୍ସ ଜାରି ରହିଛି। ଶନିବାର ହୋଇଥିବା ଭୟଙ୍କର ଆକ୍ରମଣ ପରଠାରୁ, ତାଙ୍କ ମୃତଦେହର କୌଣସି ସରକାରୀ ଫଟୋ ପ୍ରକାଶ କରାଯାଇ ନାହିଁ କିମ୍ବା ଅନ୍ତିମ ସଂସ୍କାର ବିଷୟରେ ଇରାନ କିଛି ସ୍ପଷ୍ଟ କରିନାହିଁ। ଭଗ୍ନାବଶେଷରୁ ବାହାର କରାଯାଇଥିବା ତାଙ୍କ ମୃତଦେହର ଶେଷ ଝଲକ କେବଳ ଡୋନାଲ୍ଡ ଟ୍ରମ୍ପ ଏବଂ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଡିଜିଟାଲ୍ ମାଧ୍ୟମରେ ଦେଖାଯାଇଥିଲା। ଯୁଦ୍ଧର ଏହି ପରିବେଶରେ, ଖେମିନିଙ୍କ ମୃତଦେହର ରହସ୍ୟ ଏବେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ସବୁଠାରୁ ବଡ଼ ଆଲୋଚନାର ବିଷୟ ପାଲଟିଛି।

ଶନିବାର, ଫେବ୍ରୁଆରି ୨୮ ତାରିଖରେ, ଇସ୍ରାଏଲ ଓ ଆମେରିକା ଗୁଇନ୍ଦା ବିଭାଗ ଏକ ମିଳିତ ଅଭିଯାନରେ ଖେମିନିଙ୍କ ସରକାରୀ ବାସଭବନକୁ ଟାର୍ଗେଟ କରାଯାଇଥିଲା। ଯାହା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖେମିନି ତାଙ୍କ ଘନିଷ୍ଠ ବିଶ୍ୱସ୍ତ, ରିଭଲ୍ୟୁସନରୀ ଗାର୍ଡ ମୁଖ୍ୟ ମହମ୍ମଦ ପାକପୁର ଏବଂ ସୁରକ୍ଷା ପରାମର୍ଶଦାତା ଅଲି ଶାମଖାନିଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରୁଥିବା ସମୟରେ ବୋମା ବିସ୍ଫୋରଣ ଘଟିଥିଲା। ଆକ୍ରମଣ ଏତେ ଶକ୍ତିଶାଳୀ ଥିଲା ଯେ ସମଗ୍ର କମ୍ପ୍ଲେକ୍ସ ଧ୍ୱଂସାବଶେଷରେ ପରିଣତ ହୋଇଗଲା ଏବଂ ୮୬ ବର୍ଷୀୟ ଖାମେନିଙ୍କର ଘଟଣାସ୍ଥଳରେ ହିଁ ଦୁଃଖଦ ମୃତ୍ୟୁ ଘଟିଥିଲା।

ଆମେରିକାର ରିପୋର୍ଟ ଅନୁଯାୟୀ, ଆକ୍ରମଣ ପରେ ଖେମିନିଙ୍କ ବିକୃତ ଶରୀରକୁ ଧ୍ୱଂସାବଶେଷରୁ ତୁରନ୍ତ ଉଦ୍ଧାର କରାଯାଇଥିଲା, ଯାହାର ଫଟୋଗ୍ରାଫ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପଠାଯାଇଥିଲା। ମୋସାଦ ଏଜେଣ୍ଟମାନେ ପ୍ରଥମେ



ମୃତଦେହକୁ ନିଜ କବଜାକୁ ନେଇଥିଲେ, ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରିଥିଲେ ଏବଂ ତା'ପରେ ଏହାକୁ ଧ୍ୱଂସାବଶେଷ ପାଖରେ ଛାଡି ଦେଇଥିଲେ। ସେବେଠାରୁ, ତାଙ୍କ ମୃତଦେହର ବର୍ତ୍ତମାନର ଅବସ୍ଥା ଏବଂ ସ୍ଥାନ ବିଷୟରେ କୌଣସି ଠୋସ୍ ସୂଚନା ସେୟାର କରାଯାଇ ନାହିଁ, ଯାହା ଅନ୍ତର୍ଜାତୀୟ ସସପେନ୍ସକୁ ଆହୁରି ବୃଦ୍ଧି କରୁଛି।

## ପଶ୍ଚିମ ଏସିଆକୁ ବିମାନ ଉଡ଼ାଣ ବନ୍ଦ

## ଯାଇଥାନ୍ତେ କୁଏତ୍, ପହଞ୍ଚିଲେ ପାକିସ୍ତାନରେ

ନୂଆଦିଲ୍ଲୀ: ଇସ୍ରାଏଲ ଓ ଆମେରିକା ଦ୍ୱାରା ଇରାନ ଉପରେ କରାଯାଇଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ଯୋଗୁ ପରିସ୍ଥିତି ଖରାପ ହେବାରେ ଲାଗିଛି। । ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କୁ ହରାଇବା ପରେ, ଇରାନ କଡ଼ା ପ୍ରତିଶୋଧ ନେବାକୁ ରକ୍ତମୁଖା ହୋଇ ସଂଯୁକ୍ତ ଆରବ ଏମିରେଟ୍ସ, ବାହାରିନ ଏବଂ କୁଏତ ସମେତ ଆଠଟି ଦେଶ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବର୍ଷା କରିଛି। ଇସ୍ରାଏଲ, ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଯୁଦ୍ଧ ସମଗ୍ର ମଧ୍ୟପ୍ରାଚ୍ୟକୁ ପ୍ରଭାବିତ କରିଛି।

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ଅନେକ ଦେଶ ଏୟାରସ୍ପେସ ବନ୍ଦ କରିଦେଇଛନ୍ତି, ଯାହା ଫଳରେ ଶହ ଶହ ଉଡ଼ାଣ ବାତିଲ କରାଯାଇଛି। ପ୍ରଭାବିତ ଅଞ୍ଚଳକୁ ଯାତ୍ରା କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଏକ ଘଟଣାରେ, ଆଠ ଜଣ ଭାରତୀୟ କୁଏତ ଯିବାର ଥିଲା କିନ୍ତୁ ସେମାନେ ପାକିସ୍ତାନରେ ପହଞ୍ଚିଛନ୍ତି। ଉଡ଼ାଣ ପରିବର୍ତ୍ତନ ଯୋଗୁ ଏହା ଘଟିଥିବା କୁହାଯାଉଛି।

## ଟ୍ରମ୍ପଙ୍କ ଉଦ୍ଦେଶ୍ୟ ଅଧୁରା

ୱାଶିଂଟନ: ଆମେରିକା- ଇସ୍ରାଏଲ ସହ ମିଶି ଇରାନକୁ ଧ୍ୱଂସ କରିଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କୁ ହତ୍ୟା କରାଯାଇଛି। କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ର ଏକ ଆକ୍ରମଣରେ ଆମେରିକା ଇରାନର ଶୀର୍ଷ ନେତୃତ୍ୱକୁ ନିପାତ କରିଛି। ଏହା ସତ୍ତ୍ୱେ, ଆମେରିକାର ଉଦ୍ଦେଶ୍ୟ ଅଧୁରା ରହିଛି ବୋଲି କୁହାଯାଉଛି। ଇରାନରେ ଆମେରିକାର ମହତ୍ତ୍ୱାକାଂକ୍ଷା ଏବେ ବି ଅପୂର୍ଣ୍ଣ ରହିଛି। ଡୋନାଲ୍ଡ ଟ୍ରମ୍ପ ଭାବିଥିଲେ ଯେ, ସେ ଚାରି ଦିନ ମଧ୍ୟରେ ଇରାନରେ ତାଙ୍କର ଉଦ୍ଦେଶ୍ୟ ହାସଲ କରିବେ, କିନ୍ତୁ ତାହା ଘଟିବା ପରି ମନେ ହେଉନାହିଁ।

## ଅପରେସନ ଏପିକ୍ ଫ୍ୟୁରିର : ୪ ମାଷ୍ଟର ମାଇଣ୍ଡ

ତେହେରାନ: ୨୮ ଫେବ୍ରୁଆରି ଇରାନର ଇତିହାସରେ ଏକ ବଡ଼ ମୋଡ଼ ନେଇଛି। ଏହି ଦିନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କୁ ଅପରେସନ୍ ଏପିକ୍ ଫ୍ୟୁରିରେ ଟାର୍ଗେଟ କରାଯାଇଥିଲା। ଏହି ଗୁପ୍ତ ଏବଂ ସାହସିକ ସାମରିକ ଅଭିଯାନ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଦେଇଥିଲା ତଥା ପଶ୍ଚିମ ଏସୀୟ ରାଜନୀତିର ଗତିପଥ ବଦଳାଇ ଦେଇଥିଲା। ଏହି ମିଶନର ସଫଳତା ଚାରି ଜଣ ଶୀର୍ଷ ଆମେରିକା ଓ ଇସ୍ରାଏଲ ସାମରିକ ଅଧିକାରୀଙ୍କ ବର୍ଷ ବର୍ଷର କଠିନ ପରିଶ୍ରମ ତଥା ସଠିକ୍ ରଣନୀତି ଯୋଗୁ ସମ୍ଭବ ହୋଇ ପାରିଥିଲା। ସେମାନେ ଅପରେସନର ଚକ୍ରବ୍ୟୁହ ରଚିଥିଲେ। ଏହି ଅଭିଯାନ କେବଳ ସାମରିକ ଦକ୍ଷତାର ଉଦାହରଣ ନୁହେଁ ବରଂ ଆଧୁନିକ ଯୁଦ୍ଧ ରଣନୀତି ଓ ବୁଦ୍ଧିମତ୍ତାର ଶକ୍ତିକୁ ମଧ୍ୟ ପ୍ରଦର୍ଶନ କରିଛି।

ଆମେରିକାର ସେନା ମୁଖ୍ୟ ଜେନେରାଲ ଡାନ୍ କେନ୍ ସମଗ୍ର ମିଶନର ସାମରିକ ଯୋଜନା ଏବଂ ସମନ୍ୱୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୧୫ ମସିହାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ। ଉପସାଗରୀୟ ଅଞ୍ଚଳରେ ଏଫ-୧୬ ପାଇଲଟ୍ ଭାବରେ ତାଙ୍କର ବ୍ୟାପକ ଅଭିଜ୍ଞତା ପାଇଁ ସେ ଜଣାଶୁଣା। ୱାର



ରୁମର ଏକ ଅଜ୍ଞାତ ସ୍ଥାନରୁ, କେନ୍ ଏହି ଐତିହାସିକ ଆକ୍ରମଣର ପ୍ରତ୍ୟେକ ବିବରଣୀକୁ ନିକଟରୁ ତଦାରଖ କରିଥିଲେ।

ଆମେରିକା ସେଣ୍ଟକମରର ମୁଖ୍ୟ ଆଡମିରାଲ ବ୍ରାଡ କୁପର ଏହି ପ୍ରମୁଖ ସାମରିକ ଅଭିଯାନର ମୁଖ୍ୟ ଭୂମିକା ଏବଂ ସମନ୍ୱୟକୁ ଉଲ୍ଲେଖନୀୟ ଚତୁରତାର ସହିତ ପରିଚାଳନା କରିଥିଲେ। ସେଣ୍ଟକମର ମଧ୍ୟପ୍ରାଚ୍ୟରେ ଆମେରିକୀୟ ସାମରିକ କାର୍ଯ୍ୟକଳାପର କେନ୍ଦ୍ର, ଏବଂ କୁପର ମୁଖ୍ୟତଃ ଇସ୍ରାଏଲ ସେନା ଏବଂ ଆମେରିକୀୟ ନୌସେନା ମଧ୍ୟରେ ସମନ୍ୱୟ ସ୍ଥାପନ କରିଥିଲେ। ତାଙ୍କ ନେତୃତ୍ୱରେ, ଲକ୍ଷ୍ୟସ୍ଥଳର ସଠିକ୍ ଚିହ୍ନଟ ଏବଂ ବିମାନ ଆକ୍ରମଣ ତଦାରଖ କରିବା ମିଶନର ସଫଳ ସମାପ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

ଇସ୍ରାଏଲ ସେନା ମୁଖ୍ୟ ଇୟାଲ ଜମିର ଏହି ମିଳିତ ଅପରେସନରେ ତେହେରାନର ଦୁର୍ଗ ଉପରେ ଆକ୍ରମଣ କରିବା ପାଇଁ ନିଜର ରଣନୈତିକ ବୁଦ୍ଧିମତା ବ୍ୟବହାର କରିଥିଲେ। ଜମିର, ଇସ୍ରାଏଲ ବାୟୁସେନା ସହିତ ମିଳିତ ଭାବରେ, ବିଶେଷ କ୍ଷତି ବିନା ପ୍ରମୁଖ ଶତ୍ରୁ ଲକ୍ଷ୍ୟସ୍ଥଳଗୁଡ଼ିକୁ ଧ୍ୱଂସ କରିବା ପାଇଁ ଆକ୍ରମଣ ଡିଜାଇନ୍ କରିଥିଲେ। ଆମେରିକୀୟ ଅଧିକାରୀଙ୍କ ସହିତ ମିଶି, ସେ ଅପରେସନର ପ୍ରତ୍ୟେକ ପର୍ଯ୍ୟାୟରେ ସମନ୍ୱୟ ରକ୍ଷା କରିଥିଲେ। ଫଳରେ ମିଶନର ସଫଳତା ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ହୋଇଥିଲା।

## ହିଂସା ଆଶଙ୍କାରେ ରାଜ୍ୟକୁ ସତର୍କ ଚେତାବନୀ

ନୂଆଦିଲ୍ଲୀ: ଇରାନ ଆକ୍ରମଣ ପରେ ଦେଶରେ ହିଂସାକୁ ନେଇ ଗୃହ ମନ୍ତ୍ରଣାଳୟ ସତର୍କ ସୂଚନା ଜାରି କରିଛି। ଏନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ଫେବ୍ରୁଆରି ୨୮ ତାରିଖରେ ମନ୍ତ୍ରାଳୟ ଇସ୍ରାଏଲ ଏବଂ ଆମେରିକା ଦ୍ୱାରା ଇରାନ ଉପରେ ଆକ୍ରମଣର ସମ୍ଭାବନା ବିଷୟରେ ରାଜ୍ୟଗୁଡ଼ିକୁ ସୂଚନା ଦେଇଥିଲା। ଏହି ଆକ୍ରମଣ ପରେ ଭାରତରେ ହିଂସା ବ୍ୟାପିପାରେ ବୋଲି ମଧ୍ୟ ସତର୍କ କରାଇ ଦେଇଥିଲା।

ସୂଚନା ଅନୁଯାୟୀ, ଚିଠିରେ ରାଜ୍ୟଗୁଡ଼ିକୁ ଇରାନ-ସମର୍ଥକ ମୌଳବାଦୀ ପ୍ରଚାରକ ଚିହ୍ନଟ କରିବାକୁ ଅନୁରୋଧ କରାଯାଇଛି। ସେମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇ ହିଂସାକୁ ଉସୁକାଇ ପାରନ୍ତି। ମନ୍ତ୍ରଣାଳୟ ସୁରକ୍ଷା ଏଜେନ୍ସିଗୁଡ଼ିକୁ ଏପରି ପ୍ରଚାରକଙ୍କ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବାକୁ ଓ ନାଗରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି।

ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ରାଜଧାନୀ ଲକ୍ଷ୍ନୌରେ ଶିଆ ସମ୍ପ୍ରଦାୟର ସଦସ୍ୟମାନେ ଇମାମବାରାରେ ଏକତ୍ରିତ ହୋଇ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ଆମେରିକା ଏବଂ ଇସ୍ରାଏଲର କାର୍ଯ୍ୟକୁ ନିନ୍ଦା କରିଥିଲେ। ଇରାନେର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ସହିଦ ହୋବକୁ ଏକ ବଡ଼ କ୍ଷତି ବୋଲି କହିଥିଲେ। ଜୌନପୁର, ଆଲିଗଡ଼ ଏବଂ ମୁଜାଫରନଗରରେ ମଧ୍ୟ ପ୍ରତିବାଦ କରାଯାଇଛି। ମୁଜାଫରନଗରରେ, ହଜାର ହଜାର ଶିଆ ମୁସଲମାନ ଖେମିନିଙ୍କ ହତ୍ୟାର ପ୍ରତିବାଦରେ ଏକ ଶୋଭାଯାତ୍ରା ବାହାର କରିଥିଲେ ଏବଂ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ଏକ ସ୍ମାରକପତ୍ର ପଠାଇଥିଲେ।

## ଆମେରିକାର ୩ ଲଢୁଆ ବିମାନକୁ ଖସେଇ ପକାଇଲା କୁଏତ୍

ୱାସିଂଟନ: ମଧ୍ୟପ୍ରାଚ୍ୟରେ ଯୁଦ୍ଧସ୍ଥିତି ଭୟଙ୍କର ହେଉଥିବାବେଳେ କୁଏତ୍ରେ ଥିବା ଆମେରିକାର ସାମରିକ ଘାଟିରେ ଏହାର ତିନିଜଣ ସୈନ୍ୟଙ୍କର ମୃତ୍ୟୁ ହୋଇଛି। ଆମେରିକା ଏହାକୁ ଇରାନବିରୋଧୀ ଅଭିଯାନର ପ୍ରଥମ ମୃତ୍ୟୁ ଘଟଣା ବୋଲି କହିଛି। ଅନ୍ୟପକ୍ଷରେ ଆମେରିକାର ୩ଟି ଲଢୁଆ ଯୁଦ୍ଧ ବିମାନକୁ କୁଏତ୍ ସୋମବାର ସକାଳେ



ଭୁଲ୍ରେ ଗୁଳିକରି ଖସେଇ ପକାଇଛି। ତେବେ ତିନି ଏଫ୍-୧୫ ଷ୍ଟ୍ରାଇକ୍ ଇଗଲ୍ସର ୬ ଜଣ ସଦସ୍ୟ ସୁରକ୍ଷିତ ଭାବେ ବାହାରିଯାଇଛନ୍ତି ବୋଲି ଆମେରିକା ପକ୍ଷରୁ କୁହାଯାଇଛି।

ପେଣ୍ଟାଗନ ସୋମବାର ଏହାକୁ ବନ୍ଧୁତ୍ୱପୂର୍ଣ୍ଣ ଗୁଳିମାଡ଼ ଘଟଣା ବୋଲି ବର୍ଣ୍ଣନା କରି କହିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ତୃତୀୟ ଦିନରେ ପହଞ୍ଚି ଥିବାବେଳେ କୁଏତ୍ ଏୟାର୍ ଡିଫେନ୍ସ ଭୁଲ୍ରେ ଏହାର ଲଢୁଆ ବିମାନକୁ ଆକ୍ରମଣ କରିଥିଲା ବୋଲି ପେଣ୍ଟାଗନ ପକ୍ଷରୁ କୁହାଯାଇଛି। ବିମାନ ତଳକୁ ଖସି ପଡ଼ିବା ପୂର୍ବରୁ ପାଇଲଟ୍ ସୁରକ୍ଷିତ ଭାବେ ବିମାନରୁ ବାହାରି ଆସିଥିଲେ। ପାଇଲଟ୍ଙ୍କ ଅବସ୍ଥା ସ୍ଥିର ରହିଛି। ସୋମବାର ସିଏନ୍ଏନ୍ ଦ୍ୱାରା ପ୍ରସାରିତ ଏକ ଭିଡିଓରେ ଏକ ଲଢୁଆ ବିମାନର ତଳଭାଗରେ ନିଆଁ ଲାଗିଯାଇଥିବାବେଳେ ଏହା ତଳକୁ ଖସୁଥିବାର ଦେଖିବାକୁ ମିଳିଥିଲା।

ଆମେରିକାର ଏକ ପ୍ରମୁଖ ବାୟୁସେନା ଘାଟି ଅଲି ଅଲ ସାଲେମ୍ଠାରୁ ଏହା ୧୦ କିମି ଦୂରରେ ପଡ଼ିଥିଲା। ଏହା ଏଫ୍-୧୫ଇ କିମ୍ବା ଏଫ୍ଏ-୧୮ ଲଢୁଆ ବିମାନ ହୋଇଥାଇପାରେ ବୋଲି ସିଏନ୍ଏନ୍ ପକ୍ଷରୁ କୁହାଯାଇଛି। କୁଏତର ମିନା ଅଲ ଅହମଦି ରିଫାଇନାରୀ ଉପରେ ବିମାନର ଜଳନ୍ତା ଅଂଶ ପଡ଼ି ୨ ଜଣ କର୍ମଚାରୀ ଆହତ ହୋଇଛନ୍ତି।

## ଆଖିବୁଜିଲେ ଖେମିନିଙ୍କ ପତ୍ନୀ



ତେହେରାନ: ଇରାନର ସର୍ବୋଚ୍ଚ ନେତା ସ୍ୱର୍ଗତ ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁର ଦୁଇ ଦିନ ପରେ ତାଙ୍କ ପତ୍ନୀ ମନସୁରେହ ଖୋଜସ୍ତେହ ବଘେରଜାଦେହ ଆଖି ବୁଜିଛନ୍ତି। ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣ ସମୟରେ ସେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଖେମିନିଙ୍କ ପତ୍ନୀଙ୍କ ମୃତ୍ୟୁ ସଂପର୍କରେ ଇରାନର ସରକାରୀ ଗଣମାଧ୍ୟମ ସୂଚନା ଦେଇଛି। ଖେମିନିଙ୍କ ଉପରେ ହୋଇଥିବା ଆକ୍ରମଣରେ ତାଙ୍କ ପରିବାରର ଅନେକ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ଖେମିନି ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ମୃତ୍ୟୁ ଆମେରିକା ଓ ଇସ୍ରାଏଲ ବିରୋଧରେ ଆକ୍ରମଣକୁ ତୀବ୍ର କରିବା ପାଇଁ ପ୍ରୋତ୍ସାହିତ କରିବ ବୋଲି କୁହାଯାଉଛି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଅଲି ଖେମିନିଙ୍କ ହତ୍ୟାକୁ ନେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ଖେମିନିଙ୍କୁ ସେ ଯଦି ହତ୍ୟା କରି ନ ଥାନ୍ତେ, ତେବେ ଖେମିନି ତାଙ୍କୁ ହତ୍ୟା କରିଥାନ୍ତେ। ତାଙ୍କୁ ହତ୍ୟା କରିବାକୁ ଇରାନ ପକ୍ଷରୁ ଦୁଇ ଥର ଷଡ଼ଯନ୍ତ୍ର ରଚାଯାଇଥିଲା ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ଆମେରିକାର ଜଣେ ସାମ୍ବାଦିକଙ୍କ ସହିତ କଥା ହେବା ସମୟରେ ଏପରି ଚକିତ କରିଦେବା ପରି ତଥ୍ୟ ରଖିଛନ୍ତି।

## ଇରାନ ଡ୍ରୋନ ଆଟାକରେ ଜଳିଲା ସାଉଦି ତୈଳ ବିଶୋଧନାଗାର

ଓମାନ : ଇରାନର ଡ୍ରୋନ ଆଟାକରେ କ୍ଷତିଗ୍ରସ୍ତ ହୋଇଛି ସାଉଦି ଆରବର ସବୁଠାରୁ ବଡ଼ ତୈଳ ବିଶୋଧନାଗାର। ଆରାମକୋରେ ଥିବା ରାସ ତାନୌରା ବିଶୋଧନାଗାରରେ ଇରାନ ପକ୍ଷରୁ ଏକାଧିକ ଡ୍ରୋନ ମାଡ଼ କରାଯାଇଛି। ଡ୍ରୋନ ଆଟାକ ଯୋଗୁ ବିଶୋଧନାଗାର ଜଳି ଯାଇଥିବା ବେଳେ ସେଠାରୁ ଭୟଙ୍କର କଳା ଧୂଆଁ ବାହାରୁ ଥିବା ଭିଡିଓ ସାମ୍ନାକୁ ଆସିଛି। ସାଉଦି ଆକ୍ରମଣକୁ ନିଶ୍ଚିତ କରିବା ସହ ଅସ୍ଥାୟୀ ଭାବେ ରାସ ତାନୌରା ବିଶୋଧନାଗାରକୁ ବନ୍ଦ କରିଥିବା କହିଛି। ରାସ ତାନୌର ହେଉଛି ବିଶ୍ୱ ତଥା ସାଉଦିର ଅନ୍ୟତମ ବଡ଼ ତୈଳ ବିଶୋଧନାଗାର। ଏଠାରେ ଦୈନିକ ୫୫୦,୦୦୦ ବ୍ୟାରେଲ ତୈଳ ଉତ୍ପାଦନ ହୋଇଥାଏ। ତେଣୁ ଏତେ ବଡ଼ ବିଶୋଧନାଗାର ଉପରେ ହମଲା ପୂରା ମଧ୍ୟପ୍ରାଚ୍ୟର ଶକ୍ତି ଭିତ୍ତିଭୂମିରେ ବିଭ୍ରାଟ ସୃଷ୍ଟି କରିପାରେ। ଏହାକୁ ନେଇ ପୂରା ବିଶ୍ୱ ଏବେ ଚିନ୍ତାରେ ରହିଛି। ତୈଳ ବିଶୋଧନାଗାର ଇରାନ ଡ୍ରୋନ ଆଟାକରେ କ୍ଷତିଗ୍ରସ୍ତ ହୋଇଥିବା



ଭିଡିଓ ସାମ୍ନାକୁ ଆସିଥିଲେ ହେଁ ଏଯାଏ ଆରାମକୋର ମିଡିଆ ଅଫିସ ଏହା ଉପରେ କୌଣସି ପ୍ରକାରର ପ୍ରତିକ୍ରିୟା ଦେଇ ନାହିଁ। କିନ୍ତୁ ସାଉଦିର ପ୍ରତିରକ୍ଷା ବିଭାଗର ମୁଖପାତ୍ର କହିଛନ୍ତି ଯେ ସାଉଦିର ଆରାମକୋରେ ଥିବା ରାସ ତାନୌରା ତୈଳ ବିଶୋଧନାଗାରକୁ ଦୁଇଟି ଡ୍ରୋନ ଦ୍ୱାରା ଟାର୍ଗେଟ କରାଯାଇଥିଲା। କିନ୍ତୁ ସେଗୁଡ଼ିକୁ ଚିହ୍ନଟ କରାଯାଇ ପାରିଛି। ବିଶ୍ୱ ତୈଳ ମାର୍କେଟରେ ଅତ୍ୟନ୍ତ ଚିନ୍ତାଜନକ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ରାସ ତାନୌରାରେ ଆକ୍ରମଣ ହୋଇଥିବା ଖବର ସାମ୍ନାକୁ ଆସିଛି। ଇରାନ ଓ ଆମେରିକା ମଧ୍ୟରେ ତିକ୍ତତା ଲାଗି ରହିଥିବାରୁ ଅଶୋଧିକ ତୈଳ ଦର ୪ବର୍ଷର ରେକର୍ଡ ଭାଙ୍ଗିଛି। ଷ୍ଟ୍ରେଟ ଅଫ ହର୍ମୁଜକୁ ଇରାନ ବନ୍ଦ କରିବା ସହ ସେଠାରେ ଏକାଧିକ ଜାହାଜ ଉପରେ ଆକ୍ରମଣ କରିଛି। ଥିଯୋଗୁ ଏହି ରାସ୍ତା ଦେଇ ବିଶ୍ୱ ବିଭିନ୍ନ ଦେଶକୁ ଯାଉଥିବା ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତା ଦେଇ ବିଶ୍ୱର ପ୍ରାୟ ୨୦% ଜାହାଜ ଚଳାଚଳ କରେ। ହେଲେ ଏବେ ଇରାନ ସେଗୁଡ଼ିକ ଉପରେ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଛି। ଏହାବାଦ ଗଲ୍ଫ ଅଫ ଓମାନରେ ମଧ୍ୟ ଗୋଟିଏ ତେଲ ଟ୍ୟାଙ୍କର ଉପରେ ହମଲା ହୋଇଛି।

## ମମତାଙ୍କ ଅନଶନ ଧମକ

କଲକାତା : ଏସଆଇଆର ପ୍ରକ୍ରିୟାର ଚୂଡ଼ାନ୍ତ ତାଲିକାରେ ପ୍ରାୟ ୬୪ ଲକ୍ଷ ଭୋଟରଙ୍କ ନାମ ବାଦ ପଡ଼ିଥିବା ଅଭିଯୋଗକୁ କେନ୍ଦ୍ର କରି ପଶ୍ଚିମବଙ୍ଗର ରାଜନୀତି ତିବ୍ର ହୋଇଉଠିଛି। ଏହାର ପ୍ରତିବାଦରେ ଆଗାମୀ ୬ ମାର୍ଚ୍ଚ ଧର୍ମତଲାର ମେଟ୍ରୋ ଚ୍ୟାନେଲରେ ମୁଖ୍ୟମନ୍ତ୍ରୀ ମମତା ବନ୍ଦ୍ୟୋପାଧ୍ୟାୟ ଅନଶନ କରିବେ ବୋଲି ତୃଣମୂଳ କଂଗ୍ରେସର ସାଧାରଣ ସଚିବ ଅଭିଷେକ ବନ୍ଦ୍ୟୋପାଧ୍ୟାୟକହିଛନ୍ତି। ଅଭିଷେକଙ୍କ ଅଭିଯୋଗ ଯେ "ଏସଏଇଆର ତାଲିକାରୁ ବହୁ ପରିମାଣରେ ନାମ ବାଦ ହେବା ଗଭୀର ଚିନ୍ତାର ବିଷୟ। ବିଜେପିର ରାଜନୈତିକ ଲକ୍ଷ୍ୟ ପୂରଣ ପାଇଁ ଏହି ପଦକ୍ଷେପ ନେଇଛି।" ସେ ଆହୁରି କହିଛନ୍ତି, ଯଦି ଜଣେ



ବୈଧ ଭୋଟରଙ୍କ ନାମ ମଧ୍ୟ ବାଦ ପଡିଲେ ଆନ୍ଦୋଳନ ଆହୁରି ତୀବ୍ର ହେବ। ଗତ ୨୭ ଅକ୍ଟୋବରରୁ ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେହି ସମୟରୁ ତୃଣମୂଳ କଂଗ୍ରେସ ଏହାକୁ ନେଇ ପ୍ରଶ୍ନ ଉଠାଇଆସୁଛି। ଦଳୀୟ ସୂତ୍ରରୁ ଜଣାଯାଇଛି, ଏହି ବିଷୟରେ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ଆବଶ୍ୟକ ପଡ଼ିଲେ ଆଦାଲତର ଶରଣ ନେବାକୁ ମଧ୍ୟ ଦଳ ପ୍ରସ୍ତୁତ ଅଛି। ସାମ୍ବାଦିକମାନଙ୍କ ସମ୍ମୁଖରେ କମିଶନକୁ ଉଦ୍ଦେଶ୍ୟ କରି ଅଭିଷେକ କହିଛନ୍ତି, "ଲୋକତନ୍ତ୍ରରେ ଭୋଟ ହେଉଛି ସବୁଠାରୁ ବଡ଼ ଅଧିକାର। ଏହିଭଳି ଭାବେ ଲୋକଙ୍କ ନାମ ବାଦ କରାଗଲେ ଆମେ ଚୁପ୍ ରହିବୁ ନାହିଁ।" ନାମ ବାଦ ହୋଇଥିବା କର୍ମୀ ଓ ସମର୍ଥକମାନଙ୍କୁ ଆବଶ୍ୟକ ଆବେଦନ ପତ୍ର ଦାଖଲ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟର ରାଜନୈତିକ ପରିବେଶ ଗରମ ହୋଇଉଠିଥିବା ବେଳେ, ୬ ମାର୍ଚ୍ଚର ଧରଣା କେତେ ଦୂର ପର୍ଯ୍ୟନ୍ତ ପ୍ରଭାବ ପକାଇବ ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ଧର୍ମତାଲା ଅନଶନ ଉପରେ ରହିଛି।

## ଦୋହଲିଗଲା ଷ୍ଟକ୍ ବଜାର : ସେନ୍ସେକ୍ସ ୧୦୪୮ ପଏଣ୍ଟ ଖସିଲା

ମୁମ୍ବାଇ: ଇରାନ ଉପରେ ଆମେରିକା-ଇସ୍ରାଏଲ୍ର ଆକ୍ରମଣ ପ୍ରଭାବରେ ସୋମବାର ସମଗ୍ର ଏସିଆର ଷ୍ଟକ୍ ବଜାର ଦୋହଲିଯାଇଛି। ଭାରତଠାରୁ ଆରମ୍ଭ କରି ପାକିସ୍ତାନ ପର୍ଯ୍ୟନ୍ତ ଚାରିଆଡ଼େ ଯୁଦ୍ଧର ତାତି ଅନୁଭୂତ ହୋଇଛି। ନିବେଶକମାନେ ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୧୦୪୮ ପଏଣ୍ଟ ହ୍ରାସ ପାଇ ୮୦,୨୩୯ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୧୩ ପଏଣ୍ଟ ହ୍ରାସ ପାଇ ୨୪,୮୬୬ ପଏଣ୍ଟରେ ବନ୍ଦ ହୋଇଛି। ଭୂରାଜନୈତିକ ଉତ୍ତେଜନା ଓ ଯୁଦ୍ଧ ଭଳି ସ୍ଥିତି ବଢୁଥିବାରୁ ଦେଶରେ ଦରଦାମ୍





ବେଲଗାମ ହେବା ଆଶଙ୍କା ଦେଖାଦେଇଛି। ଏଥି ସହିତ କର୍ପୋରେଟ୍ ସଂସ୍ଥାଗୁଡ଼ିକର ଲାଭ ମଧ୍ୟ ପ୍ରଭାବିତ ହୋଇପାରେ। ତେଣୁ ଯୁଦ୍ଧ ଦ୍ୱାରା ପ୍ରଭାବିତ ହେବାକୁ ଥିବା କ୍ଷେତ୍ରଗୁଡ଼ିକର ସେୟାରକୁ ନିବେଶକମାନେ ବିକ୍ରି କରୁଛନ୍ତି। କିଛି ନିବେଶକମାନେ ସେୟାର ବିକ୍ରି କରି ସେହି ପାଣ୍ଠିକୁ ସୁନା ଓ ରୁପା ଭଳି ସୁରକ୍ଷିତ ମାଧ୍ୟମରେ ନିବେଶ କରୁଛନ୍ତି। ସେଥିପାଇଁ ଭାରତୀୟ ଷ୍ଟକ୍ ବଜାରରେ ଆଜି କାରବାର ମାନ୍ଦା ରହିଥିଲା।

କେବଳ ଭାରତ ନୁହେଁ, ପାକିସ୍ତାନ ଷ୍ଟକ୍ ବଜାରରେ ମଧ୍ୟ ଆଜି କାରବାରରେ ଘୋର ଅସ୍ଥିରତା ଦେଖିବାକୁ ମିଳିଥିଲା। ପାକିସ୍ତାନର କରାଚୀ ଷ୍ଟକ୍ ଏକ୍ସଚେଞ୍ଜ-୩୦ ସୂଚକାଙ୍କ ୯.୭୩ ପ୍ରତିଶତ (ପ୍ରାୟ ୫୦୦୦ ପଏଣ୍ଟ) ହ୍ରାସ ପାଇ ୪୬,୩୨୬ ପଏଣ୍ଟରେ ବନ୍ଦ ହୋଇଛି। ଜାପାନର ନିକେଇ ୧.୩୫ ପ୍ରତିଶତ ହ୍ରାସ ପାଇ ୫୮,୦୫୭ ପଏଣ୍ଟରେ ବନ୍ଦ ହୋଇଛି। ହଂକଂର ହ୍ୟାଙ୍ଗ ସେଙ୍ଗ ସୂଚକାଙ୍କ ୨.୧୪ ପ୍ରତିଶତ ହ୍ରାସ ପାଇ ୨୬,୦୫୯ ପଏଣ୍ଟରେ ବନ୍ଦ ହୋଇଛି। ଚୀନ୍ର ସାଂଘାଇ କମ୍ପୋଜିଟ୍ ସୂଚକାଙ୍କ ୦.୪୭ ପ୍ରତିଶତ ହ୍ରାସ ପାଇ ୪,୧୮୨ ପଏଣ୍ଟରେ ବନ୍ଦ ହୋଇଛି। ଅନ୍ୟ ପକ୍ଷରେ ଆମେରିକାରେ ଡାଓ ଜୋନ୍ସ ୧୭ ପଏଣ୍ଟ ହ୍ରାସ ଘଟି ୪୮,୯୭୭ ପଏଣ୍ଟରେ ବନ୍ଦ ହୋଇଛି। ପ୍ରଯୁକ୍ତି ଆଧାରିତ ଷ୍ଟକ୍ ସୂଚକାଙ୍କ ନାସ୍ଡାକ୍ କମ୍ପୋଜିଟ୍ ୦.୯୨ ପ୍ରତିଶତ ହ୍ରାସ ପାଇ ୨୨,୬୬୮ ପଏଣ୍ଟରେ ବନ୍ଦ ହୋଇଛି।

# ପାକ୍ ଖେଳାଳିଙ୍କ ଉପରେ ଲାଗିଲା ଫାଇନ

କୋଲକାତା, ୨।୩(ଏଜେନ୍ସି) : ଚଳିତ ଟି-୨୦ ବିଶ୍ୱକପରେ ଭାରତ ଠାରୁ ଗ୍ରୁପ ପର୍ଯ୍ୟାୟରେ ହାରିଥିବା ପାକିସ୍ତାନ ସୁପର ୮ରୁ ଆଗକୁ ଯାଇ ପାରିନାହିଁ। ଦଳର ପ୍ରଦର୍ଶନ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ପାକିସ୍ତାନ କ୍ରିକେଟ ଟିମ ସେମି ଫାଇନାଲକୁ ଯିବାରେ ବିଫଳ ହେବା ଓ ଭାରତ ଠାରୁ ଗ୍ରୁପ ପର୍ଯ୍ୟାୟରେ ହାରିଥିବାରୁ ଏବେ ସେମାନଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଜାତୀୟ ଟିମର ଖେଳାଳିଙ୍କ ଉପରେ ମୋଟା ଅଙ୍କର ଜୋରିମାନା ଲଗାଇଛି ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି। ଜାତୀୟ ଟିମର ଖେଳାଳିଙ୍କ ଉପରେ ପିସିବି ପାକିସ୍ତାନ ମୁଦ୍ରା ୫ ମିଲିୟନ ବା ୧୬.୨୮ ଲକ୍ଷ ଟଙ୍କା ଲେଖାଏ ଫାଇନ ଲାଗୁ କରିଛି। ଏନେଇ ଏକ୍ସପ୍ରେସ ଟ୍ରିବ୍ୟୁନରେ ଖବର



ପ୍ରକାଶ ପାଇଛି।

ରିପୋର୍ଟରେ ଦାବି କରାଯାଇଛି ଯେ ଜୋରିମାନା ଲାଗୁ ନିଷ୍ପତ୍ତି ପିସିବି ଭାରତ ବିପକ୍ଷ ମ୍ୟାଚ୍ ପାକିସ୍ତାନ ହାରିବା ପରଠାରୁ ନେଇ ସାରିଥିଲା। କିନ୍ତୁ ପାକିସ୍ତାନ ସୁପର ୮ରୁ ବିଦା ହେବା ପରେ ଜୋରିମାନା ନିର୍ଦ୍ଦେଶ ଖବର ସାମ୍ନାକୁ ଆସିଛି। ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରେ ଭାରତ ଠାରୁ ହାରିଥିଲେ ମଧ୍ୟ ସୁପର ୮କୁ ଯାଇଥିଲା। ଦଳ ସେଠାରେ ଇଂଲଣ୍ଡ ଠାରୁ ହାରିଥିଲା ଓ ଶ୍ରୀଲଙ୍କା ଠାରୁ ମାତ୍ର ୫ ରନରେ ଜିତିଥିଲା। ଶ୍ରୀଲଙ୍କା ବିପକ୍ଷ ବିଜୟ ସତ୍ତ୍ୱେ ଦୁର୍ବଳ ରନ ରେଟ ପାଇଁ ପାକିସ୍ତାନ ସେମିରେ ପହଞ୍ଚି ପାରି ନାହିଁ। ଟି-୨୦ ବିଶ୍ୱକପରେ ପାକିସ୍ତାନ ଖେଳାଳିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିବାରୁ ପିସିବି ଅଧିକାରୀମାନେ ଏହାକୁ ନେଇ କ୍ଷୁବ୍ଧ ରହିଛନ୍ତି।

ପୁଣି ଗୋଟିଏ ଆଇସିସି ଇଭେଣ୍ଟରେ ପାକିସ୍ତାନ ସେମିରେ ପହଞ୍ଚିବାକୁ ବିଫଳ ହୋଇଥିବାରୁ ପିସିବି ସେମାନଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛି। ସେହିପରି ପାକିସ୍ତାନ ଖେଳାଳିଙ୍କ ବିଶ୍ୱକପ ପ୍ରଦର୍ଶନକୁ ଦେଶର ଅନେକ ପୂର୍ବତନ ଖେଳାଳି ସମାଲୋଚନା କରିଛନ୍ତି। ତେଣୁ ଆଗାମୀ ଦିନରେ ପାକିସ୍ତାନ ଟି-୨୦ ଅଧିନାୟକ ସଲମାନ ଅଲୀ ଆଗାଙ୍କ ପଦବ ମଧ୍ୟ ଯାଇପାରେ। ସେହିପରି କୋଚ ମାଇକ ହେସନଙ୍କୁ ବି ପିସିବି ବିଦା କରିପାରେ। ପାକିସ୍ତାନର ବ୍ୟାଟିଂ ବୁଠାରୁ ଚିନ୍ତାଜନକ ରହିଥିବାରୁ ଏହା ଉପରେ ପିସିବି ବିଶେଷ ଧ୍ୟାନ ଦେବାକୁ ଚିନ୍ତା କରୁଛି। ଦଳରେ ଥିବା ବାବର ଆଜମ, ଅଧିନାୟକ ସଲମାନ ଅଲୀ, ଶାଦାବ ଖାନ, ଶାହୀନ ଶାହ ଆଫ୍ରିଦି ଓ ମହମ୍ମଦ ନୱାଜଙ୍କୁ ତୀବ୍ର ସମାଲୋଚନାର ସାମ୍ନା କରିବାକୁ ପଡ଼ିଛି। ଏପରି କି ସଲମାନ ଅଲୀ ଆଗା ପାକିସ୍ତାନ ଫେରିବା ପରେ ଅଧିନାୟକ ପଦରୁ ଇସ୍ତଫା ଦେବେ ବୋଲି ମଧ୍ୟ ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

# ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର: ହାଇଦ୍ରାବାଦର ଗୋଚିବୋଲି ହକି କମ୍ପ୍ଲେକ୍ସଠାରେ ଚଳିତ ମାସ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଲାଗି ଟିକେଟ ବିକ୍ରି ସୋମବାରଠୁ ଆରମ୍ଭ ହୋଇଛି। ଟିକେଟ ଦର ୨୫ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଇଷ୍ଟ ଷ୍ଟାଣ୍ଡ ଟିକେଟ୍ ଦର ସର୍ବାଧିକ ୧୦୦ ଟଙ୍କା ଥିଲା ବେଳେ ନର୍ଥ ଷ୍ଟାଣ୍ଡର ୫୦ ଓ ସାଉଥ୍ ଷ୍ଟାଣ୍ଡର ଦଳ ୨୫ ଟଙ୍କା ରହିଛି। ଯେପରି ଅଧିକରୁ ଅଧିକ ଦର୍ଶକ ପଡ଼ିଆକୁ ଆସିପାରିବେ ତାହାକୁ ନଜରରେ ରଖି ହକି ଇଣ୍ଡିଆ ଟିକେଟ ଦର ଏଭଳି କମ୍ ରଖିଛି। ଟିକେଟ ଜିନି ୱେବ ପୋର୍ଟାଲ 'https://ticketgenie.in/ticket/FIH-Hockey-World-Cup-2026-Qualifiers'ରେ ଟିକେଟ୍ ମିଳିବ। ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସହ ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ ଭାଗ ନେଉଛନ୍ତି। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ଦଳ ବେଲ୍ଜିୟମ ଓ ନେଦରଲାଣ୍ଡସରେ ଅଗଷ୍ଟ ମାସରେ ହେବାକୁଥିବା ବିଶ୍ୱକପକୁ ସିଧାସଳଖ



ଯୋଗ୍ୟତା ଅର୍ଜନ କରିବେ। ପୁଲ୍-ଏରେ ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ଥିଲା ବେଳେ ପୁଲ୍-ବି'ରେ ଭାରତ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସ ଅଛନ୍ତି। ଭାରତୀୟ ମହିଳା ଦଳ ମାର୍ଚ୍ଚ ୮ରେ ଉରୁଗୁଏ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୯ରେ ସ୍କଟଲାଣ୍ଡ ଓ ୧୧ରେ ୱେଲ୍ସକୁ ଭେଟି ପୁଲ୍ ପର୍ଯ୍ୟାୟ ଶେଷ କରିବ। ପ୍ରତି ପୁଲରେ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପହଞ୍ଚିବେ। ସେମିଫାଇନାଲ୍ ମାର୍ଚ୍ଚ ୧୩ରେ ଏବଂ ଫାଇନାଲ୍ ଓ ତୃତୀୟ ସ୍ଥାନ ମ୍ୟାଚ୍ ୧୪ ତାରିଖରେ ଖେଳାଯିବ।

# ପାନୀୟ ବିରତିରେ ଲେଜର୍ ସୋ

## ପ୍ରଶ୍ନ ଉଠାଇଲେ ଗାଭାସ୍କର, ଶାସ୍ତ୍ରୀ

କୋଲକାତା : ସ୍ଥାନୀୟ ଇଡେନ୍ ଗାର୍ଡେନରେ ଖେଳାଯାଇଥିବା ଭାରତ ଓ ୱେଷ୍ଟଇଣ୍ଡିଜ୍ ଟ୍ୱେଣ୍ଟି-୨୦ ବିଶ୍ୱକପ୍ର ସୁପର୍-୮ ମ୍ୟାଚ୍ର ପାନୀୟ ବିରତି ବେଳେ ଲେଜର ସୋ' କରାଯାଇଥିଲା। ଏହାକୁ ନେଇ ଦୁଇ ପୂର୍ବତନ ଭାରତୀୟ ଅଧିନାୟକ ସୁନିଲ ଗାଭାସ୍କର ଓ ରବି ଶାସ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ୧୯୬ ରନର ବିଜୟ ଲକ୍ଷ୍ୟକୁ ଭାରତ ପଶ୍ଚାତ୍ଧାବନ କରୁଥିଲା ବେଳେ ପାୱାରପ୍ଲେ ଶେଷ ବେଳକୁ ଦଳ ୫୩/୨ କରିଥିଲା। ଏହି ସମୟରେ ନିର୍ଦ୍ଧାରିତ ବିରତି ନିଆଯାଇଥିଲା। ଏହି ୩ ମିନିଟ୍ର ବିରତି ବେଳେ ଷ୍ଟାଡିୟମର ଆଲୋକକୁ ବନ୍ଦ କରାଯାଇ ଲେଜର ସୋ' ହୋଇଥିଲା। ଫଳରେ ଏହି କିଛି ସମୟ ପୂରା ଷ୍ଟାଡିୟମ୍ ଅନ୍ଧକାର ହୋଇଯାଇଥିଲା। ଏପରି ହାଟାତ୍ ଆଲୋକର ପରିବର୍ତ୍ତନ ବ୍ୟାଟର୍ଙ୍କ ଧ୍ୟାନ ଓ ଦୃଷ୍ଟିରେ ବାଧା ଦେଇପାରେ ବୋଲି ଗାଭାସ୍କର ଓ ଶାସ୍ତ୍ରି ଚିନ୍ତା ପ୍ରକାଶ କରିଛନ୍ତି। ଏଥିନେଇ ଗାଭାସ୍କର କହିଛନ୍ତି, "ପାନୀୟ ବିରତି ବେଳେ ଅଢ଼େଇ କିମ୍ବା ତିନି ମିନିଟ୍ ଲେଜର୍ ସୋ' ବ୍ୟାଟର୍ କିମ୍ବା ଅନ୍ୟ କାହା ପାଇଁ ସହଜ ହୋଇ ନଥିବ। ଚାରିପାଖରେ ଅନ୍ଧାର କରିବା ପରେ ଆଲୋକ ପୁଣି ଥରେ ଜଳିବ। ଏଥିରେ ଅଭ୍ୟସ୍ତ ହେବା ନିଶ୍ଚିତ କଷ୍ଟକର କଥା। ବିଶ୍ୱକପ୍ ଚାଲିଛି, ଏଠାରେ ମନୋରଞ୍ଜନର ଆବଶ୍ୟକ କଣ? ଆଇପିଏଲ୍ରେ ଏହା ଚଳିବ। କିନ୍ତୁ ବିଶ୍ୱକପ୍ ଭଳି ପ୍ରତିଯୋଗିତାର ପାନୀୟ ବିରତିରେ ଏହାର ଆବଶ୍ୟକ କଣ?"। ଶାସ୍ତ୍ରୀ କହିଛନ୍ତି ଯେ, ଏହା ଏକାଗ୍ରତା ଭାଙ୍ଗିଦେବ। ଖେଳାଳିଙ୍କ ଦୃଷ୍ଟିକୋଣରୁ ପୁଣି ଥରେ ଆରମ୍ଭ କରିବା କେବେବି ସହଜ ନୁହେଁ। ଏହା ନିଶ୍ଚିତ ଏକ ଗମ୍ଭୀର କଥା।

# ଗୋଶାଳା କପ ଦିବାରାତ୍ର କ୍ରିକେଟ : ପ୍ଲେ ବେକ ଚାଲେଞ୍ଜର ଚାମ୍ପିଅନ

ବାରିପଦା, (ସବ୍ୟୁ) : ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପ୍ଲେ ବେକ ଚାଲେଞ୍ଜର ୧୩ ରନରେ ଦାନୀ - ୧୧କୁ ପରାସ୍ତ କରି ଏ ବର୍ଷ ଚମ୍ପିୟାନ ହୋଇଛି। ପ୍ଲେ ବେକ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୬ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଞ୍ଜନ କୁମାର ତାମରେକର ୪୧, ତାପସ କୁମାର ରାଉତ ୩୭ ଓ ଶଙ୍କର ସାହୁ ୨୫ ରନ କରିଥିଲେ। ଉତ୍ତରରେ ଦାନୀ ଦଳ ୧୧.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ କରିପାରିଥିଲେ। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଧଳ ୪୪ ଓ ପ୍ରବୀଣ କୁମାର ଘଣା ୩୦ରନ କରିଥିବାବେଳେ ବିପକ୍ଷ ଦଳର ଆଦିତ୍ୟ କୁମାର ବସା ୩ଟି ଏବଂ ସୁଦ୍ଧିତ ସେଠି, ସଚିନ୍ଦ୍ର ନାଏକ ଓ ଅଞ୍ଜନ କୁମାର ତାମରେକର ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଗଦାଧର ନାୟକ ଓ ଲକ୍ଷ୍ମୀଧର ସିଂ




ଖେଳ ପରିଚାଳନା କରିଥିବାବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିବାବେଳେ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଅଞ୍ଜନ ତାମରେକରଙ୍କୁ ସାଇକଲ, ଶ୍ରେଷ୍ଠ ବ୍ୟାଟ୍ସମେନ ଓ ମ୍ୟାନ ଅଫ ଦି ସିରିଜ ଭାବେ ରିତୁନ ମହାନ୍ତିଙ୍କୁ ଓ୍ୱାସିଙ୍ଗ ମେସିନ ଓ ହିରୋ ବାଇକ, ଶ୍ରେଷ୍ଠ ବୋଲର ଭାବେ ସ୍ମୃତି ସେଠିଙ୍କୁ ଫ୍ରିଜ, ଶ୍ରେଷ୍ଠ ଫିଲଡର ଭାବେ ଆଦିତ୍ୟ ବସାଙ୍କୁ ସ୍ମାର୍ଟ ଘଡି ସହ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା ଓ ଚମ୍ପିୟାନ ଦଳକୁ ୨.୫ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ପୁରସ୍କାର ବିତରଣ କରିବା ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କ୍ରୀଡ଼ାବିତ ପରେଶ ମହାନ୍ତ, କ୍ରୀଡା ସଂଗଠକ ଗିରିଶ ଚନ୍ଦ୍ର ଦାସ, ସ୍ଥାନୀୟ କାଉନସିଲର ବିବେକାନନ୍ଦ ନାୟକ, ସମାଜସେବୀ ଅମର ସେଠି, ଯୁବ କଣ୍ଠଶିଳ୍ପୀ ସୌରଭ ଭଟ୍ଟାଚାର୍ଯ୍ୟ, ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ବିକ୍ରମ ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପଙ୍କଜ ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ।

# ସଞ୍ଜୁଙ୍କୁ ପ୍ରଶଂସା; ଅଭିଷେକଙ୍କୁ ସମାଲୋଚନା

କୋଲକାତା, ୨।୩(ଏଜେନ୍ସି) : ଟ୍ୱେଣ୍ଟି-୨୦ ବିଶ୍ୱକପର ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶେଷ ସୁପର୍-୮ ମ୍ୟାଚକୁ ଜିତି ଭାରତ ସେମିଫାଇନାଲ୍ ସ୍ଥାନ ପକ୍କା କରିଛି। ଏହି ମ୍ୟାଚରେ ସଞ୍ଜୁ ସାମ୍ସନ୍ ୫୦ ବଲରୁ ୧୨ ଚୌକା ୪ ଛକା ସହାୟତାରେ ୯୭ ରନର ଅପରାଜିତ ପାଳି ଭାରତକୁ ବିଜୟ ଦେବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଖାଲି ଏତିକି ନୁହେଁ ସେ ବିରାଟ କୋହଲି (୮୨)ଙ୍କୁ ପଛରେ ପକାଇ ଟ୍ୱେଣ୍ଟି-୨୦ ବିଶ୍ୱକପରେ ଭାରତୀୟ ବ୍ୟାଟର୍ ଭାବେ ରନ୍ ପଶ୍ଚାତଧାବନରେ ସର୍ବାଧିକ ସ୍କୋର୍ କରିଥିଲେ। ଏଥିସହ ଟ୍ୱେଣ୍ଟି-୨୦ ବିଶ୍ୱକପ୍ରେ ଗୋଟିଏ ପାଳିରେ ସର୍ବାଧିକ ରନ୍ କରିବାରେ ସୁରେଶ ରାଇନାଙ୍କ ପରେ ଦ୍ୱିତୀୟ ଭାରତୀୟ ହେବାର ଗୌରବ ପାଇଥିଲେ। ରାଇନା ୨୦୧୦ ଟ୍ୱେଣ୍ଟି-୨୦ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦୧ ରନ୍ କରିଥିଲେ।

ଏହି ମ୍ୟାଚ୍ ବିଜୟୀ ସାହାସିକ ପାଳି ପାଇଁ ସଞ୍ଜୁଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଛି। କ୍ୱାର୍ଟରଫାଇନାଲ୍ ଆଖ୍ୟା ପାଇଥିବା ଏହି ଇଣ୍ଡିଜ୍ ବିପକ୍ଷ ମ୍ୟାଚ୍ ବିଜୟୀ ପାଳି ଖେଳିଥିବା ସଞ୍ଜୁଙ୍କୁ ଦଳର ମୁଖ୍ୟପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ପୂର୍ବତନ କ୍ରିକେଟରମାନେ ପ୍ରଶଂସାରେ ପୋତି ଦେଇଛନ୍ତି। ମ୍ୟାଚ୍ ପରେ ଗମ୍ଭୀର କହିଛନ୍ତି ଯେ, "ସାମ୍ସନ୍ ଜଣେ ବିଶ୍ୱସ୍ତରୀୟ ଖେଳାଳି। ଆମେ ଏହା ଜାଣିଥିଲୁ ତେଣୁ ତାଙ୍କୁ ସମର୍ଥନ କରିଆସୁଥିଲୁ। ଦଳକୁ ଆଜି ତାଙ୍କର ଆବଶ୍ୟକ ଥିଲା ଏବଂ ସେ ନିଜର ପ୍ରକୃତ କ୍ଷମତା ଦେଖାଇଦେଲେ। ସେ ସ୍ଥିର ମାନସିକତାରେ ଖେଳିଥିଲେ। ଗତି ଉପରେ ଜୋର୍ଦାର ନ ଦେଇ ସାଧାରଣ କ୍ରିକେଟ୍ ସଟ୍ ଖେଳିଥିଲେ। ଏହା ତାଙ୍କର ପ୍ରତିଭା।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି